R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୦
ତିଥି : ଚତୁର୍ଦ୍ଦଶୀ
୨୪ ମାର୍ଚ୍ଚ ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 170
24 March 2024, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ରୁଷ୍‌ରେ ଆତଙ୍କବାଦୀ ଆକ୍ରମଣ

## ୧୪୩ ମୃତ, ଶତାଧିକ ଆହତ



ନୂଆଦିଲ୍ଲୀ, ୨୩।୩ : ରୁଷ୍ ରାଜଧାନୀ ମସ୍କୋରେ ଆତଙ୍କବାଦୀ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ୧୪୩ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ୪ ଆତଙ୍କବାଦୀଙ୍କୁ ଗିରଫ କରିଛି । ଆକ୍ରମଣ ପାଇଁ ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ନିଜକୁ ଦାୟି କରିଛି । ସନ୍ଦେହରେ ଆଉ ୧୧ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ପ୍ରାୟ ୨୦ ବର୍ଷ ପରେ ମସ୍କୋରେ ଏଭଳି ଆକ୍ରମଣ କରାଯାଇଛି ।

ରୁଷ୍ ସୁରକ୍ଷା ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଆକ୍ରମଣକାରୀଙ୍କର ୟୁକ୍ରେନ୍ ସହ ସମ୍ପର୍କ ରହିଛି । ସେମାନେ ୟୁକ୍ରେନ୍ ସୀମାରୁ ଗାଡି ଯୋଗେ ରୁଷ୍‌ରେ ପ୍ରବେଶ କରିଥିଲେ । ଆତଙ୍କବାଦୀ ଆକ୍ରମଣ ପରେ ସେମାନେ ରୁଷ୍ ଓ ୟୁକ୍ରେନ୍ ସୀମା ଦେଇ ପଳାଇ ଯାଇଥିବା ଅନୁମାନ କରାଯାଉଛି । ୟୁକ୍ରେନ୍‌ର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଏହି ଆକ୍ରମଣ ସହ ତାଙ୍କର କୌଣସି ଲେଣଦେଣ ନାହିଁ । ରୁଷ୍ ପକ୍ଷରୁ ଚାଲିଥିବା ଅତ୍ୟାଚାର ବିରୋଧରେ ଏଭଳି ଘଟଣା ଘଟିଛି । ମସ୍କୋରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣ ଲାଗି ଇସ୍‌ଲାମିକ୍ ଷ୍ଟେଟ୍ ନିଜକୁ ଦାୟି କରିଛି । ଗତକାଲି ରାତିରେ ମସ୍କୋ ସ୍ଥିତି କକ୍ରୋସ୍ ସିଟି ହଲ୍ ନିକଟରେ ରୁଷ୍‌ର ପ୍ରମୁଖ ରକ୍‌ବ୍ୟାଣ୍ଡ ପିକ୍‌ନିକ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଚାଲିଥିଲା । ୬ ହଜାରରୁ ଅଧିକ ଦର୍ଶକ ଏଠାରେ ଉପସ୍ଥିତ ଥିଲେ । ଜନଗହଳି ସ୍ଥାନ ଉପରକୁ ହଠାତ୍ ଆଖିବୁଜା ଗୁଳିଚାଳନା କରାଯାଇଥିଲା । ଫଳରେ କନ୍‌ସେଟ୍

**ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ଆକ୍ରମଣ ଲାଗି ନିଜକୁ ଦାୟୀ କଲା**

ହଲ୍‌ରେ ନିଆଁ ଲାଗି ଯାଇଥିଲା । ଏଥିରେ ୧୪୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି । ଗୁଳିଚାଳନା ସମୟରେ ଲୋକମାନେ ହଲ୍ (୯ ପୃଷ୍ଠାରେ)

## ରାଜ୍ୟରେ ଆହୁରି ବଢ଼ିବ ତାତି



ଭୁବନେଶ୍ୱର, ୨୩।୩ (ସବ୍ୟୁ) : ରାଜ୍ୟରେ ତାତି ବୃଦ୍ଧି ପାଉଛି । ଲଗାଣ ବର୍ଷା ପରେ ପାଗରେ ପରିବର୍ତ୍ତନ ହୋଇଛି । ଆଜି ୫ ସହରରେ ୩୭ ଡିଗ୍ରୀ ଛୁଇଁଛି ପାରଦ । ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ଦିନ ତାପମାତ୍ରା ଆହୁରି ବଢ଼ିବ । ଆଗାମୀ ୪ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ୩ରୁ ୫ଡ଼ିଗ୍ରୀ ଯାଏଁ ବୃଦ୍ଧି ସମ୍ଭାବନା ରହିଛି । ଆଭ୍ୟନ୍ତରୀଣ ତଥା ପଶ୍ଚିମ ଓଡ଼ିଶାର ଚଳିତ ମାସ ଶେଷ ବେଳକୁ କିଛି ଅଞ୍ଚଳରେ ତାପମାତ୍ରା ୩୯ରୁ ୪୦ ଡ଼ିଗ୍ରୀ ଯାଏଁ ଅନୁଭୂତ ହୋଇପାରେ ।

ପାଣିପାଗ ବିଭାଗର କହିବାନୁସାରେ, ଉପକୂଳ ଓଡିଶାରେ ତାତି ସହ ଅସମ୍ଭାଳ ଗୁଳୁଗୁଳି ହେବ । ୨୫ ଏବଂ ୨୬ ତାରିଖରେ ପର୍ଣ୍ଣିମା ଝଡ ପ୍ରଭାବରେ ଉତ୍ତର ଓଡ଼ିଶାରେ

**ଆଭ୍ୟନ୍ତରରେ ୩୯ରୁ ୪୦° ଛୁଇଁବ**
**୫ ସହରରେ ତାପମାତ୍ରା ୩୭ ଡିଗ୍ରୀ**
**ବଲାଙ୍ଗୀରରେ ସର୍ବାଧିକ ତାତି ୩୮°**

ଆଶ୍ୱସ୍ତି ଆଣିବ ହାଲୁକା ବର୍ଷା । କିନ୍ତୁ ୨୮ ତାରିଖରୁ ଅସମ୍ଭାଳ ହେବ ତାତି । ଗ୍ରୀଷ୍ମ ଲହରୀ ସୃଷ୍ଟି ହେବ । ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ । ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ଯାଏଁ ବଢ଼ିବ ତାତି । (୯ ପୃଷ୍ଠାରେ)

## ବାପା କରିଥିଲେ ଋଣ, ୨ ନାବାଳକଙ୍କୁ ବ୍ୟାଙ୍କ ନୋଟିସ୍

ସମ୍ବଲପୁର/ବରଗଡ଼, ୨୩।୩ (ସବ୍ୟୁ) : ବାପା କରିଥିଲେ ଋଣ। ଏବେ ଦୁଇ ଅନାଥ ନାବାଳକ ପୁଅଙ୍କ ପାଖକୁ ଆସିଛି କୋର୍ଟ ନୋଟିସ୍ । ଋଣ ଟଙ୍କା ସୁଝିବାକୁ କୁହାଯାଇଛି । ଏସବିଆଇ ପଠାଇଛି ଏହି ନୋଟିସ୍। ଅଜାଙ୍କ ତତ୍ତ୍ୱାବଧାନରେ ନୂଆକରି ଦୁନିଆ ଦେଖୁଥିବା ବେଳେ କୋର୍ଟଙ୍କର ଏହି ଦୁଇ କୁନି ଭାଇଙ୍କ ନିଦ ହଜାଇ ଦେଇଛି। ବିଧୁଭୂଷଣ ଓ ତାଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିଲେ ୧୨ ବର୍ଷର ପୁଅ। ପ୍ରତିପ୍ରିୟଦର୍ଶିନୀ ପୁଟା ଓ ୮ ବର୍ଷର ପୁଅ ପ୍ରଜିତ ପ୍ରିୟଦର୍ଶିନୀ। ପରିବାରରେ ଆଉ କେହି ନଥିବାରୁ ସେତେବେଳେ ସୁବର୍ଣ୍ଣପୁର ଏସପି ଦୁଇ ଛୁଆଙ୍କୁ ତାଙ୍କ ଅଜା ସାରଥୀ ଧୂରୁଆଙ୍କ ହେପାଜତରେ ଛାଡ଼ିଥିଲେ ।

ବରଗଡ଼ ଜିଲ୍ଲାରୁ ଆସିଛି ଏପରି ଖବର। ବରଗଡ଼ ଜିଲ୍ଲା ଗଣ୍ଡପାଲି ଗାଁର ବିଧୁଭୂଷଣ ପୁଟା ପେସାରେ ଜଣେ ପୋଲିସ୍ ଇନ୍ସପେକ୍ଟର। ଚାକିରି ଜୀବନ କାଳ ଭିତରେ ଅନେକ ଥାନାରେ ନିୟୋଜିତ ହୋଇଥିଲେ। ହେଲେ ମହାମାରୀ କୋଭିଡ୍ ସମୟରେ ସେ ସୋନପୁର ଅଫିସରେ ଚାକିରି କରୁଥିଲେ। ଡ୍ୟୁଟିରେ ଥିବା ବେଳେ ହାର୍ଟ ଆଟାକରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଧୁଭୂଷଣଙ୍କ ମୃତ୍ୟୁ ପରେ କୋଭିଡ଼ରେ ଆକ୍ରାନ୍ତ ହୋଇ ଅଫେରା ପଥରେ ଚାଲି ଯାଇଥିଲେ ପତ୍ନୀ। ପରିବାରରେ ଆଉ କେହି ନଥିବାରୁ ସେତେବେଳେ ସୋନପୁର ଏସପି ଦୁଇ ଛୁଆଙ୍କୁ ତାଙ୍କ ଅଜା ସାରଥୀ ଧୂରୁଆଙ୍କ ହେପାଜତରେ ଛାଡ଼ିଥିଲେ । ଦୁଇ ପିଲା ଅଜାଙ୍କ ସହିତ (୯ ପୃଷ୍ଠାରେ)

## କେଜରିୱାଲଙ୍କ ଗିରଫଦାରି ସମ୍ପର୍କରେ ଜର୍ମାନୀର ମନ୍ତବ୍ୟ



ନୂଆଦିଲ୍ଲୀ, ୨୩।୩ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫକୁ ନେଇ ଜର୍ମାନ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ମନ୍ତବ୍ୟକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆପତ୍ତି କରାଯାଇଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଏହା ହେଉଛି

### ବିରୋଧ କଲା ବୈଦେଶିକ ମନ୍ତ୍ରଣାଳୟ

ହସ୍ତକ୍ଷେପ । ଭାରତୀୟ ନ୍ୟାୟ ପ୍ରଣାଳୀରେ ଜର୍ମାନର ମନ୍ତବ୍ୟ ହସ୍ତକ୍ଷେପ କଲାଭଳି । ଏପରି ମନ୍ତବ୍ୟ ନ୍ୟାୟ ବ୍ୟବସ୍ଥାର ସ୍ୱତନ୍ତ୍ରତାକୁ ପ୍ରଭାବିତ କରିବ । ଏହି ମନ୍ତବ୍ୟ ପାଇଁ ଜର୍ମାନ ଦୂତାବାସର ମୁଖ୍ୟଙ୍କୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଡକାଯାଇ ଏହାର ପ୍ରତିବାଦ ଦିଆଯାଇଛି ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏଭଳି ମନ୍ତବ୍ୟକୁ ଆମେ ଅନୁଧ୍ୟାନ କରୁଛୁ ଯେ ଆମର ନ୍ୟାୟିକ ପ୍ରଣାଳୀ ଉପରେ ଏହା ହସ୍ତକ୍ଷେପ । ଆମର ନ୍ୟାୟିକ ପ୍ରଣାଳୀ ହେଉଛି ସ୍ୱତନ୍ତ୍ର ଓ ସ୍ୱାଧୀନ । ଭାରତର ଗଣତନ୍ତ୍ର ଦେଶର ଆଇନ୍ ଅନୁଯାୟୀ ଚାଲିଥାଏ ଓ ଏହା ଯାଜ୍ୱଲ୍ୟମାନ । ବିଶ୍ୱର ଯେକୌଣସି ଗଣତାନ୍ତ୍ରୀକ ଦେଶରେ ଆମର ଆଇନ୍‌ଗତ ବ୍ୟବସ୍ଥା ସବୁଠୁ ଉପରେ ଓ ଏହା ପ୍ରଭାବିତ ନୁହେଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । (୯ ପୃଷ୍ଠାରେ)

## ହୀରାକୁଦରେ ବ୍ୟାପୁଛି ଝାଡାବାନ୍ତି, ୧୨୭ ଆକ୍ରାନ୍ତ

ସମ୍ବଲପୁର, ୨୩।୩ (ସବ୍ୟୁ) : ହୀରାକୁଦ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ୩ଦିନରେ ମୋଟ ୧୨୭ଜଣ ଆକ୍ରାନ୍ତ ହୋଇଛନ୍ତି । ସେଥିମଧ୍ୟରୁ ଜଣକର ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ସ୍ଥାନୀୟ ଅଞ୍ଚଳର ଦିଲେଶ୍ୱର ନାଏକ ବୋଲି ଜଣାପଡିଛି । ଅନ୍ୟପଟେ ୧୦ରୁ ଅଧିକ ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ତେବେ ଦୂଷିତ ପାଣି ପିଇବା ଯୋଗୁଁ ଝାଡାବାନ୍ତି ରୋଗ ବ୍ୟାପିଥିବା ଅନୁମାନ କରାଯାଉଛି । ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଓ ତାଙ୍କ ଟିମ୍ ହୀରାକୁଦରେ ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ମୋବାଇଲ ୟୁନିଟ୍ ଜରିଆରେ ସଂକ୍ରମିତ ଅଞ୍ଚଳର ପ୍ରତିଘରକୁ ଯାଇ ଅନୁଧ୍ୟାନ କରିବା ସହ ଅନ୍ୟ ସଂକ୍ରମିତମାନଙ୍କୁ ଚିହ୍ନଟ, ଜଳ ବିଶୋଧନ ପାଇଁ ବଟିକା ବିତରଣ ଓ ବିଶୁଦ୍ଧ ପିଇବା ପାଣି ବ୍ୟବହାର କରିବା ପାଇଁ ସଚେତନ କରାଯାଇଛି। ହୀରାକୁଦର ୪ଟି ସ୍ଥାନରୁ ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ତେବେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ କହିବା ଅନୁଯାୟୀ ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ପାଇପ ବିଭିନ୍ନ ସ୍ଥାନରେ ଫାଟିଛି । ସେହି ଫାଟ ଦେଇ ପ୍ରଦୂଷିତ ଜଳ ଯୋଗାଣ ହେଉଥିବା ଅଭିଯୋଗ କରିଛନ୍ତି । ତେଣୁ ବାରମ୍ବାର ଏଭଳି ପରିସ୍ଥିତି ଉପୁଜୁଥିବା ସେମାନେ ଆଶଙ୍କା କରୁଛନ୍ତି ।

ହୀରାକୁଦ ଅଞ୍ଚଳରେ ପୁଣି ଝାଡାବାନ୍ତି ବ୍ୟାପୁଛି । ଗତ ଅକ୍ଟୋବର ମାସରେ ମହମ୍ମଦପୁର ଅଞ୍ଚଳରେ ଝାଡାବାନ୍ତି ଦେଖାଯାଇଥିଲା । ବର୍ତ୍ତମାନ ହୀରାକୁଦର କାଲୁପଡା, ଗୌଡପଡା, ଗୁରୁଦ୍ୱାରାପଡା ଓ ନ୍ୟୁ ମାର୍କେଟ ଅଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦେଖିବାକୁ ମିଳୁଛି । ଗତ ୨୧ରୁ ଆଜି ପର୍ଯ୍ୟନ୍ତ ୧୨୭ଜଣ ଆକ୍ରାନ୍ତ ହୋଇଛନ୍ତି । ସେମାନେ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି । ସୂଚନାଯୋଗ୍ୟ, ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨୧ତାରିଖରେ ୩୬ଜଣ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ଭର୍ତ୍ତି ହୋଇଥିଲେ । ସେହିପରି ୨୨ତାରିଖରେ ୪୨ଜଣ ଓ ଆଜି ୪୯ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି । ଗୁରୁତର ରୋଗୀଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି । (୯ ପୃଷ୍ଠାରେ)



### ବ୍ରାଉନ୍‌ସୁଗର କାରବାର
## ୨ ଯୁବତୀ ଗିରଫ

ଭୁବନେଶ୍ୱର, ୨୩।୩ (ସବ୍ୟୁ) : ନିଶା କାରବାରରେ ଗ୍ଲାମରଙ୍କୁ ବ୍ୟବହାର କରି ମାଫିଆମାନେ ଖସି ଯାଉଛନ୍ତି । ଦିନକୁ ଦିନ ନିଶା ବ୍ୟବସାୟରେ ଯୁବତୀଙ୍କ ସଂଖ୍ୟା ବଢୁଛି । କମିଶନରେଟ ପୋଲିସ ଦୁଇଜଣ ସୁନ୍ଦରୀ ଉଚ୍ଚ ଶିକ୍ଷିତା ଯୁବତୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୫୬ (୯ ପୃଷ୍ଠାରେ)

## ଟ୍ରକରେ ପିଟି ହୋଇ ୩ ବାଇକ ଆରୋହୀ ମୃତ

ବ୍ୟାସନଗର,୨୩।୩(ଜିପ୍ର): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ମର୍ମନ୍ତୁଦ ବଡ଼ଧରଣରସଡ଼କ ଦୁର୍ଘଟଣା ଘଟିଛି। ଏହି ଶିଳ୍ପାଞ୍ଚଳର କଳିଙ୍ଗନଗର ଥାନା ଅନ୍ତର୍ଗତ ଜିନ୍ଦଲ ଷ୍ଟେନଲେସ କାରଖାନା ମୁଖ୍ୟଫାଟକ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଚଳନ୍ତା ଟ୍ରକ୍ ପଛରେ ପିଟିହୋଇ ୩ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମେଡ଼ିକାଲରେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ୩ ଜଣ ହେଲେ ସୁଆଁଲ ଅଞ୍ଚଳର ଚକ୍ରଧର ସାୟାଁ(୨୮), ଟାଙ୍ଗିରିଆପାଳ ଗାଁର ଅନିଲ ହାଁସଦା(୨୯) ଓ ସୁନୀଲ ହାଁସଦା(୧୭) ବୋଲି ସୂଚନା ମିଳିଛି। ସୂଚନା ମୁତାବକ ଆଜି ମଧ୍ୟାହ୍ନରେ ଅନୀଲ ତାଙ୍କ ସାନଭାଇ ସୁନୀଲ ଓ ଚକ୍ରଧରଙ୍କୁ ସାଙ୍ଗରେ ନେଇ ବାଇକ ଯୋଗେ ବ୍ୟାଙ୍କରେ ଖାତା ଖୋଲିବା ନିମନ୍ତେ ଦାନଗଦୀ ଅଭିମୁଖେ ଯାଉଥିଲେ। ହଠାତ ଜିନ୍ଦଲ କାରଖାନା ମୁଖ୍ୟ ଫାଟକ ନିକଟରେ ଭରସାମ୍ୟ ହରାଇ ଏକ ଚଳନ୍ତା ଟ୍ରକ ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଚକ୍ରଧର ଓ ସୁନୀଲଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅନିଲଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୀଲ ଓ ସୁନୀଲ ଗୋଟିଏ ପରିବାରର ଦୁଇ ଭାଇ ବୋଲି ଜଣାପଡିଛି। ଅନୀଲ ଓ ଚକ୍ରଧର ବିସ୍ଥାପିତ ପରିବାର ପକ୍ଷରୁ ଏବେ ନୂଆକରି ଜିନ୍ଦଲ କାରଖାନାରେ ଚାକିରୀ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। କଳିଙ୍ଗନଗର ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହ (୯ ପୃଷ୍ଠାରେ)

## ମେଣ୍ଟ ହେବନି ସ୍ପଷ୍ଟ ହେବାପରେ ଟିକେଟ କସରତ ଆରମ୍ଭ



ଭୁବନେଶ୍ୱର, ୨୩।୩ (ସବ୍ୟୁ) : ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ଉଷ୍ମ ହେବାରେ ଲାଗିଛି । ବିଜେଡି-ବିଜେପି ମଧ୍ୟରେ ଆଗାମୀ ନିର୍ବାଚନରେ କୌଣସି ମେଣ୍ଟ ହେବନାହିଁ ବୋଲି ଗତକାଲି ଉଭୟ ଦଳ ପକ୍ଷରୁ ସ୍ପଷ୍ଟ କରାଗଲା ପରେ ରାଜନୈତିକ କାର୍ଯ୍ୟକଳାପ ଜୋର୍ ଧରିଛି । ଉଭୟ ଦଳ ପକ୍ଷରୁ ଟିକେଟ କସରତ ଆରମ୍ଭ ହୋଇଛି । ଅପରପକ୍ଷରେ କଂଗ୍ରେସ ମଧ୍ୟ ବିଭିନ୍ନ ନିର୍ବାଚନମଣ୍ଡଳି ପାଇଁ ପ୍ରାର୍ଥୀଙ୍କ ତାଲିକା ସର୍ଟଲିଷ୍ଟ କରି ଦିଲ୍ଲୀ ପଠାଇଛି । ବିଜେପି ମଧ୍ୟ ତାର ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ନିର୍ବାଚନ କମିଟିକୁ ପଠାଇଛି । ଆଜି ନୂଆଦିଲ୍ଲୀରେ ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଛି ।

ବିଜେଡି ମଧ୍ୟ ନିର୍ବାଚନ ଲାଗି ପ୍ରସ୍ତୁତି ଜୋରଦାର କରିଛି । ଇତି ମଧ୍ୟରେ ଦଳ ୧୧ ଲୋକସଭା ନିର୍ବାଚନମଣ୍ଡଳି ଓ ୭୭ ବିଧାନସଭା ଆସନ ନେଇ ବୈଠକ ଶେଷ କରିଛି । ୧୧ ଲୋକସଭା ଓ ଏହାର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳିରେ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନେତାଙ୍କୁ ଗୁରୁମନ୍ତ୍ରୀ ଦେଇଛନ୍ତି । ଲୋକଙ୍କ ପାଖକୁ ଯିବା ଏବଂ ସରକାରଙ୍କ ଯୋଜନା ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏବେ ମଧ୍ୟ ବିଭିନ୍ନ ରାଜନୈତିକ ଦଳରେ ମିଶ୍ରଣ ପର୍ବ ଜାରି ରହିଛି । ଆଗାମୀ ନିର୍ବାଚନରେ ବିଜେଡି ଏକ ବୃହତ୍ତ ବିଜୟ ହାସଲ କରିବ ବୋଲି ଲକ୍ଷ୍ୟ ରଖିଛି । ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳକୁ ଆଧାର କରି ଦଳ ପକ୍ଷରୁ ଏଭଳି ମନ୍ତବ୍ୟ ଦିଆଯାଉଛି । ୨୦୧୯ ପରେ ହୋଇଥିବା ୮ ଉପନିର୍ବାଚନରେ ଦଳ ୭ ସ୍ଥାନରେ ବିଜୟୀ ହୋଇଛି । ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୧ କୋଟି ୧୦ ଲକ୍ଷ ୮୯ ହଜାର ୭୧୨ ଖଣ୍ଡ ଭୋଟ୍ ପାଇଥିଲା । ଯାହା ୨୦୧୯

**୧୧ ସଂସଦୀୟ, ୭୭ ବିଧାନସଭା କ୍ଷେତ୍ରର ସମୀକ୍ଷା ସାରିଲାଣି ବିଜେଡି**
**ଦିଲ୍ଲୀରେ ବିଜେପିର ପ୍ରାର୍ଥୀ ତାଲିକା**
**ହୋଲି ପରେ ପ୍ରକାଶ ପାଇବ କଂଗ୍ରେସ ପ୍ରାର୍ଥୀ ତାଲିକା**

ସାଧାରଣ ନିର୍ବାଚନ ଠାରୁ ପ୍ରାୟ ୬ ଲକ୍ଷ ଅଧିକ । (୯ ପୃଷ୍ଠାରେ)

## ନିର୍ବାଚନୀ ବଣ୍ଡର ଏସ୍‌ଆଇଟି ତଦନ୍ତ ହେଉ : କଂଗ୍ରେସ

ନୂଆଦିଲ୍ଲୀ, ୨୩।୩ : ନିର୍ବାଚନୀ ବଣ୍ଡ ନେଇ କଂଗ୍ରେସ ପକ୍ଷରୁ ବଡ ଅଭିଯୋଗ କରାଯାଇଛି । ୩୮ କର୍ପୋରେଟ୍ ସଂସ୍ଥା ଯେଉଁମାନଙ୍କୁ ୩.୮ ଲକ୍ଷ କୋଟିର ସରକାରୀ ପ୍ରକଳ୍ପର ଠିକା ମିଳିଛି ସେମାନେ ବିଜେପିକୁ ୨୦୦୪ କୋଟି ଟଙ୍କା ବଣ୍ଡ ଆକାରରେ ଦେଇଛନ୍ତି । ଏହି କମ୍ପାନୀଗୁଡିକୁ ୧୭୯ଟି ଠିକା କାର୍ଯ୍ୟ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଥିବା ବିଜେପି ସରକାର ଠାରୁ ମିଳିଛି ବୋଲି କଂଗ୍ରେସ ପକ୍ଷରୁ ଆଜି ଅଭିଯୋଗ କରିବା ସହ ସୁପ୍ରିମ୍‌କୋର୍ଟ ତତ୍ତ୍ୱାବଧାନରେ ଏହାର ତଦନ୍ତ ପାଇଁ ଦାବି କରାଯାଇଛି ।

ଦଳର ଯୋଗାଯୋଗ ବିଭାଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ଏହାର ତଦନ୍ତ କରାଯାଉ । ନିର୍ବାଚନୀ ବଣ୍ଡ ଦାତା ଓ ଏହାର ଗ୍ରହିତାଙ୍କ ଡାଟାବେସ୍ ତଥ୍ୟକୁ ମେଳ

**ସୁପ୍ରିମ୍‌କୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ଚାଲୁ**
**ଠିକା ନେଇଥିବା ୩୮ କମ୍ପାନୀ ଦେଇଛନ୍ତି ୨୦୦୦ କୋଟି**
**୫୬ ଥର ଇଡି, ସିବିଆଇ, ଆଇଟି ରେଡ୍ ହୋଇଥିବା ୪୧ କମ୍ପାନୀ ଦେଇଛନ୍ତି ୨୫୯୨ କୋଟି**

କରାଯାଉ । ଏ ସମ୍ପର୍କିତ ସମସ୍ତ ସୂଚନା ଆମେ ପ୍ରଦାନ କରୁଛୁ । କେଉଁ ସଂସ୍ଥାକୁ କେତେ ଟଙ୍କାର ଠିକା ଦିଆଯାଇଛି, କାହାର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ତାହା ମଧ୍ୟ କୁହାଯାଇଛି । ଏହି ସଂସ୍ଥାଗୁଡିକ ଉପରେ ମଧ୍ୟ କେନ୍ଦ୍ରୀୟ ସଂସ୍ଥା ଚଢ଼ାଉ କରିଛି । ନିର୍ବାଚନୀ ବଣ୍ଡ ଯୋଜନା ଏବେ ପ୍ରିପେଡ୍ ଲାଞ୍ଚ ବ୍ୟବସ୍ଥା ଓ ପୋଷ୍ଟପେଡ୍ ଲାଞ୍ଚ ବ୍ୟବସ୍ଥା ହୋଇଛି । ଚଢ଼ାଉ ପୂର୍ବରୁ ଲାଞ୍ଚ ଗ୍ରହଣ କରିବା ପାଇଁ ନିର୍ବାଚନୀ ବଣ୍ଡ ଜରିଆରେ ରାସ୍ତା ତିଆରି କରାଯାଇଛି । ଯେଉଁଭଳି ଭାବରେ ଏହା କରାଯାଇଛି ଏହା ଏକ ନିନ୍ଦନୀୟ ଦୁର୍ନୀତି । ଚାନ୍ଦା ଦୋ ଧନ୍ଦା ଲୋ ଏହା ହେଉଛି ନିର୍ବାଚନୀ (୯ ପୃଷ୍ଠାରେ)



# ଓରାଲ କେୟାର



**ଅନ୍ୟ ସମସ୍ତ ଅଙ୍ଗଭଳି ଆମର ଓରାଲ କେୟାରର ମଧ୍ୟ ଆବଶ୍ୟକତା ରହିଛି । ତେବେ ନିଜ ପାଟିର ଯତ୍ନନେବା ପାଇଁ କିଛି ଟ୍ରିକ୍ ରହିଛି, ଯାହାକୁ ଅନୁକରଣ କରି ଆମେ ନିଜର ପାଟିକୁ ଜୀବାଣୁମୁକ୍ତ ରଖିପାରିବା । ଆସନ୍ତୁ ଜାଣିବା ସେହିଭଳି କିଛି କେୟାର ବିଷୟରେ, ଯାହାକୁ ଘରେ ଅନୁକରଣ କରି ଆମେ ଏକ ହେଲ୍‌ଦି ଓରାଲ କେୟାର ମେଣ୍ଟେନ୍ କରିପାରିବା ।**

- ସବୁବେଳେ ଚେଷ୍ଟା କରନ୍ତୁ ହେଲଦି ଡାଏଟ୍ ଫଲୋ କରିବାକୁ । ମାଢି ସମସ୍ୟା କିମ୍ବା ଦାନ୍ତ କ୍ଷୟ ଭଳି ଅସୁବିଧା ଏସିଡ୍ ଥିବା ଖାଦ୍ୟ ଖାଇବା ଦ୍ୱାରା ହୋଇଥାଏ । ସେହିଭଳି ବେଶି ମିଠା ଖାଇଲେ ମଧ୍ୟ ଏହା ହେବାର ସମ୍ଭାବନା ବଢିଥାଏ । ତେଣୁ ସବୁବେଳେ ହେଲ୍‌ଦି ଫୁଡ୍ ଖାଇବାକୁ ଚେଷ୍ଟା କରନ୍ତୁ । ନିଜ ଖାଦ୍ୟରେ ସବୁବେଳେ ଫଳ, ପନିପରିବା, ପୋଷକ ତତ୍ୱରେ ଭରପୂର ଖାଦ୍ୟ ସାମିଲ କରନ୍ତୁ । ବିଭିନ୍ନ ପ୍ରୋଟିନ୍, ମିନେରାଲ୍ସ, କ୍ୟାଲସିଅମ ଆଡ କରନ୍ତୁ ।
- ସବୁବେଳେ ହାଇଡ୍ରେଟ୍ ରହିବାକୁ ଚେଷ୍ଟା କରନ୍ତୁ । ଦିନରେ ଅଧିକ ପାଣି ପିଅନ୍ତୁ । ଏହା ଆମ ପାଟିକୁ ନ୍ୟୁଟ୍ରିଲାଇଜ୍ଡ ରଖିବାରେ ସହାୟକ ହୋଇଥାଏ । ପାଣି ପିଇବା ଦ୍ୱାରା କ୍ୟାଭିଟି ଓ ମାଢି ସମସ୍ୟା ଦୂର ହୋଇଥାଏ ।
- ତେବେ ଯଦି ପାଟିରେ କୌଣସି ସମସ୍ୟା ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଦାନ୍ତ ସମସ୍ୟା ନଥିଲେ ମଧ୍ୟ କିଛି ସମୟ ବ୍ୟବଧାନରେ ଡାକ୍ତରଙ୍କୁ ପାଟି ଦେଖାଇ ପରାମର୍ଶ ନେବା ଲାଭଦାୟକ ହୋଇଥାଏ ।
- ସେହିଭଳି ନିଶା ଦ୍ରବ୍ୟ, ପାନ ଆଦି ଯଦି ଖାଉଛନ୍ତି ତେବେ ସେଥିରୁ ଦୂରେଇ ରୁହନ୍ତୁ । ଏଗୁଡିକ ଆମ ଶରୀର ସହିତ ପାଟି ପାଇଁ କ୍ଷତିକାରକ ହୋଇଥାଏ ।



# ବିଶ୍ୱ ଯକ୍ଷ୍ମା ଦିବସ

ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ ବିଶ୍ୱ ଯକ୍ଷ୍ମା ଦିବସ । ଯକ୍ଷ୍ମା ବା ଟିବି (ଟ୍ୟୁବରକ୍ୟୁଲୋସିସ୍) ଭଳି ଏକ ବିପଦପୂର୍ଣ୍ଣ ମହାମାରୀ ବିଷୟରେ ସର୍ବସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସକୁ ପାଳନ କରାଯାଏ । ୨୦୧୮ ମସିହାରେ ୧୦ ମିଲିୟନ୍ ଲୋକ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିମଧ୍ୟରୁ ୧.୫ ମିଲିୟନ୍ ଲୋକ ମୃତ୍ୟୁବରଣ କରିଥିଲେ । ୧୮୮୨ ମସିହା ମାର୍ଚ୍ଚ ୨୪ ତାରିଖରେ ବିଶିଷ୍ଟ ବୈଜ୍ଞାନିକ ଡ. ରୋବର୍ଟ କୋଚ୍ ପ୍ରଥମ ଥର ପାଇଁ ଏହି ରୋଗର ଚିହ୍ନଟ କରିଥିଲେ । ୧୯୮୨ ମସିହାରେ ଡ. ରୋବର୍ଟଙ୍କ ପ୍ରେଜେଣ୍ଟେସନ୍‌ର ଶତବାର୍ଷିକୀ ଅବସରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରିବା ଲାଗି ଘୋଷଣା କରାଗଲା । ଏହାପରେ ୧୯୯୫ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥିଲା ।




## ଇତିହାସ

୧୮୩୭– କାନାଡାରେ ଅଶ୍ୱେତ ନାଗରିକଙ୍କୁ ଭୋଟ ଦେବା ଲାଗି ଅଧିକାର ଦିଆଗଲା ।
୧୮୫୫– ବ୍ରିଟିଶ କ୍ୟାବିନେଟ୍ ମିଶନ୍ ଭାରତରେ ପହଞ୍ଚିଲା ।
୧୮୮୩– ଚିକାଗୋ ଓ ନ୍ୟୁୟର୍କ ମଧ୍ୟରେ ପ୍ରଥମ ଥର ପାଇଁ ଫୋନ୍‌ରେ ବାର୍ତ୍ତାଳାପ କରାଗଲା ।
୧୯୩୨– ଆମେରିକାରେ ପ୍ରଥମ ଥର ପାଇଁ ଚଳନ୍ତା ଟ୍ରେନ୍‌ରୁ ରେଡିଓ ପ୍ରସାରଣ କରାଗଲା ।
୧୯୭୭– ମୋରାରଜୀ ଦେସାଇ ଭାରତର ଚତୁର୍ଥ ପ୍ରଧାନମନ୍ତ୍ରୀ ହେଲେ ।
୧୯୯୦– ଭାରତୀୟ ସେନା ଶ୍ରୀଲଙ୍କା ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ।
୨୦୦୭– ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍ ବିଶ୍ୱକପ୍‌ର ସବୁଠୁ ଦ୍ରୁତ ଶତକ କଲେ ।
୨୦୦୮– ଭୁଟାନ ଲୋକତାନ୍ତ୍ରିକ ଦେଶ ରୂପେ ଗଠିତ ହେଲା ।

# ଷ୍ଟେସନ୍ ପ୍ରେମରେ ପରିଚୟ ଉତ୍ସର୍ଗ




ବିଶ୍ୱରେ ଏଭଳି ଅନେକ ଘଟଣା ଘଟିଥାଏ ଯେଉଁଠି ଜଣେ ମହିଳା କିମ୍ବା ପୁରୁଷ ପ୍ରେମରେ ପଡ଼ି ନିଜନିଜର ପାର୍ଟନରଙ୍କ ପାଇଁ ସେମାନଙ୍କର ପରିଚୟକୁ ଉତ୍ସର୍ଗ କରିଥାଆନ୍ତି । ହେଲେ ବର୍ତ୍ତମାନ ଘଟିଥିବା ଏକ ଅଜବ ଘଟଣା ଲୋକଲୋଚନକୁ ଆସିଛି । ଯେଉଁଠି ଜଣେ ମହିଳା ସାମାନ୍ୟ ରେଳ ଷ୍ଟେସନ୍ ପ୍ରେମରେ ପଡ଼ି ନିଜ ନାଁକୁ ଉତ୍ସର୍ଗୀକୃତ କରିଛନ୍ତି । ଏହି ଶୀର୍ଷକ ପଢ଼ି ନିଶ୍ଚିତ ରୂପେ ଆଶ୍ଚର୍ଯ୍ୟ ଲାଗୁଥିବ । ହେଲେ ଏଭଳି ଘଟଣା ଲଣ୍ଡନର ଜଣେ ମହିଳାଙ୍କ ପ୍ରକୃତ ଲାଇଫ୍‌ରେ ଘଟିଛି । ସେ ଲଣ୍ଡନର ମ୍ୟାରିଲେବୋନ୍ ଷ୍ଟେସନ୍‌ରେ ଟ୍ରେନ୍ ଡିସ୍ପାଚର ଠାରୁ ଷ୍ଟେସନ୍ ମ୍ୟାନେଜର ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିସାରିଛନ୍ତି । ଲଣ୍ଡନର ଏହି ଐତିହାସିକ ସ୍ଥଳଟି ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଘର କରିସାରିଛି । ଯାହାଫଳରେ ସେ କିଛି ଆଗପଛ ବିଚାର ନକରି ଷ୍ଟେସନ୍ ପ୍ରେମ ପାଇଁ ନିଜ ନାଁକୁ ଉତ୍ସର୍ଗ କରିଛନ୍ତି । ଦୀର୍ଘ ୨୦ ବର୍ଷ ଧରି ରେହାନା ଖ୍ୱାଜା ନାମ୍ନୀ ଜଣେ ମହିଳା କର୍ମଚାରୀ ଏହି ରେଳ ଷ୍ଟେସନ୍ ସହିତ ପ୍ରତ୍ୟକ୍ଷରେ ଯୋଡ଼ିହୋଇ ରହିଛନ୍ତି । ଇତିମଧ୍ୟରେ ଷ୍ଟେସନ୍ ପ୍ରତି ତାଙ୍କର ଆକର୍ଷଣ ଏତେମାତ୍ରାରେ ବୃଦ୍ଧି ପାଇଛି ଯେ ସେ ନିଜ ନାଁକୁ ଷ୍ଟେସନ୍‌ର ନାଁ ଅନୁସାରେ ବଦଳାଇ ଦେଇଛନ୍ତି । ସେ ତାଙ୍କ ମିଡିଲ୍‌ନେମ୍‌କୁ ମ୍ୟାରିଲେବୋନ୍ ନାଁକୁ ପରିବର୍ତ୍ତନ କରିଛନ୍ତି । ରେହାନା ବର୍ତ୍ତମାନ ଅପରେଟରର ନେଟ୍‌ୱର୍କରେ ସିକ୍ୟୁରିଟି ମ୍ୟାନେଜର ରୂପେ କାମ କରନ୍ତି । ତଥାପି ଯଥାସମ୍ଭବ ସେ ମ୍ୟାରିଲେବୋନ୍ ଫେରିଆସନ୍ତି । ତାଙ୍କ କହିବା ମୁତାବକ ଏହି ଷ୍ଟେସନ୍ ସେତେ ବଡ଼ ନୁହେଁ, ହଗଲେ ସେଠାରେ ତାଙ୍କର ଆତ୍ମା ରୁହେ ।

## ସୋସିଆଲ କୋଟ୍ସ



ଯେତେବେଳେ ଭ୍ୟାକେସନ୍ ପରେ ମୋର ଓଜନ ବଢିଥିଲା, ସେତେବେଳେ ମୋ ମାଆ ବହୁତ ଟେନ୍‌ସନ୍‌ରେ ଥିଲେ । ସେ କେତେଥର ମୋର ବଢୁଥିବା ଓଜନ ପାଇଁ ମଜାକ ମଧ୍ୟ ଉଡାଇଛନ୍ତି ।
ସାରା ଅଲ୍ଲୀ ଖାନ୍, ଅଭିନେତ୍ରୀ



ନିର୍ଦ୍ଦେଶକ ବ୍ଲେସି ନିଜ କ୍ୟାରିୟରରେ ଅନେକ ଫିଲ୍ମର ନିର୍ମାଣ କରିଛନ୍ତି, ଯାହା ଖୁବ ଭଲ ହୋଇଥାଏ । ଦର୍ଶକ ବ୍ଲେସିଙ୍କର ନାଁ ଶୁଣିବା ମାତ୍ରେ ଫିଲ୍ମ ଦେଖିବାକୁ ପସନ୍ଦ କରନ୍ତି ।
ପୃଥ୍ୱୀରାଜ ସୁକୁମାରନ୍, ନିର୍ଦ୍ଦେଶକ



ବୀର ସାବରକର ଫିଲ୍ମରେ ମିଳିଥିବା ଚରିତ୍ର ଖୁବ ଦାୟିତ୍ୱପୂର୍ଣ୍ଣ ଥିଲା । ଏହି ଚରିତ୍ରରେ ଅଭିନୟ କରି ମୁଁ ଅନେକ କିଛି ଶିଖିଛି । ଏହା ଏକ ପ୍ରକାର ରିଭୋଲ୍ୟୁସନ ଭଳି ଥିଲା ।
ଅମିତ୍ ସିୟାଲ, ଅଭିନେତା

# ମହାକାଶରେ ସବୁଠୁ ମହଙ୍ଗା ଡିନର !

ଅନେକ ସମୟରେ ଆମେ ହୋଟେଲ୍‌ରେ ଖାଇବା ପରେ ବିଲ୍ ଏତେ ଆସେ ଯେ ଏହାକୁ ନେଇ ଚିନ୍ତିତ ହୋଇପଡୁ । ତେଣୁ ବଡ଼ବଡ଼ ତାରକା ହୋଟେଲକୁ ଯିବା ପୂର୍ବରୁ ସର୍ବପ୍ରଥମେ ଆମେ ଆମର ଏଟିଏମ୍ କାର୍ଡ ଚେକ୍ କରିଥାଉ । ହେଲେ ହୋଟେଲ ଠାରୁ ବି ଏଭଳି ଏକ ସ୍ଥାନ ରହିଛି




ଯେଉଁଠି ବିଶ୍ୱର ସବୁଠୁ ମହଙ୍ଗା ଡିନର ଯୋଗାଇ ଦିଆଯିବ । ହେଲେ ଏହି ଡିନର ପୃଥିବୀରେ ନୁହେଁ, ବରଂ ମହାକାଶରେ ମିଳିବ ବୋଲି ଜଣାପଡ଼ିଛି । ସ୍ପେସ୍ ଭିଆଇପି ନାମକ ନ୍ୟୁୟର୍କର ଏକ ସ୍ପେସ୍ କମ୍ପାନୀ ଏହି ବିଶେଷ ରାତ୍ରଭୋଜନର ଆୟୋଜନ କରିବାକୁ ଯାଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ବିଶ୍ୱର ସବୁଠୁ ମହଙ୍ଗା ଡିନର ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । କମ୍ପାନୀ ତରଫରୁ ଏହି ଡିନରକୁ ଏକ ସ୍ପେସ୍ ବେଲୁନ୍‌ରେ ଆୟୋଜନ କରାଯିବ ଏବଂ ଯେଉଁଠି ପୃଥିବୀର ସମାପ୍ତି ହେବ ଓ ମହାକାଶର ଆରମ୍ଭ ହେବ, ସେଠାରେ ହିଁ କମ୍ପାନୀ ବେଲୁନ୍‌ରେ ଏହି ଡିନର ସୁବିଧା ଉପଲବ୍ଧ କରିବ । ରିପୋର୍ଟ ମୁତାବକ, କେବଳ ୬ ଜଣ ଯାତ୍ରୀ ହିଁ ଏହି ଡିନର କରିବାର ସୁବିଧା ପାଇପାରିବେ । ତେବେ ଆଶ୍ଚର୍ଯ୍ୟକର ପ୍ରସଙ୍ଗ ହେଉଛି ମହାକାଶରେ ଏହି ବେଲୁନ୍‌ରେ ଡିନର କରିବା ଲାଗି ପ୍ରତି ଯାତ୍ରୀଙ୍କୁ ୪ କୋଟି ଟଙ୍କା ଲେଖାଏଁ ପରିଶୋଧ କରିବାକୁ ହେବ । ଯାହାଫଳରେ ଏହି ଡିନରକୁ ବିଶ୍ୱର ସବୁଠୁ ମହଙ୍ଗା ଡିନର ବୋଲି କୁହାଯିବ । କୋପେନହେଗନ୍‌ର ଆଲ୍‌କେମିଷ୍ଟ ରେସ୍ତୋରାଁର ଲୋକପ୍ରିୟ ସେଫ୍ ରେମସ୍ ମଙ୍କ୍ ଏହି ଖାଦ୍ୟକୁ ପ୍ରସ୍ତୁତ କରିବେ । ସ୍ପେସ୍‌ରେ ଯିବାକୁ ଥିବା ଏହି ଯାତ୍ରା କେବଳ ୬ ଘଣ୍ଟା ପାଇଁ ହେବ । ତେବେ ନ୍ୟୁୟର୍କର ଏହି ମହତ୍ତ୍ୱପୂର୍ଣ୍ଣ ଯୋଜନାକୁ ୨୦୨୫ ମସିହାରେ ଫ୍ଲୋରିଡାରୁ ଲଞ୍ଚ୍ କରାଯିବ ବୋଲି ଉଲ୍ଲେଖ କରାଯାଇଛି । ଏହି ଡିନର ସ୍ପେସ୍ ପର୍ସ୍ପେକ୍ଟିଭ୍‌ର ନେପଚୁନ୍ ସ୍ପେସ୍‌ସିପ୍‌ରେ ଆୟୋଜନ କରାଯିବ । ଯାହାକୁ ବିଶ୍ୱର ପ୍ରଥମ କାର୍ବନ ନ୍ୟୁଟ୍ରାଲ୍ ସ୍ପେସ୍‌ସିପ୍ ବୋଲି କୁହାଯାଉଛି । ଏକ ସ୍କେଲ୍ ବେଲୁନ୍ ସାହାଯ୍ୟରେ ଏହି ସ୍ପେସ୍‌କ୍ରାଫ୍ଟକୁପ୍ରସ୍ତୁତ କରାଯିବ, ଯାହା ୧ ଲକ୍ଷ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉଡ଼ିପାରିବ । ଏହି ସ୍ପେସ୍‌ସିପ୍ ମଧ୍ୟରେ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ରେଷ୍ଟରୁମ୍ ପ୍ରସ୍ତୁତ କରାଯାଇଛି । ଯାହାର ନାଁ ରହିଛି ସ୍ପେସ୍ ସ୍ପା । ଏହାସହିତ ଫ୍ରେଞ୍ଚ୍ ଫ୍ୟାଶନ୍ ହାଉସ ଓରିୟର୍ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଆଉଟ୍‌ଫିଟ୍ ମଧ୍ୟ ଡିଜାଇନ୍ କରିଛି, ଯାହା ଇନୋଭେଟିଭ୍ ଫ୍ୟାବ୍ରିକ୍‌ରୁ ପ୍ରସ୍ତୁତ କରାଯିବ ବୋଲି ଉଲ୍ଲେଖ କରାଯାଇଛି ।

# ଖଡୁସ୍ ବିକ୍କି



କ୍ୟାଟ୍ରିନା ଓ ବିକ୍କି କୌଶଲଙ୍କୁ ବେଶି ସମୟ ପବ୍ଲିକ୍ ପ୍ଲେସ୍‌ରେ ଏକାଠି ଦେଖିବାକୁ ମିଳିନଥାଏ । ହେଲେ ଯେତେବେଳେ ସେମାନେ ଏକାଠି ଦେଖିବାକୁ ମିଳନ୍ତି ସେମାନଙ୍କ କେମେଷ୍ଟ୍ରୀ ଦର୍ଶକଙ୍କୁ ବେଶ୍ ଭଲ ଲାଗିଥାଏ । ତେବେ ଏହି କପଲ୍‌ଙ୍କ ମଧ୍ୟରେ ବି ଅନ୍ୟ କପଲ୍‌ଙ୍କ ଭଳି ଡିଫରେନ୍ସସେସ୍ ରହିଛି । କ୍ୟାଟ୍ରିନାଙ୍କର କିଛି ଗୁଣ ବିକ୍କିଙ୍କୁ ଭଲ ଲାଗୁନଥିବାବେଳେ ବିକ୍କିଙ୍କର କିଛି ଗୁଣ କ୍ୟାଟ୍‌ଙ୍କୁ ଭଲ ଲାଗିନଥାଏ । ଏନେଇ ନିକଟରେ ବିକ୍କି କୌଶଲ ଖୁଲାସା କରିଛନ୍ତି । ଯେତେବେଳେ ପ୍ରଥମରୁ ସେମାନଙ୍କ ରିଲେସନ୍‌ସିପ୍ ଆରମ୍ଭ ହୋଇଥିଲା, ସେତେବେଳେ କ୍ୟାଟ୍ରିନା ତାଙ୍କୁ ଖଡୁସ୍ ବୋଲି କହିଥାଆନ୍ତି ବୋଲି ବିକ୍କି ମତ ଦେଇଛନ୍ତି । କେବଳ କହିଥାଆନ୍ତି ତାହା ନୁହେଁ ସେ ତାଙ୍କୁ ଏହି ନାମରେ ଡାକି ମଧ୍ୟ ଥାଆନ୍ତି । ତେବେ ଉଭୟ ନିଜର ପ୍ରେମ ପାଇଁ ବି ଟାଉନ୍‌ରେ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି । ଅନେକ ଦିନର ପ୍ରେମ ସମ୍ପର୍କ ପରେ ଉଭୟ ଡିସେମ୍ବର ୯, ୨୦୨୧ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଉଭୟଙ୍କ ବିବାହ ଫ୍ୟାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା କାରଣ ପୂର୍ବରୁ ଏମାନଙ୍କ ପ୍ରେମ ନେଇ କୌଣସି ଚର୍ଚ୍ଚା ନଥିଲା ।

## ହାଃ ହାଃ

ସ୍ୱାମୀ – ମ୍ୟାଚ୍ ଲଗାଅ, ମୁଁ ଦେଖିବି ।
ସ୍ତ୍ରୀ – ନା, ମୁଁ ମୋର ସିନେମା ଦେଖିବି ।
ସ୍ୱାମୀ – ଦେଖିନେବି ।
ସ୍ତ୍ରୀ – (ରାଗିକି) କ'ଣ କହିଲ ?
ସ୍ୱାମୀ – ଆରେ ତମେ ଯେଉଁ ସିନେମା ଦେଖୁଛ ତାହା ଦେଖିନେବି କହିଲି ।



# ଶବାସନ

ପ୍ରଥମେ ଯୋଗ ମ୍ୟାଟ୍‌ରେ ପିଠି ପଟିଆ ଶୋଇ ପଡନ୍ତୁ । ଏହାପରେ ନିଜର ହାତକୁ ଶରୀର ପାଖରୁ ୧୫ ସେଣ୍ଟିମିଟର ଛାଡି ହାତ ପାପୁଲିକୁ ଉପର ମୁହଁ କରି ରଖନ୍ତୁ । ସେହିଭଳି ଗୋଡକୁ ପାଖାପାଖି ୪୫ ଡିଗ୍ରୀ ଛଡା କରି ଖୋଲା କରି ରଖନ୍ତୁ । ତେବେ ଶୋଇବା ସମୟରେ ଚେଷ୍ଟା କରନ୍ତୁ ଯେପରି ଆପଣଙ୍କର ପିଠି ସିଧା ରହିବ । ଏହି ସମୟରେ ଶରୀରକୁ ରିଲାକ୍ସ ରଖନ୍ତୁ । ସେହିଭଳି ଏହି ସମୟରେ ନିଜ ନିଶ୍ୱାସ ଉପରେ ଧ୍ୟାନ ଦିଅନ୍ତୁ । ଏହିପରି କିଛି ସମୟ ପର୍ଯ୍ୟନ୍ତ ରହି ଏହାପରେ ରିଲାକ୍ସ ହୋଇଯାଆନ୍ତୁ । ସମସ୍ତ ଆସନ କରିବା ପରେ ଏହି ଆସନକୁ କରିବା ଦ୍ୱାରା ଶରୀର ରିଲାକ୍ସ ହୋଇଯାଇଥାଏ । ମନକୁ ଶାନ୍ତି ମିଳିଥାଏ । ଏକାଗ୍ରତା ବଢିଥାଏ ।



## ଭବିଷ୍ୟତ ଲାଗି ଯୁବବର୍ଗଙ୍କୁ ନିର୍ମାଣ କରୁଛି ବିଜେଡି

# ଶିକ୍ଷା, କ୍ରୀଡା, ଆଇଟି, ଉଦ୍ୟୋଗ କ୍ଷେତ୍ରରେ ଏକାଧିକ ପଦକ୍ଷେପ




ଭୁବନେଶ୍ୱର(ସବ୍ୟୁ): ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୁବଗୋଷ୍ଠୀଙ୍କୁ ଦକ୍ଷ, ଦାୟିତ୍ୱବାନ, ପ୍ରେରଣାଦାୟୀ, ଦୂରଦର୍ଶୀ ଓ ଚିନ୍ତାଶୀଳ ନାଗରିକ କରିବା ପାଇଁ ବିଜେଡି ଅନେକ ପଦକ୍ଷେପ ନେଇଛି ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସଂତୃପ୍ତ ମିଶ୍ର ଓ ଡକ୍ଟର ସସ୍ମିତ ପାତ୍ର ।

ଶନିବାର ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ମୁଖପାତ୍ର କହିଛନ୍ତି ଯେ, ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଅର୍ଥନୈତିକ ସୁଯୋଗ କ୍ଷେତ୍ର ଭାବେ ଇଲେକ୍ଟ୍ରୋନିକ୍ ପଲିସି, ୨୦୨୧ ଆଇଟି ନୀତି ୨୦୨୨ ବିପିଓ ନୀତି ୨୦୨୨ ଡାଟା ସେର ପଲିସି ୨୦୨୧ରେ ଏହି ସବୁ କ୍ଷେତ୍ରର ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଇଛି। ଏଠାରେ ବ୍ୟାପକ ନିଯୁକ୍ତି ସହିତ ଶିକ୍ଷାର ପ୍ରସାର ହୋଇପାରୁଛି । ଇନୋଭେସନ ହବ୍-ଇନଫୋସିଟି ଭଳି ସିଲିକନ୍ ଭ୍ୟାଲି ଇନଫୋ ଭ୍ୟାଲି ଓ ହବ୍ ଆଦି ରହିଛି । ବଡ଼ ବଡ଼ ସହରର ଆହ୍ୱାନ ବିନା ଭୁବନେଶ୍ୱର ଆଦର୍ଶ ସ୍ଥାନ ସାବ୍ୟସ୍ତ ହୋଇଥିଲା । ନାସ୍କମ୍ ଏବଂ ଡେଲୋଇଟ୍ ଏହାକୁ ସ୍ୱୀକୃତି ଦେଇଛନ୍ତି।

ଆସେଞ୍ଚର, ଆଇବିଏମ୍, କଗ୍ନିଜେ୍, ମାଇକ୍ରୋସଫ୍ଟ, ଇନଫୋସିସ୍, ଟେକ୍ ମହିନ୍ଦ୍ରା, ଟିସିଏସ୍ ପକ୍ଷରୁ ଡେଭଲପମେ ସେର ପ୍ରତିଷ୍ଠା କରାଯାଇଛି। ପିଡବ୍ଲ୍ୟୁସି, ଇଓ୍ୱାଇ ଏବଂ ଡେଲୋଇଟ୍‌ର ମଧ୍ୟ ନିଜସ୍ୱ କେନ୍ଦ୍ର ରହିଛି। ମୁଖ୍ୟମନ୍ତ୍ରୀ ଏକ ବୃହତ ବିପିଓ ଫାର୍ମ କନସେନଟ୍ରିକ୍ସ ଉଦ୍ଘାଟନ କରିଥିଲେ। ଷ୍ଟେମ୍ ଗ୍ରାଜୁଏଟମାନେ ଏକ ପାଦ ଆଗକୁ ବଢିଛନ୍ତି । ୫ଟିରେ ଟି ଅର୍ଥ ଟେକ୍ନୋଲୋଜି ।

ଶିକ୍ଷା ପରିଦୃଶ୍ୟରେ ନୂଆ-ଓ ଏବଂ ସାମ୍ବ ମାଧ୍ୟମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ପ୍ରଦାନର ବ୍ୟବସ୍ଥା ହୋଇଛି । ଛାତ୍ରମାନଙ୍କୁ ୯୦୦୦ ଓ ମହିଳା ଛାତ୍ରୀମାନଙ୍କୁ ୧୦୦୦୦ ଟଙ୍କାର ବୃ ମିଳୁଛି । ଶିକ୍ଷାର ଅନ୍ତର୍ଭୁକ୍ତ ଏବଂ ସମାନ ଉପଲବ୍ଧତା ଭାବେ ଏସ୍‌ସି, ଏସ୍‌ଟି ଓ ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ଅଧିକ ବୃ ମିଳିଥାଏ। ନୂଆ ଉନ୍ନତ ଅଭିଳାଷ ଆଗାମୀ ତିନି ବର୍ଷ ମଧ୍ୟରେ ଏକ ଲକ୍ଷ ଯୁବକଙ୍କୁ ତାଲିମ ଦେବ। ଏଥିପାଇଁ ୩୮୫ କୋଟି ଟଙ୍କାର ବଜେଟ୍ ଆବନ କରାଯାଇଛି। ୟୁଜି ଏବଂ ପିଜି ପାଇଁ ମ୍ୟାଜିକ୍ କାର୍ଡ - ସୁବିଧା ରହିଛି ।

'ଭବିଷ୍ୟତ ପାଇଁ ଯୁବ ଓ ଯୁବଗୋଷ୍ଠୀଙ୍କ ପାଇଁ କ୍ରୀଡ଼ା' । କ୍ରୀଡ଼ା ଓ ଯୁବସେବା ବିଭାଗ ଏଥିପାଇଁ ଭୁବନେଶ୍ୱରରେ କଳିଙ୍ଗ ଷ୍ଟୋର୍ଟସ କମ୍ପ୍ଲେକ୍ସ, ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, କଟକରେ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ, ୬ ଫିଫା ଷ୍ଟାଣ୍ଡାର୍ଡ ଫୁଟବଲ ପିଚ୍ (୫ ପ୍ରାକୃତିକ ଓ ୧ କୃତ୍ରିମ), ପୁରୀ, ବ୍ରହ୍ମପୁର, ଜୟପୁର, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ରାଉରକେଲା, (ପ୍ରସ୍ତାବିତ-ସମ୍ବଲପୁର ଓ ବାଲେଶ୍ୱର), ତମାଣ୍ଡୋ ଓ କୁଲୁଣ୍ଡିରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ୧୬ଟି କ୍ରୀଡ଼ା ଏକାଡେମୀ, ୧୨ ସୁଇମିଂ ଗ୍ରାସରୁଟ୍ ସେର, ୪୦ଟି ଇନ୍‌ଡୋର ହଲ୍, ୨ଟି ଇନ୍‌ଡୋର ଜିମ୍ନାଷ୍ଟିକ୍ସ ଓ ଭାରୋତ୍ତୋଳନ ହଲ୍, ୯୦ଟି ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, ୨୫ଟି ସିନ୍ଥେଟିକ୍ ହକି ପ୍ରଶିକ୍ଷଣ ପିଚ୍ (ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ପାଇଁ), ୩୧୪ଟି ଗ୍ରାମୀଣ ମିନି ଷ୍ଟାଡିୟମ, ୧୪୯ ଅର୍ବାନ ମିନି ଷ୍ଟାଡିୟମ ଓ ସୁନ୍ଦରଗଡ଼ର ୧୭ଟି ବ୍ଲକରେ ଆଷ୍ଟ୍ରୋଟର୍ଫ ରହିଛି । ଅଲିମ୍ପିକ୍ ମୂଲ୍ୟ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାର ଆଇଓସି ସହ ଭାଗିଦାରୀ କରିଛନ୍ତି । ସୁସ୍ଥ ଜୀବନଶୈଳୀ ପାଇଁ ଜୀବନ କୌଶଳ, ମୂଲ୍ୟବୋଧ ଏବଂ କ୍ରୀଡ଼ାରେ ଜୀବନବ୍ୟାପୀ ଅଂଶଗ୍ରହଣ ଶିଖାଇବା ପାଇଁ ଓଡ଼ିଶାର ୩୫୦ରୁ ଅଧିକ ବିଦ୍ୟାଳୟରେ ଅଲିମ୍ପିକ୍ ମୂଲ୍ୟ ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି) ପ୍ରଦାନ । ସ୍ୱୟମ୍ ୟୁ- ସ୍ୱାଧୀନ ଯୁବ ଉଦ୍ୟୋଗ ଗତ ଫେବୃଆରୀ୧୫ରେ ଶୁଭାରମ୍ଭ ହୋଇଛି। ଅର୍ଥନୈତିକ ଦୁର୍ବଳ ବର୍ଗ ଋଣ ପାଇବା କଷ୍ଟକର । ଯୁବକମାନେ ସୁଧ ବୋଝ ବୋହି ପାରନ୍ତି ନାହିଁ ଏବଂ ବ୍ୟାଙ୍କଗୁଡିକ ଦ୍ୱିଧାରେ ଅଛନ୍ତି । ମାର୍ଜିନ୍ ମନି ଏକ ଚ୍ୟାଲେଞ୍ଜ। ଏସସି ଏସଟି କିନ୍ନରଙ୍କ ପାଇଁ ୧୮-୩୫ ବର୍ଷ ଏବଂ ୪୦ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ଏକ ଲକ୍ଷ ଟଙ୍କାର ପ୍ରକଳ୍ପରେ ୫୦୦୦ ମାର୍ଜିନ ମନି ଏବଂ ୯୫୦୦୦ କେନ୍ଦ୍ର କିମ୍ବା ରାଜ୍ୟ ଯୋଜନା ଭାବରେ କମ୍ ସୁଧରେ ବ୍ୟାଙ୍କରୁ ଋଣ କରାଯାଇପାରିବ । କିନ୍ତୁ ସରକାର ଏହି ସୁଧ ବହନ କରିବେ । ୨ ବର୍ଷରେ ପ୍ରାରମ୍ଭିକ ଭାବେ ୫୦,୦୦୦ରୁ ଅଧିକ ଯୁବକଙ୍କୁ ଟାର୍ଗେଟ କରାଯାଇଛି। ଦୁଇଟି କିସ୍ତିରେ ଋଣ ମିଳିବ ଏବଂ ୪ ବର୍ଷରେ ପରିଶୋଧ ହେବ କିନ୍ତୁ ସ୍ଥଗନ ଅବଧି ୩-୬ ମାସ ପର୍ଯ୍ୟନ୍ତ ହୋଇପାରେ। ମୋ ସେବା କେନ୍ଦ୍ର ମାଧ୍ୟମରେ ଏଥିପାଇଁ ଆବେଦନ କରିପାରିବେ ବୋଲି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ମିଶ୍ର ଓ ଡକ୍ଟର ପାତ୍ର କହିଛନ୍ତି ।

## ଟ୍ରକ୍ ଡ୍ରାଇଭରକୁ ଅଟକାଇ ଟଙ୍କା ଛଡ଼ାଇଲେ ଯୁବକ

ଜଟଣୀ(ସ.ବ୍ୟୁ): ମେଡ଼ିସିନ ନେଇ ଆସୁଥିବା ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କ ଠାରୁ ଜବରଦସ୍ତ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଛଡ଼ାଇ ନେବା ଘଟଣାରେ ଜଟଣୀ ପୁଲିସ ଦୀପୁ ବରାଳ ଓରଫ ଧଡୁ ନାମକ ଅଭିଯୁକ୍ତକୁ ଗିରଫ କରିଛି । ଏହି ଥାନା ଗୋପୀନାଥପୁର ଗ୍ରାମରେ ତାର ଘର ବୋଲି ପୁଲିସ କହିଛି । ତାର ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତ ଓ ତାର ସହଯୋଗୀ ଅନେକ ସମୟରେ ଆସୁଥିବା ଟ୍ରକ୍‌ଗୁଡ଼ିକୁ ଅଟକାଇ ଜବରଦସ୍ତ ଦାଦାବଟି ଆଦାୟ କରିଥାନ୍ତି । ଯେଉଁମାନେ ମନା କରନ୍ତି ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେବା ସହ ଆକ୍ରମଣ କରି ଟଙ୍କା ଓ ମୂଲ୍ୟବାନ୍ ସାମଗ୍ରୀ ଛଡ଼ାଇ ନିଅନ୍ତି ବୋଲି ପୁଲିସ କହିଛି। ଗିରଫ ହୋଇଥିବା ଅଭିଯୁକ୍ତ ନାମରେ ଜଟଣୀ ଥାନାରେ ପୂର୍ବରୁ ଦୁଇଟି ମାମଲା ରହିଛି । ଗତ ୨୧ ତାରିଖରେ ମେଡିସିନ ନେଇ ହାଇଦ୍ରାବାଦରୁ ଭୁବନେଶ୍ୱର ଏକ ଟ୍ରକ୍ ଯାଉଥିଲା । ଜଟଣୀ ସ୍ଥିତ ଏକ ଘରୋଇ କଲେଜ ନିକଟରେ ହୋଇଥିବା ବେଳେ ଧଡୁ ଓ ତାର ସହଯୋଗୀ ଟ୍ରକକୁ ଅଟକାଇ ଡ୍ରାଇଭରକୁ ୧୦ହଜାର ଟଙ୍କା ମାଗିଥିଲେ । ମନା କରିବାରୁ ଡ୍ରାଇଭର ନିକଟରେ ଥିବା ମନିପର୍ସକୁ ଜବରଦସ୍ତ ଛଡ଼ାଇ ନେଇଥିଲେ । ମନିପର୍ସରେ ୩ ହଜାର ଟଙ୍କା ରହିଥିଲା ।

## ଚାନ୍ଦିନୀଚୌକ ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନମଣ୍ଡଳୀର ଗରୁଡ଼ ଦୋଳ ବିମାନ

କଟକ, (ସବ୍ୟୁ): ରାଜ୍ୟର ବିଭିନ୍ନ ସ୍ଥାନରେ ସୁନା, ଚାନ୍ଦି ଏବଂ ପିତ୍ତଳର ଦୋଳ ବିମାନ ନିର୍ମିତ ହୋଇଥିବାବେଳେ ଚାନ୍ଦିନୀଚୌକ ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ଗରୁଡ଼ ଉପରେ ଦୋଳ ବିମାନ ଶିଶୁ କାଠରେ ନିର୍ମାଣ କରାଯାଇଛି । ୧୯୬୪ ମସିହାରେ ସ୍ୱର୍ଗତଃ ବାରିଷ୍ଟର ରଣଜିତ ମହାନ୍ତି ଏହି ବିମାନ ନିର୍ମାଣ ନିମନ୍ତେ ୫୦୦୦ ଟଙ୍କା ସାହାଯ୍ୟ କରିଥିଲେ ଶିଳ୍ପୀ ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏହି ବିମାନର ଡିଜାଇନ ଦେଇଥିବାବେଳେ କାଠ ଶିଳ୍ପୀ ସ୍ୱର୍ଗତଃ କାଶୀନାଥ ମହାରଣା ଏହାକୁ ନିର୍ମାଣ କରିଥିଲେ ଏହି ବିମାନ ଦୋଳ ମେଲଣକୁ ଶୋଭାଯାତ୍ରାରେ ଯାଉଥିବାବେଳେ ଶତାଧିକ ଜନସାଧାରଣ ବିମାନ ଚାରିପଟେ ରୁଣ୍ଡ ହୋଇ ଏହାର କାରୁକାର୍ଯ୍ୟ ଦେଖି ଭୂୟସୀ ପ୍ରଶଂସା କରୁଛନ୍ତି । ଏଭଳି ବିମାନ ନିର୍ମାଣ ହେବା ଫଳରେ କଟକ ସହର ଆଜି ଗର୍ବ ଅନୁଭବ କରୁଛି । ସେତେବେଳେ ତତ୍କାଳୀନ ମହନ୍ତ ସ୍ୱର୍ଗତଃ ଗଣେଶଚନ୍ଦ୍ର ରାଓ, ଅଧିକାରୀ ସ୍ୱର୍ଗତଃ ରାଜକିଶୋର ସିଂହ ଓ କଟୁଆଳ ସ୍ୱର୍ଗତଃ ଅଚ୍ୟୁତାନନ୍ଦ ବେହେରା ପ୍ରମୁଖ ଦାୟିତ୍ୱରେ ଥିଲେ ବର୍ତ୍ତମାନ ଏହି ସଂକୀର୍ତ୍ତନମଣ୍ଡଳୀର ମହନ୍ତ ଭିକାରୀ ଦାସ, ଅଧିକାରୀ ପ୍ରଦ୍ୟୁମ୍ନ ରାଓ ଓ କଟୁଆଳ ଗୋପାଳ ମହାରଣା ଦାୟିତ୍ୱ ବହନ କରିଛନ୍ତି ।

## ଅରିଲୋ ମେଳଣ ଶେଷ

ଫୁଲନଖରା,(ସବ୍ୟୁ) : କଟକ ସଦର ଥାନାଅଞ୍ଚଳରେ ଅନୁଷ୍ଠିତ ପ୍ରସିଦ୍ଧ ଅରିଲୋ ମେଳଣ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତର ଅରିଲୋ ଗ୍ରାମସ୍ଥିତ ଶ୍ରୀଶ୍ରୀ ଜନାର୍ଦ୍ଦନ ଦେବଙ୍କ ପୀଠରେଆୟୋଜିତ ଏହି ଏକଦିବସୀୟ ମେଳଣରେ ନିକଟବର୍ତ୍ତୀ ଅଞ୍ଚଳରୁ ମୋଟ ୫୦ଟି ଦୋଳ ବିମାନ ଯୋଗଦେଇଥିଲେ। ପ୍ରଚଳିତ ପରମ୍ପରା ଅନୁସାରେ ଶୁକ୍ରବାର ମଧରାତ୍ରରେ ପ୍ରଥମେ ମହୀଧରପଡ଼ାର ଲକ୍ଷ୍ମୀନାରାୟଣ ଓ ଗୋପୀନାଥ ଦେବ ଏବଂ ଅରଡ଼ିଆପଦାର ରାଧାମାଧବ ଦେବ ସୁସଜ୍ଜିତ ବିମାନରେ ଆସିଲକିତା ପୋଖରୀ ନିକଟରେ ପହଞ୍ଚିଥିଲେ ସେଠାରେ ଅରିଲୋର ଜନାର୍ଦ୍ଦନ ଦେବ ଓ ଯୁଗଳକିଶୋର ଦେବଙ୍କ ପକ୍ଷରୁପୂଜକ, ଟ୍ରଷ୍ଟି ଏବଂ ମାର୍ଫତଦାରମାନେ ଫୁଲ, ଚନ୍ଦନ, ଆଜ୍ଞାମାଳ ଆଦି ପ୍ରଦାନ ପୂର୍ବକ ସମସ୍ତଙ୍କୁଆନୁଷ୍ଠାନିକଭାବେ ନିମନ୍ତ୍ରଣ ଜଣାଇଥିଲେ। ଏହାପରେ ତିନି ଠାକୁର ବାଜା, ବାଣ, ଲଉଡ଼ି, ବନାଟି, ଷଣ୍ଢ ଓଘୋଡ଼ାନାଚ ପ୍ରଦର୍ଶନ ସହ ଶୋଭାଯାତ୍ରାରେ ଯାଇ ଜନାର୍ଦ୍ଦନ ଦେବଙ୍କ ଚକଡ଼ାରେ ଉପବିଷ୍ଟ ହେବାପରେ ହରିହରି ଭେଟ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦଳବାଡ଼ ଓ ପରେପରେ କ୍ରମାନୁସାରେ ଅନ୍ୟ ଦୋଳବିମାନଗୁଡ଼ିକ ଶୋଭାଯାତ୍ରାରେ ଅରିଲୋ ଗ୍ରାମ ପରିକ୍ରମା ସହ ମେଳଣ ପଡ଼ିଆରେ ଏକତ୍ରୀତ ହୋଇଥିଲେ। ଶନିବାର ପ୍ରତ୍ୟୁଷରୁ ଫୁଲନଖରାସ୍ଥିତ ଶ୍ରୀଶ୍ରୀ ଲକ୍ଷେଶ୍ୱର ମହାଦେବ ମେଳଣ ପଡ଼ିଆରେ ପହଂଚି ସମସ୍ତ ଠାକୁରଙ୍କୁ ପରିକ୍ରମା ସହ ଭୋଗ ଖାଇଥିଲେ। ଏଠାରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା ଏହାପରେ ଦୋଳ ବିମାନଗୁଡ଼ିକ ସେମାନଙ୍କ ସ୍ୱସ୍ଥାନକୁ ପ୍ରତ୍ୟାର୍ବନ କରିବା ସହ ମେଳଣ ପର୍ବ ସମ୍ପନ୍ନ ହୋଇଥିଲା।ଏହି ପୁରାତନ ତଥା ପ୍ରସିଦ୍ଧ ମେଳଣ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଅନ୍ୟୁନ ୨୦ହଜାର ଦର୍ଶକଙ୍କ ସମାଗମ ହୋଇଥିଲାବେଳେ ମୀନା ବଜାରରେ ଶତାଧିକ ଅସ୍ଥାୟୀ ଦୋକାନ ଖୋଲିଥିଲା। ରାଜ୍ୟ ସଂସ୍କୃତି ବିଭାଗପକ୍ଷରୁ ଜନାର୍ଦ୍ଦନ ଦେବଙ୍କ ପୀଠରେ ଆଧ୍ୟାତ୍ମିକ ଭଜନ ପରିବେଷିତ ହୋଇଥିଲା। ଏତଦ ବତୀତ ଅରଡ଼ିଆପଦା ଗ୍ରାମ କମିଟି ତରଫରୁ ନବମଲ୍ଲୀକା ପୀଠରେ ଆୟୋଜିତ କାର୍ଯକ୍ରମରେ ବିଭିନ୍ନମୁରବି, ଆରକ୍ଷୀ ଏବଂ ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସଦରଥାନାଧିକାରୀ ଜଗନ୍ନାଥ ମଳିକଙ୍କ ନେତୃତ୍ୱରେ ୩ପ୍ଲାଟୁନ ପୁଲିସ କର୍ମଚାରୀଙ୍କୁ ମୁତୟନକରାଯାଇଥିଲାବେଳେ ମେଳଣ ଶାନ୍ତି କମିଟି ସଭାପତି ଯୁଧିଷ୍ଠିର ଭୋଳ, କାର୍ଯ୍ୟକାରୀ ସଭାପତିସୁନ୍ଦରପବିତ୍ର ଦାସ, ଲଳିତକୁମାର ଦାଶ, ଯଜ୍ଞେଶ୍ୱର ଶତପଥୀ ପ୍ରମୁଖ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ଚୋରି ଘଟଣାରେ ଅଭିଯୁକ୍ତକୁ ଗିରଫ କଲା ଦିଲ୍ଲୀ ପୁଲିସ

ସୋର,(ସବ୍ୟୁ) : ଦିଲ୍ଲୀରୁ ଚୋରି କରିଥିବା ଘଟଣାରେ ଶୁକ୍ରବାର ଦିନ ଅଭିଯୁକ୍ତକୁ ଗିରଫ କରିଛି ଦିଲ୍ଲୀ ପୋଲିସ । ସୋର ଥାନା ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଜଣେ ଯୁବକ ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିବା ବେଳେ ସେଠାରୁ ୬୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ସୁନା ଅଳଙ୍କାର ସମେତ ୬ ଲକ୍ଷ ନଗଦ ଟଙ୍କା ଚୋରି କରି ଫେରାର ଥିବା ବେଳେ ସୋର ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ତାକୁ ଗିରଫ କରି ନେଇଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ଏହି ଗ୍ରାମର ପ୍ରୀତମ ଦାସ ଦିଲ୍ଲୀର ସିଆର ପାର୍କ ଥାନା ଅଧୀନରେ ଜଣେ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ତାଙ୍କ ଘରୁ ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ସହିତ ୬ ଲକ୍ଷ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲା ।ପରେ ବ୍ୟକ୍ତି ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ଦିଲ୍ଲୀ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଏକ ପଞ୍ଚଜଣିଆ ଟିମ ସୋର ଥାନାରେ ପହଞ୍ଚିଥିଲେ। ପ୍ରିତମର ମୋବାଇଲ ନମ୍ବରକୁ ଟ୍ରାକିଂ କରି ଦିଲ୍ଲୀ ପୁଲିସ ସୋର ପୁଲିସ ସହାୟତାରେ ପ୍ରୀତମକୁ ବାଗୁଡିରୁ ଗିରଫ କରିବା ସହିତ ତା ନିକଟରୁ ୮ଶହ ଗ୍ରାମର ସୁନାର ମୂର୍ତି,ଗୋଟିଏ ସୁନା ହାର ଓ ଦୁଇ ହଳ କାନଫୁଲ ଜବତ କରିଛି।ଶୁକ୍ରବାର ରାତିରେ ଦିଲ୍ଲୀ ପୁଲିସ ପ୍ରିତମକୁ ଦିଲ୍ଲୀ ନେଇଯାଇଥିବା ଜଣାପଡିଛି।

## ହୀରାକୁଦରେ ଡାଇରିଆ ସଂକ୍ରମଣ ଘଟଣାରେ ଚିନ୍ତାପ୍ରକଟ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

### ଆକ୍ରାନ୍ତଙ୍କୁ ସଠିକ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ସିଡିଏମଓଙ୍କ ସହ କଥା ହେଲେ



ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ସହରର ହୀରାକୁଦ ଅଞ୍ଚଳରେ ଡାଇରିଆ ସଂକ୍ରମଣ ନେଇ ଗଭୀର ଚିନ୍ତାପ୍ରକଟ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ବିଷୟରେ ସମ୍ବଲପୁର ସିଡିଏମଓ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏ ସମ୍ପର୍କରେ ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ଚିକିତ୍ସିତ ହେଉଥିବା ଲୋକ ମାନଙ୍କୁ ସଠିକ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ସମ୍ବଲପୁର ସିଡିଏମଓ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ ସହ କଥା ହେଲି । ଚିକିତ୍ସାଧୀନ ଲୋକମାନଙ୍କୁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସମ୍ବଲପୁର ସହରର ହୀରାକୁଦ ଅଞ୍ଚଳରେ ଡାଇରିଆ ଲାଗି ରହିଥିବା କାରଣରୁ ମୃତ୍ୟୁବରଣ କରିଥିବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ଆକ୍ରାନ୍ତଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ଚିକିତ୍ସିତ ହେଉଥିବା ଲୋକମାନେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ମା' ସମଲେଇଙ୍କ ନିକଟରେ ପ୍ରାର୍ଥନା ।

## ରାଧାମୋହନଜୀଉ ନାଟ୍ୟ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର, (ସବ୍ୟୁ) : ପବିତ୍ର ଫଗୁଦଶମୀ ଅବସରରେ ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ରାଧାମୋହନଜୀଉ ନାଟ୍ୟ ପରିଷଦ ପକ୍ଷରୁ ଦୁଇଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରାଧାମୋହନ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଦୁଇଦିନ ଧରି ଆୟୋଜିତ ହୋଇଥିବା ବେଳେ ପ୍ରଥମ ଦିନରେ ମାଇଚିଆ ଗୋଖେଇ ସାହୁ ଓ ଦ୍ୱିତୀୟ ଦିବସରେ ଦେଇଗଲା ଦାଗ ଅଦିନ ମେଘ ନାଟ୍ୟ ପରିବେଷଣ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ୧୧ନଂ. ୱାର୍ଡ଼ ପାରିଷଦ ବିନୋଦିନୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ହିମାଂଶୁ ଦାସ ଓ ରଜନୀକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଦୁଇଟି ନାଟକ ବେଶ୍ ରୋମାଂଚକର ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଲୋକନାଥ ସାହୁ, ସଭାପତି ଟୁକୁ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ରାଉତରାୟ, ସଂପାଦକ ପ୍ରମୋଦ ଜେନା, ସହସମ୍ପାଦକ ରାଜକିଶୋର ସାମନ୍ତ, କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା, ସନ୍ତୋଷ ସେନାପତି, ଭୀମସେନ ବିଶ୍ୱାଳ, ବିଶ୍ୱରଂଜନ କର, ବିଶ୍ୱଜିତ୍ ଭଞ୍ଜ, ଶିବବ୍ରତ ଦାସ, ଦିବାକର ପଟ୍ଟନାୟକ, ଖଗେଶ୍ୱର ମଲ୍ଲ, ତପନ ରାଉତ, କାହ୍ନୁଚରଣ ଜେନା, ପ୍ରଦୀପ ଦାସ, ଶଶାଙ୍କ ସୁନ୍ଦର ରାଉତ, ଜିତେଶ୍ ମହାନ୍ତି ଓ ବିଶ୍ୱରଂଜନ ସାହୁ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆଶା କିରଣ ଗ୍ରୁପ ଦ୍ୱାରା ଭୋଟର୍ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପଳାଶପୁର ସ୍ଥିତ ଆଶା କିରଣ ଗ୍ରୁପ ଆନୁକୂଲ୍ୟରେ ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ୨୩.୦୩.୨୦୨୪ (ଶନିବାର)ରେ ଏକ ଭୋଟର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଶା କିରଣ ଗ୍ରୁପ ଦ୍ୱାରା ପରିଚାଳିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୂର୍ଣ୍ଣିମା ପଟ୍ଟନାୟକ, ଉପାଧ୍ୟକ୍ଷ ଇଞ୍ଜିନିୟର ଜୀବନ ଜ୍ୟୋତି ଷଡଙ୍ଗୀ ଏବଂ ଏନ୍ ଏସ୍ ଏସ୍ ପ୍ରୋଗ୍ରାମର ଅଫିସର ପ୍ରଫେସର ଦ୍ୱାରକା ନାଥ ମହାପାତ୍ର ପ୍ରମୁଖ ଯୋଗଦାନ କରି ଉକ୍ତ ରାଲିକୁ ଉଦବୋଧନ ଦେବା ସହିତ ପଳାଶପୁର ଗ୍ରାମର ସମସ୍ତ ଭୋଟର୍ ମାନଙ୍କୁ ସଚେତନ କରାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ କରିଥିଲେ। ଏହାପରେ ଆଶା କିରଣ ଗ୍ରୁପ ଦ୍ୱାରା ପରିଚାଳିତ ଭୁବନେଶ୍ୱର ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏକ ପଦଯାତ୍ରା କରି ପଳାଶପୁର ଗ୍ରାମର ସମସ୍ତ ଭୋଟର୍ ଭାଇଭଉଣୀମାନଙ୍କୁ ମତଦାନର ଅଧିକାର ସମ୍ପର୍କରେ ଅବଗତ କରାଇଥିଲେ ଉକ୍ତ କାର୍ଯ୍ୟକ୍ରମରେ ଆଶା କିରଣ ଗ୍ରୁପର ସମ୍ପାଦକ ଅବଦୁଲ୍ଲ ମୁତଲିବ ଖାନ୍, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ମା ହେବେ ରେଓ୍ୱା ଓ ବିଜିଲି

ବାରଙ୍ଗ, (ସବ୍ୟୁ) :ପୁଣି ମା ହେବାକୁ ଯାଉଛି ସିଂହୀ ରେଓ୍ୱା ଓ ବିଜିଲ। ଯାହାକୁ ନେଇ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଖୁସିର ବାତାବରଣ ଖେଳିଯାଇଛି।ରେଓ୍ୱା ର ଦ୍ୱିତୀୟ ଥର ପାଇଁ ମା ହେବାକୁ ଯାଉଥିବା ବେଳେ ଓ ବିଜିଲି ୪ର୍ଥ ଥର ପାଇଁ ମା ହେବ । କିନ୍ତୁ ଏମାନଙ୍କ ଶାବକ ଜନ୍ମ ଦେବା ସମୟ ଯେତିକି ପାଖେଇ ଆସୁଛି କର୍ତ୍ତୁପକ୍ଷ ଙ୍କ ଚିନ୍ତା ବଢ଼ି ବଢ଼ି ଯାଉଛି। ଚିନ୍ତା ବଢିବା ବି ସ୍ୱାଭାବିକ କଥା ,କାହିଁକି କି ନା ରେଓ୍ୱା ପ୍ରଥମ ଥର ପାଇଁ ୨୦୨୩ ମସିହା ଜାନୁୟାରୀ ୧୦ ରେ ମା ହୋଇଥିଲା। ପ୍ରଥମ ଗର୍ଭ ରେ ୪ଟି ଶାବକ ଜନ୍ମ ଦେଇଥିଲା। କିନ୍ତୁ ୨ଟି ଛୁଆ ମୃତ୍ୟୁ ବରଣ କରିଥିବା ବେଳେ ଆଉ ୨ଟି ଛୁଆ କୁ ଆପଣେଇନଥିଲା।ବାଧ୍ୟ ହୋଇ କର୍ତ୍ତୃପକ୍ଷ ଛୁଆଗୁଡ଼ିକୁ ମଣିଷ କୋଳରେ ଲାଳନପାଳନ ହେବା ପାଇଁ ଲାଳନପାଳନ କେନ୍ଦ୍ର ରେ ଛାଡିଥିବା ଛାଡିଥିଲେ । ଏବେ ପୁଣି , ୪ ବର୍ଷ ର ଏସୀୟ ସିଂହୀ ରେଓ୍ୱା ସହିତ ସିଂହ କ୍ରି ସହ ମିଳନ କରାଯାଇଛି । ସେ ଗର୍ଭବତୀ ହୋଇଥିବା ବେଳେ ଶାବକ ଜନ୍ମ ଦେବା ସମୟ ମଧ ପାଖେଇ ଆସିଲାଣି । ସେହିପରି ପୁଣି ଥରେ ମା ହେବାକୁ ଯାଉଛି ସିଂହୀ ବିଜଲୀ।ସିଂହ ସମ୍ରାଟ ସହ ସିଂହୀ ବିଜଲୀର ମିଳନ କରାଯାଇଥିବା ବେଳେ ସେ ଏବେ ଗର୍ଭବତୀ । ୨୦୨୧ମସିହା ଜୁଲାଇ ୨୧ ରେ ବିଜିଲି ପ୍ରଥମ ଥର ପାଇଁ ମା ହୋଇ ୪ ଟି ଶାବକ ଜନ୍ମ ହୋଇଥିଲା ।ଦୁଇଟି ମଳା ଛୁଆ ହୋଇଥିବା ବେଳେ ଗୋଟିଏ ଜନ୍ମ ଦେବାର ଗୋଟିଏ ଦିନ ନପୁରୁନୁ ମୃତ୍ୟୁ ହୋଇଥିଲା । ଏବଂ ଅନ୍ୟ ଛୁଆ କୁ ଗ୍ରହଣ ନ କରିବାରୁ କର୍ତ୍ତୃପକ୍ଷ ମଣିଷ କୋଳରେ ଲାଳନ ପାଳନ କରିବାକୁ ସ୍ଥିର କରିଥିଲେ। ସେହିପରି ୨୦୨୨ମସିହା ମାର୍ଚ୍ଚ ୧୭ରେ ଦିତୀୟ ଥର ପାଇଁ ମା ହୋଇ ଗୋଟିଏ ଶାବକ ଜନ୍ମ ଦେଇଥିଲା । କିନ୍ତୁ ଆପଣେଇନଥିଲା ଛ୨୦୨୨ ନଭେମ୍ବର ୨୨ତାରିଖରେ ତୃତୀୟ ଥର ପାଇଁ ମା ହୋଇଥିଲା । ତେବେ , ବିଗତ ଦିନରେ ବିଜିଲୀ ଦୁଇ ଦୁଇ ଥର ମାତୃ ଲାଭ କରିଛି କିନ୍ତୁ ନିଜ ଛୁଆକୁ ଆପଣେଉନି । ଛୁଆକୁ ମଣିଷ କୋଳରେ ଲାଳନପାଳନ ହେଉଛନ୍ତା।ଏବେ ସିଂହୀ ରେଓ୍ୱା ଓ ବିଜିଲିକୁ କର୍ତ୍ତୁପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି।

## ବିଜେଡି ନେତ୍ରୀ ବାସନ୍ତୀଙ୍କ ନିର୍ବାଚନ ସମରସଜ୍ଜା



ଖୋର୍ଦ୍ଧା (ସବ୍ୟୁ): ସାଧାରଣ ନିର୍ବାଚନ,୨୦୨୪ ପାଇ ନିର୍ବାଚନ କମିଶନଙ୍କ ଦ୍ୱାରା ବିଗୁଲ ବାଜି ସାରିଥିବାବେଳେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ରେ ବିଭିନ୍ନ ଆଶାୟୀ ପ୍ରାର୍ଥୀମାନଙ୍କ ଦ୍ୱାରା ରାଜନୈତିକ ଉଷ୍ମତା ବେଶ ବାରି ହୋଇ ପଡୁଛି । ଏହି ଆଧାରରେ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ରେ ଲାଗିପଡ଼ିଥିବା ବେଳେ କଂଗ୍ରେସ ଦଳ ବହୁପଛରେ ଥିବା ଭଳି ମନେ ହେଉଛି । ବିଜୁ ଜନତା ଦଳର ଆଶାୟୀ ପ୍ରାର୍ଥୀ ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ତଥା ଖୋର୍ଦ୍ଧା ଜିଲ୍ଲା ପରିଷଦ ର ପ୍ରାକ୍ତନ ସଭାପତି ବାସନ୍ତୀ ମହାପାତ୍ରଙ୍କ ସାଙ୍ଗଠନିକ ଦକ୍ଷତା, ନିରନ୍ତର ସମାଜସେବା ପାଇ ଉକ୍ତ ନିର୍ବାଚନମଣ୍ଡଳୀ ରେ ସାଧାରଣରେ ଶୀର୍ଷ ସ୍ଥାନ ଦଖଲ କରିପାରିଛନ୍ତି । ବିଜୁ ଜନତା ଦଳର ସଂଗଠନ ଏଠାରେ ନିଷ୍କ୍ରିୟ ଥିଲା ବେଳେ ତୃଣମୂଳ ସ୍ତରରୁ ପ୍ରତ୍ୟେକ ୱାର୍ଡ ରେ ସଂଗଠନ କୁ ସୁସଂଗଠିତ କରିବାସହ ଦଳୀୟ ଟିକେଟ ପାଇବାକୁ ସେ ପ୍ରମୁଖ ଦାବିଦାର ବୋଲି ଆଲୋଚିତ ହେଉଅଛି । ଟାଙ୍ଗୀ ବ୍ଲକ ର ୨୬ଗୋଟି ପଂଚାୟତ ର ଶତାଧିକ ଛାମୁଆ କର୍ମୀ ଯୁବଛାତ୍ର, ମହିଳା ଏବଂ ନିର୍ବାଚିତ ପ୍ରତିନିଧି ମାନଙ୍କୁ ନେଇ ଏକ ପ୍ରାକ ନିର୍ବାଚନୀ ସଭା ମା' ଉଗ୍ରତାରାଙ୍କ ପୀଠରେ ଶ୍ରୀମତୀ ମହାପାତ୍ର ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଶ୍ରୀମତୀ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବତାରଣା କରିବା ସହିତ ଆଗାମୀ ଦିନରେ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ଲାଗି ତୃଣମୁଳସ୍ତରରେ ଲୋକମାନଙ୍କୁ ସଚେତନ କରିବାକୁ କହିଥିଲେ ।

## ନଗର କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି ପତ୍ର ଉନ୍ମୋଚନ

କଟକ (ସବ୍ୟୁ): କଟକ ନଗର କଂଗ୍ରେସ ପକ୍ଷରୁ କଂଗ୍ରେସ ର ଗ୍ୟାରେଣ୍ଟି ପତ୍ର କଲେଜ ଛକ ସ୍ଥିତ ନଗର କଂଗ୍ରେସ କାର୍ଯ୍ୟାଳୟ ରେ ଉନ୍ମୋଚିତ ହୋଇଯାଇଛି । ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର ଙ୍କ କର କମଳରେ କଂଗ୍ରେସ ର ଏହି ଗ୍ୟାରେଣ୍ଟି ପତ୍ର ଉନ୍ମୋଚନ କରାଯାଇଥିଲା । ୨୪ବର୍ଷର ବିଜେଡି ଶାସନ ଓ ଓ ୯ବର୍ଷର ବିଜେଡି, ବିଜେପି ଶାସନରେ ଯାହା ହୋଇ ନାହିଁ ତାହା କଂଗ୍ରେସ କରି ଦେଖେଇବ ବୋଲି ସଭାପତି ଶ୍ରୀ ମହାପାତ୍ର ଦୃଢୋକ୍ତି ବାଢିଥିଲେ । ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ,ପିସିସି ଅନୁସୂଚିତ ଜାତି ସେଲ ର ଅଧ୍ୟକ୍ଷ ବାଙ୍କନିଧି ବେହେରା କଟକ ନଗର (ଜିଲା)କଂଗ୍ରେସ ର ମୁଖ୍ୟ-ମୁଖପାତ୍ର ମାନସ ପରିଡା ପ୍ରମୁଖ ସାମ୍ବାଦିକ ସମ୍ମିଳନୀ କୁ ସମ୍ବୋଧିତ କରି କଂଗ୍ରେସ ର ୧୦ଦଫା ଗ୍ୟାରେଣ୍ଟି ସମ୍ପର୍କରେ କହିଥିଲେ । ବିଶେଷ କରି କଂଗ୍ରେସ ସରକାରକୁ ଆସିଲେ ଧାନର କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୦୦୦/ପ୍ରଦାନ,କୃଷି ଋଣ ଛାଡ,କୃଷକ ପାଇଁ ମାସିକ ୨୦୦୦/ ଭତ୍ତା,ପ୍ରତ୍ୟେକ ଘରୋଇ ଉପଭୋକ୍ତା ଙ୍କ ପାଇଁ ୨୦୦ୟୁନିଟ ବିଦ୍ୟୁତ ଦେୟ ଛାଡ଼,୫ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩୦୦୦/ଟଙ୍କା,ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ବ୍ୟାଙ୍କ ଋଣ ଛାଡ,ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ ମହିଳାଙ୍କୁ ମାସିକ ଭତ୍ତା୨୦୦୦/,ପ୍ରତି ପରିବାରକୁ ୫୦୦/ଟଙ୍କାରେ ଗ୍ୟାସ ସିଲିଣ୍ଡର,ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ୨୦୦୦/ଟଙ୍କା ପ୍ରଦାନ,ସମସ୍ତଙ୍କ ପାଇଁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆବର୍ଗଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଏବଂ ଚିଟଫଣ୍ଡ ଦ୍ୱାରା ପ୍ରଭାବିତ ଜମାକାରୀ ଙ୍କୁ ୬ମାସ ମଧରେ ଟଙ୍କା ଫେରସ୍ତ କରାଯିବ ବୋଲି ବକ୍ତା ମାନେ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧରେ ବରିଷ୍ଠ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ ଓ ବିଶ୍ୱନାଥ ଶତପଥୀ, ପ୍ରାକ୍ତନ କର୍ପୋରେଟର କେଦାର ରାଉତ,ସଂଖ୍ୟାଲଘୁ ସେଲ ର ଅଧ୍ୟକ୍ଷ ଶେଖ ଜାଫର ଙ୍କ ସମେତ ବ୍ଲକ କଂଗ୍ରେସ ସଭାପତି ବିପନ ପସାୟତ ଓ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀ ପରିଚାଳନା କରିବା ସହ ଉଦବୋଧନ ଦେଇଥିଲେ ।

## ଏଚ୍‌ଡିଏଫ୍‌ସି ପରିବର୍ତ୍ତନ ଷ୍ଟାର୍ଟଅପ୍ ଅନୁଦାନର ବିଜେତାଙ୍କ ନାମ ଘୋଷିତ

ଭୁବନେଶ୍ୱର (ସବ୍ୟୁ): ଏକ ଅଗ୍ରଣୀ ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର ଏଆଇସି-ନାଳନ୍ଦା ପକ୍ଷରୁ ଏଚ୍‌ଡିଏଫ୍‌ସି ପରିବର୍ତନ ଷ୍ଟାର୍ଟଅପ୍ ଅନୁଦାନର ଏହାର ଟିମ୍‌ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ଅନୁଦାନ 'ସ୍ମାର୍ଟ ସିଟିଗୁଡିକ ପାଇଁ ସବୁଜ ସମାଧାନ ନିର୍ମାଣ କରିବା' ଉପରେ ଗୁରୁତ୍ୱ ଦେଉଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ସହଯୋଗ କରିବା ପାଇଁ ଉତ୍ସର୍ଗୀକୃତ ଅଟେ ଯାହା ସ୍ଥାୟୀ ବିକାଶ ଓ ଉଦ୍ଭାବନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ଏକ ଜଟିଳ ଚୟନ ପ୍ରକ୍ରିୟା ପରେ ଏଆଇସି-ନାଳନ୍ଦା ପରିବର୍ତନ କୋହର୍ଟ ୧.୦ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବା ପାଇଁ ୭୦ ଜଣ ଆବେଦନକାରୀଙ୍କ ମଧ୍ୟରୁ ଶୀର୍ଷ ୧୦ଟି ଷ୍ଟାର୍ଟଅପ୍‌କୁ ଚୟନ କରିଥିଲା। ଏହି ପ୍ରୋଗ୍ରାମରେ ମାର୍ଚ୍ଚ ୨୦୨୪ରେ ଏସ୍.ଆଇ.ଜି.ଏମ୍.ଏ ଷ୍ଟାର୍ଟଅପ୍ ଆକ୍‌ସିଲରେଟର ପ୍ରୋଗ୍ରାମ ନାମକ ଏକ ବିସ୍ତୃତ ୨ ସପ୍ତାହ ଅବଧି ବିଶିଷ୍ଟ, ୧୦-ଅଧିବେଶନର କ୍ଷମତା-ନିର୍ମାଣ ପଦକ୍ଷେପ ସାମିଲ ରହିଛି। ଉଲ୍ଲେଖନୀୟ ଭାବେ, ଏହି ପ୍ରୋଗ୍ରାମରେ ସୋସିଆଲ ଆଲ୍‌ଫା, ଇନ୍‌ଫ୍ଲେକ୍ସନ ପଏଂଟ୍ ଭେଂଚର୍ସ ଓ ଫ୍ଲୁଇଡ ଭେଂଚର୍ସ ଭଳି ପ୍ରଖ୍ୟାତ ଭେଂଚର କ୍ୟାପିଟାଲିଷ୍ଟ ଫାର୍ମଗୁଡିକରୁ ୧୦ ଜଣ ମେଂଟର ଓ ପ୍ରତିଷ୍ଠିତ ନିବେଶକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଛି । ଏହି ପଦକ୍ଷେପର କାର୍ଯ୍ୟକାରିତା ବହୁପ୍ରତିକ୍ଷୀତ ୱିନର୍ ଆନାଉନ୍ସମେଂଟ୍ ଡେ' ଦ୍ୱାରା ଚିହ୍ନିତ ହୋଇଥିଲା ଯେଉଁଠାରେ କୋହର୍ଟର ୪ଟି ଉଲ୍ଲେଖନୀୟ ଷ୍ଟାର୍ଟଅପ୍‌କୁ ସମ୍ମାନିତ କରାଯାଇଥିଲା। ରିସାଇକେଲ ପେ', ଆର୍କ ରୋବୋଟିକ୍ସ, ପ୍ୟାଡ୍‌ଭର୍ସ ଓ କୋକୋ ବୋର୍ଡସ୍ ଆର୍ଥିକ ଅନୁଦାନ ପାଇବା ପାଇଁ ବିଜେତା ଘୋଷିତ ହୋଇଥିଲେ।




ଟାଣ ଖରାରୁ ରକ୍ଷାପାଇବା ପାଇଁ ଛତା ଓ ପାଣି ଭରଷା

## ସୁନା ଅଳଙ୍କାର ଚୋରି ଘଟଣା ଅଭିଯୁକ୍ତକୁ ଗିରଫ କଲା ପଶ୍ଚିମବଙ୍ଗ ପୁଲିସ

ସୋର,(ସବ୍ୟୁ) :ସୋର ବ୍ଲକ କେଦାରପୁର ପଞ୍ଚାୟତ ଚକବାରାହା ପୁର ଗ୍ରାମର ଜଣେ ଯୁବକ ପଶ୍ଚିମବଙ୍ଗରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିବା ଜଣେ ସାତ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ନେଇ ଫେରାର ଥିବା ବେଳେ ପଶ୍ଚିମବଙ୍ଗ ପୁଲିସ ସୋର ପୁଲିସ ସହାୟତାରେ ଯୁବକଙ୍କୁ ଗିରଫ କରି ନେଇ ଯାଇଥିବା ଜଣାପଡିଛି। ସୋର ଥାନା କେଦାରପୁର ପଂଚାୟତ ଚକବାରାହାପୁର ଗ୍ରାମର ଦୀପକ ନାୟକ(୨୩) ପଶ୍ଚିମବଙ୍ଗ ଜଡାହାଟ ଥାନା ଅଧିନରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ। ସୁଯୋଗ ଦେଖି ତାଙ୍କ ଘରୁ ସାତ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଚୋରି କରି ନେଇ ଘରକୁ ପଳାଇ ଆସିଥିଲେ। ପରେ ଘର ମାଲିକ ଜଡାହାଟ ଥନାରେ ଅଭିଯୋଗ କରିବା ପରେ ପୁଲିସ ୨୬/୨୪ ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।ତେବେ ଶୁକ୍ରବାର ରାତିରେ ଏକ ଚାରିଜାଣିଆ ପୁଲିସ ଟିମ ସୋର ଥାନାରେ ପହଂଚି ସୋର ପୁଲିସ ସହାୟତାରେ ଦୀପକ ଘରେ ପହଞ୍ଚି ତାକୁ ଗିରଫ କରିଥିଲେ। ଶନିବାର ପୂର୍ବାହ୍ନରେ ସୋର ଥାନାରେ ଆବଶ୍ୟକୀୟ କାଗଜପତ୍ର କରିବା ପରେ ପୁଲିସ ତାକୁ ପଶ୍ଚିମବଙ୍ଗ ନେଇ ଯାଇଥିବା ଜଣାପଡିଛି।

## ଇଣ୍ଡିଆନ ଷ୍ଟିଲ ଆସୋସିଏସନର ସଭାପତି ଭାବରେ ନବୀନ ଜିନ୍ଦଲଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ସର୍ବସମ୍ମତିକ୍ରମେ 'ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସ୍ଏ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ୨୦୨୪ ମାର୍ଚ୍ଚ ୨୧ରେ ଏଏମ୍ଏନ୍ଏସ୍ ଇଣ୍ଡିଆର ସିଇଓ ତଥା ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଦିଲ୍ଲୀପ ଓମେନଙ୍କ ଠାରୁ ଶ୍ରୀ ଜିନ୍ଦଲ ଆଇଏସ୍ଏର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଇଏସ୍ଏର ପୂର୍ବତନ ସଭାପତିମାନଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ର ସିଏମଡି ସଜ୍ଜନ ଜିନ୍ଦଲ ଏବଂ ଟାଟା ଷ୍ଟିଲ୍ ର ଏମ୍‌ଡି ତଥା ସିଇଓ ଟି.ଭି. ନରେନ୍ଦ୍ରନ୍ ।



ଇସ୍ପାତ, ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରରେ ଭାରତର ଅଗ୍ରଣୀ ଶିଳ୍ପ ସଂସ୍ଥା ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଜଣେ ଜଣାଶୁଣା ଭାରତୀୟ ଶିଳ୍ପପତି ଓ ସମାଜସେବୀ । ପ୍ରତ୍ୟେକ ଭାରତୀୟ ସେମାନଙ୍କ ମୌଳିକ ଅଧିକାର ଭାବରେ 'ସବୁ ଦିନ ଜାତୀୟ ପତାକା ପ୍ରଦର୍ଶନ କରିବାର ଅଧିକାର' ହାସଲ ପାଇଁ ତାଙ୍କର ଦଶ ବର୍ଷ ଧରି ଚାଲିଥିବା ସଫଳ ଆଇନଗତ ଲଢ଼େଇ ପାଇଁ ମଧ୍ୟ ସେ ସୁପରିଚିତ । ସେ ଦୁଇ ଥର ଭାରତୀୟ ସଂସଦକୁ ନିର୍ବାଚିତ ହୋଇ ୧୦ ବର୍ଷ ସାଂସଦ ଭାବରେ କାର୍ଯ୍ୟ କରିଛନ୍ତି ।

## ବିଜେଡ଼ିରେ ଯୋଗଦେଲେ ବ୍ଲକ ଅଧ୍ୟକ୍ଷାଙ୍କ ସହ ୨୫ ସରପଞ୍ଚ ଓ ୧୪ ସମିତିସଭ୍ୟ

ଭୁବନେଶ୍ୱର (ସବ୍ୟୁ): ପୁରୀଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ସମେତ କଣାସ ଏବଂ ସତ୍ୟବାଦୀ ବ୍ଲକର ୨୫ ସରପଞ୍ଚ ଓ ୧୪ସମିତିସଭ୍ୟଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଶନିବାର ଶଙ୍ଖଭବନ ଠାରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ, ବିଧାୟକ, ବରିଷ୍ଠ ସାଧାରଣ ସମ୍ପାଦକ ତଥା ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା କଣାସ ବ୍ଲକ ଅଧ୍ୟକ୍ଷା, କଣାସ ଓ ସତ୍ୟବାଦୀ ବ୍ଲକର ୧୫ ସରପଞ୍ଚ, ୧୪ ସମିତିସଭ୍ୟ ଏବଂ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଶ୍ରୀ ଦାସ, ଡକ୍ଟର ପାତ୍ର ଓ ଶ୍ରୀ ଦାସବର୍ମା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ଦାସ, ଡକ୍ଟର ପାତ୍ର ଓ ଶ୍ରୀ ଦାସବର୍ମା କହିଥିଲେ।




ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋସହ ଯୋଗ ଦେଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ପୂର୍ବତନ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, କଣାସ ବ୍ଲକ ବିଜେପି ମହିଳା ମୋର୍ଚ୍ଚା ସଭାପତି କବିତା ବୈରୀଗଞ୍ଜନ, ପୂର୍ବତନ କଣାସବ୍ଲକ ଅଧ୍ୟକ୍ଷ ସୁଶୀଲ ରାଉତ, ବରିଷ୍ଠବିଜେପିନେତା ପ୍ରସନ୍ନକୁମାର ପଟ୍ଟନାୟକ, ସରପଞ୍ଚ ଦୁଃଶାସନ ସ୍ୱାଇଁ, ବିଭୂତିଭୂଷଣ ବେବର୍ତ୍ତା, ସୁମନ୍ତ ବଳବନ୍ତରାୟଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସକର୍ମୀ ବିଜେଡ଼ିରେ ସାମିଲ୍‌ହୋଇ ଥିଲେ । ଏହିମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ବିଜେଡ଼ି ସଭାପତି ଦିବାକାର ପାତ୍ରଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ କାରବାରରେ ଶିକ୍ଷକ ୧୫ କିଲୋ ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଗଞ୍ଜେଇ କାରବାରରେ ଶିକ୍ଷକ ଜଡ଼ିତ ହେବା ନେଇ ଭୁବନେଶ୍ୱର ପୋଲିସରେ ଚର୍ଚ୍ଚା ହେଉଛି । ଜଣେ ଶିକ୍ଷକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିବା ସହ ସେ ରଖିଥିବା ୧୫ କିଲୋ ଗଞ୍ଜେଇ ଜବତ କରିଛି ।

କନ୍ଧମାଳ ଜିଲ୍ଲା ଗୋରାଡ଼ମାହେ ୟୁପି ସ୍କୁଲର ଶିକ୍ଷକ ବାଣେଶ୍ୱର ପ୍ରଧାନ । ସେ ୨୦୧୬-୧୯ ପର୍ଯ୍ୟନ୍ତ ଶିକ୍ଷକତା କରୁଥିଲେ । ସେହି ସମୟ ମଧ୍ୟରେ ସ୍କୁଲର ସାମଗ୍ରୀ ବିକ୍ରି କରି ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ନିଲମ୍ବିତ ହୋଇଥିଲେ । ସେଠାରୁ ଶିକ୍ଷକତା ଛାଡ଼ିବା ପରେ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ଇସାନେଶ୍ୱର ବସ୍ତିରେ ୨୦୨୧ ମସିହାରେ ଘର କରି ରହିବା ସହ ଏକ ଘରୋଇ ହସ୍ପିଟାଲରେ କାମ କରେ । କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ଚନ୍ଦ୍ରଶେଖରପୁର ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ତା' ଘରୁ ୧୫ କିଲୋ ଗଞ୍ଜେଇ ଜବତ କରାଯାଇଥିଲା । ବାଣେଶ୍ୱର ସହ ତା'ର ସହଯୋଗୀ ଗଣେଶ ମଲ୍ଲିକ (୪୨) ଗିରଫ ହୋଇଛି । ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜେଲ ହାଜତ ପଠାଇ ଦିଆଯାଇଛି ।

## କେବି କାଚ୍‌ରୁ ଏଚ୍ଏଆଇର ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର (ସବ୍ୟୁ) : ରାଡିସନ ହୋଟେଲ ଗ୍ରୁପ୍, ଦକ୍ଷିଣ ଏସିଆର ଅଧ୍ୟକ୍ଷ ଥିବା କେବି କାଚ୍‌ରୁଙ୍କୁ ହୋଟେଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଚ୍ଏଆଇ) ପକ୍ଷରୁ ଦୁଇ ବର୍ଷ ପାଇଁ ଏହାର ଅଧ୍ୟକ୍ଷ ପଦରେ ନିଯୁକ୍ତ କରାଯାଇଛି। ନୂଆଦିଲ୍ଲୀର ଦ ପାର୍କଠାରେ ଗତ ମାର୍ଚ୍ଚ ୧୮ ତାରିଖରେ ଏଚ୍ଏଆଇର ୨୭ତମ ଏଜିଏମ୍ ପରେ ଆୟୋଜିତ ସଂଘର ସଫଳ ୧୦୦ତମ ଇସି ବୈଠକରେ ଏହି ଘୋଷଣା କରାଯାଇଛି। କାଚ୍‌ରୁ, ଆଇଏଚ୍‌ସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ପୁନିତ ଚଟ୍‌ୱାଲଙ୍କଠାରୁ ଏହି ପଦଭାର ଗ୍ରହଣ କରିବେ। ଏଚ୍ଏଆଇର ଏକ୍‌ଜିକ୍ୟୁଟିଭ କମିଟି (ଇସି) ପକ୍ଷରୁ ଆଇଏଚ୍‌ସିଏଲ୍‌ର ପରିଚାଳନା ବିଭାଗର କାର୍ଯ୍ୟକାରୀ ଉପାଧ୍ୟକ୍ଷ ରୋହିତ ଖୋସ୍‌ଲାଙ୍କୁ ସମାନ ଅବଧି ପାଇଁ ଏଚ୍ଏଆଇର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।



ଶୁକ୍ରବାର ଦିଲ୍ଲୀ ଠାରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ନିର୍ବାଚନ କମିଟି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମୀତ ଶାହାଙ୍କ ସମେତ ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଓ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ଅମ୍ବିକା ପ୍ରସାଦ ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଜଳ ଦିବସ

କଟକ (ସ୍ୱପ୍ର) : ପ୍ରତି ବର୍ଷ ମାର୍ଚ୍ଚ ୨୨ ରେ ବିଶ୍ୱ ଜଳ ଦିବସ ପାଳନ କରାଯାଏ ଯାହା ମଧୁର ଜଳର ଗୁରୁତ୍ୱକୁ ଦର୍ଶାଇଥାଏ । ଏହି ଦିନ ମୁଖ୍ୟତଃ ପ୍ରତି ବର୍ଷ ବିଭିନ୍ନ ବିଶେଷତ୍ୱ ସହିତ ଜଳ ଉତ୍ସର ନିରନ୍ତର ବ୍ୟବହାର ଏବଂ ପରିଚାଳନା ଉପରେ ଧ୍ୟାନ ଦିଆଯାଇଥାଏ । ସମସ୍ତଙ୍କ ପାଇଁ ଜଳର ଉପଲବ୍ଧତା କୁ ସୁନିଶ୍ଚିତ କରିବା ଏବଂ ଜଳକୁ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ସାଧନ କରିବା ଉଦ୍ଦେଶ୍ୟ ରେ ଏହି ବର୍ଷ ର ବିଷୟବସ୍ତୁ ଶାନ୍ତି ପାଇଁ ବିଶ୍ୱ ଏକତ୍ର କାର୍ଯ୍ୟ କରିବା ବିଷୟରେ । ଦିନକୁ ଦିନ ଆମେ ଜଳ ଅଭାବ ର ସମସ୍ୟା ସମ୍ମୁଖୀନ ହେଉଛନ୍ତି ଏବଂ ବାଙ୍ଗାଲୋର ସାଂପ୍ରତିକ ପରିସ୍ଥିତି ହେଉଛି ଏହି ଦୃଶ୍ୟ ର ସର୍ବୋତ୍ତମ ଉଦାହରଣ । ଯଦି ଆମେ ଏହି ସମସ୍ୟା ଗୁଡିକ ବିଷୟରେ ଅବଗତ ନ ଥାଉ ତେବେ ଭାରତ ରେ ଏପରି ପରିସ୍ଥିତି ଅତି ସାଧାରଣ ହେବ । ହ୍ରଦ, ପୋଖରୀ, ନଦୀ ଏବଂ ଆର୍ଦ୍ରଭୂମି ପରି ଜଳ ସମ୍ପଦ କୁ ସଫା ରଖିବା ଏଂ ଜଳ ପ୍ରଦୂଷଣ କୁ ରୋକିବା ପାଇଁ ଆମକୁ ପଦକ୍ଷେପ ନେବାକୁ ପଡିବ । ଏହି ଅବସରରେ କଟକ ଭିତ୍ତିକ ସଂଗଠନ ଅମ୍ବିକା ପ୍ରସାଦ ରିସର୍ଚ୍ଚ ଫାଉଣ୍ଡେସନ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ସହିତ କଟକ ନରାଜ ରେ ଉକ୍ତ ଦିନ କୁ ପାଳନ କରିଥିଲା । ଫାଉଣ୍ଡେସନ ର ପ୍ରମୁଖ ଡକ୍ଟର ସଂଜିତ କୁମାର ଙ୍କ ନେତୃତ୍ୱ ରେ ଅନ୍ୟ ସଦସ୍ୟ ତଥା ରାଜକୁମାରୀ ସୁପ୍ରିୟା ଦେବୀ, ଶ୍ୱେତା ମିଶ୍ର, ସୁଗୀମନି ମରାଣ୍ଡି, ଶୁଭଲକ୍ଷ୍ମୀ ରାଉତ ଏବଂ ନିବେଦିତା ଜେନା ପ୍ଲାଷ୍ଟିକ ପ୍ରଦୂଷଣ ଏଂ ମହାନଦୀ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେମାନେ ଏହି ଦିନ ପାଳନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଙ୍କ ସହ ନରାଜ ରେ ମହାନଦୀ କୂଳକୁ ସଫା କରିବାକୁ ନିଷ୍ପତ୍ତି ନେଇଥିଲେଛ ମହାନଦୀ ହେଉଛି ଓଡ଼ିଶା ରାଜ୍ୟ ର ବୃହତ୍ତମ ନଦୀ, କିନ୍ତୁ ନଦୀ ର ବର୍ତ୍ତମାନ ର ଦୁଃଖଦ ସ୍ଥିତି ଦେଖିବା କଷ୍ଟକର । ଆମ ସମସ୍ତଙ୍କୁ ମହାନଦୀ ର ସୁରକ୍ଷା ପାଇଁ ହାତ ମିଳାଇବାକୁ ପଡିବ କାରଣ ଏହା ରାଜ୍ୟ ର ପ୍ରତ୍ୟେକ ନାଗରିକ ଙ୍କ ଦାଇତ୍ୱ ଅଟେ ।




## ୪୦୭ସହ ଟାଟାଏସି ମୁହାଁମୁହିଁ, ଅଳ୍ପକେ ବର୍ତ୍ତିଲେ ଚାଳକ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଡାଇଭରସନ ନିକଟରେ ଆଜି ମଧ୍ୟାହ୍ନରେ ୪୦୭ ଓ ଟାଟାଏସି ମୁହାଁ ମୁହିଁ ଧକ୍କା ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତି ଯାଇଛି । ପ୍ରକାଶଯେ ପାଣିକୋଇଲି ପଟୁ ଯାଜପୁରରୋଡ ଅଭିମୁଖେ ଏକ ଟାଟାଏସି (ଓଡି୩୪ଜେ ୮୦୪୭) ଯାଉଥିବା ବେଳେ ଚାନ୍ଦପୁର ଡାଇଭରସନରେ ହଠାତ ଏ ୪୦୭(ଓଆର ୦୪ଏଚ ୮୮୨୧) ପଶି ଆସିଥିଲା । ଫଳରେ ଉଭୟ ଗାଡିମୁହାଁମୁହିଁ ହୋଇଥିଲେ । ଗାଡିର କିଛି ଅଂଶ ଭାଙ୍ଗିଥିବା ବେଳେ ଚାଳକଙ୍କର କୌଣସି କ୍ଷତି ହୋଇନଥିଲା । ଖବରପାଇ ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରିବା ସହ ୪୦୭ ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ୱାର୍ଡ ନମ୍ବର ୨୭ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ସାହି ମୁରବିମାନଙ୍କ ସହିତ ଆଲୋଚନା କଲେ ମେୟର

କଟକ, (ସବ୍ୟୁ):ପୁରୁଣା ରାଉସା ପାଟଣା ୱାର୍ଡ ନମ୍ବର ୨୭ ଦୁର୍ଗା-କାଳୀ ପୂଜା ପୁଷ୍କରଣୀ ହେଉଛି ବହୁ ପୁରୁଣା ପୋଖରୀଛ ଯାହାକି ୪୫୩ ଡିସିମିଲି ଜାଗା ଉପରେ ୧/୨ ଏକର ଜମିରେ ଏହି ପୁଷ୍କରିଣୀ ଶହଶହ ବର୍ଷ ଧରି ରହି ଆସିଅଛି । ଶନିବାର ମେୟର ସୁବାସ ସିଂ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦଶ , ସାହି ସଭାପତି ଦିଲ୍ଲୀପ କୁମାର ଦାସ , ସମ୍ପାଦକ ମୀନକେତନ ଦାସ , ଆଇନଜୀବି ସ୍ୱଦେଶ ଦାସ ପ୍ରମୁଖ ପୁଷ୍କରଣୀ ଶୁଖା କାର୍ଯ୍ୟ ଚାଲିଥିବାବେଳେ , ତାର ତଦାରଖ କରିବା ସଂଗେ ସଂଗେ ସ୍ଥାନୀୟ ଲୋକ ମାନଙ୍କ ନିକଟରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । କଟକ ମହାନଗର ନିଗମ ପକ୍ଷରୁ କଟକରେ ବହୁ ପୁରାତନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ୨ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଅଛି । ପ୍ରଥମ ପର୍ଯ୍ୟାୟରେ ପୋଖରୀକୁ ଶୁଖା କାର୍ଯ୍ୟ ଆରମ୍ଭ ହୋଇଅଛି । ପୋଖରୀର ଚାରିପାଖ ଭୁଷୁଡି ପଡିଥିବା ବେଳେ ପାଖ ଘର ଗୁଡିକ ପ୍ରତି ବିପଦ ବଢ଼ିବାରେ ଲାଗିଛି ବୋଲି ସ୍ଥାନୀୟ ଲୋକମାନେ ବିଶେଷକରି ମହିଳା ମାନେ ତୁରନ୍ତ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ବକ୍ସ ଡ୍ରେନ ନିର୍ମାଣ ଯେପରି ବଡ ବଡ ଲୁହା ପ୍ଲେଟ ଦେଇ କରାଯାଇଥିଲା ସେହିପରି ଡିପିଆର୍ ଯୋଜନା କରାଯାଇଅଛି । ୮ ଟି ବଡ ମେସିନ ସାହି ଭିତରେ ପ୍ରବେଶ କରିବାରେ ସମସ୍ୟା ସୃଷ୍ଟି ହଉଛି । ଏହାର ପ୍ରତିକାର କରିବାକୁ ମେୟର ସବୁମତେ ଚେଷ୍ଟା କରିବେ ବୋଲି କହିଥିଲେ ।

## ଗାନ୍ଧୀଙ୍କର ଓଡିଶା ବିଶେଷକରି କଟକ ଆଗମନର ୧୦୩ ବର୍ଷ ପୂର୍ତ୍ତି ପାଳନ

କଟକ, (ସବ୍ୟୁ): ମହାତ୍ମା ଗାନ୍ଧୀଙ୍କର ପ୍ରିୟ ଭୂମି ଥିଲା ଓଡିଶା । କଟକକୁ ସେ ଅନେକଥର ଆସିଥିଲେ । ବାପୁ ଗ୍ରାମାଞ୍ଚଳର ବିକାଶ ମାଧ୍ୟମରେ ଦେଶର ବିକାଶ କରିବା ଚାହୁଁଥିଲେ । କଟକକୁ ସେ ବାରମ୍ବାର ଆସିଥିବାରୁ କଟକ ଜିଲ୍ଲା ଗ୍ରାମାଞ୍ଚଳର ଉନ୍ନତି ସାଧନ କରିବା ତଥା ତାଙ୍କ ବିଚାରାଧାରରାରେ ଆମେ ସମସ୍ତେ ସାମିଲ ହୋଇ ଦାୟିତ୍ୱବୋଧତାର ସହ କଟକ ଜିଲ୍ଲାପାଇଁ କାର୍ଯ୍ୟ କରିବା ଆଦି ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ସହ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆୟୋଜିତ ଗାନ୍ଧୀଙ୍କର ଓଡିଶା ଆଗମନର ୧୦୩ ବର୍ଷ ପୂର୍ତ୍ତି ଅବସରରେ ଜୁଡିସିଆଲ ଏକାଡେମୀ ନିକଟସ୍ଥ ଗାନ୍ଧୀ ପାର୍କଠାରେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ ଗାନ୍ଧୀଜୀଙ୍କ ସ୍ଥାପତ୍ୟ କଳା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ ପୂର୍ବକ ନିଜର ମତବ୍ୟକ୍ତ କରିଛନ୍ତି । ରାଷ୍ଟ୍ରପିତାଙ୍କ ଓଡ଼ିଶା ବିଶେଷ ଭାବେ ଆଗମନର ଉଦ୍ଦେଶ୍ୟ ରେ ପ୍ରତିଷ୍ଠିତ ଏହି ଐତିହାସିକ ସ୍ମଛରକୀ ସ୍ଥଳର ଆବଶ୍ୟକ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ଅତିଥି ମାନଙ୍କ ଉପସ୍ଥିତରେ ଜିଲ୍ଲାପାଳ କହିଥିଲେ । ଆଜିର ଏହି ଭବ୍ୟ କାର୍ଯ୍ୟକ୍ରମରେ ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ସହ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ସର୍ବୋଦୟ ନେତା, ବିଜୟ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ମହାପାତ୍ର, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ଲୋହିଆ ଏକାଡ଼େମୀର ସମ୍ପାଦକ, ଦେବ ପ୍ରସାଦ ରାୟ ପ୍ରମୁଖଙ୍କ ସମେତ ଉକ୍ତ ଅନୁଷ୍ଠାନ ମାନଙ୍କର ତଥା ଗାନ୍ଧୀ ବିଚାରଧାରାର ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଗାନ୍ଧୀଜୀଙ୍କର ସ୍ମୃତି ଚାରଣ କରିବା ସହ ଗାନ୍ଧୀ, କସ୍ତୁରବା ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ, ନଳିନୀକାନ୍ତ ସାହୁ, ଭାରାପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅଭିରାମ ଦାସ ଓ ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟୀ ଡାକ୍ତର ବିଶ୍ଵଜିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦ୍ଧାର ଫାଉଣ୍ଡେସନ୍ ପକ୍ଷରୁ ସହିଦ୍ ଦିବସ ପାଳିତ

ଟାଙ୍ଗୀ-ଚୌଦ୍ୱାର, (ସ.ବ୍ୟୁ.) : ପବିତ୍ର ସହୀଦ୍ ଦିବସ ଅବସରରେ ଅଂଚଳର ଅଗ୍ରଣୀତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ୍ ପକ୍ଷରୁ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ଼ ସ୍ଥିତ କାର୍ଗିଲ ଯୁଦ୍ଧରେ ସହୀଦ୍ ରାଜକିଶୋର ସାହୁଙ୍କ ପ୍ରତିର୍ମୂ ନିକଟରେ ପାଳିତ ହୋଇଯାଇଛି । ଫାଉଣ୍ଡେସନ୍‌ର ସମ୍ପାଦକ ଶିବାନନ୍ଦ ବାରିକ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି କାହ୍ନୁଚରଣ ସେଠୀ ଯୋଗ ଦେଇ ଏହି ଦିବସ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନଙ୍କ ଦ୍ୱାରା ସହୀଦ୍ ରାଜକିଶୋରଙ୍କ ପ୍ରତିର୍ମୂ ଓ ଏହାର ଚତୁପାର୍ଶ୍ୱକୁ ସଫାସୁତୁରା କରାଯିବା ପରେ ସହୀଦ୍‌ଙ୍କ ଉଦ୍ଦେଶ୍ୟରେ ଫୁଲ, ଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ଆମ ଜାତି ଓ ମାନବ ସମାଜକୁ ସୁରକ୍ଷା ପାଇଁ ନିଜକୁ ବଳିଦାନ ଦେଇଥିବା ବୀର ସହୀଦ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଭାରତବର୍ଷରେ ସହୀଦ୍ ଦିବସ ପାଳନ କରାଯାଉଥିବା ବେଳେ ଫାଉଣ୍ଡେସନ୍ ପକ୍ଷରୁ କରାଯାଇଥିବା ଏଭଳି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର ଅଗ୍ନିଶମ ବାହିନୀର ଶୁଭ୍ରଜିତ୍ ଦାସ, ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା, ବିଶ୍ୱଜିତ୍ ଜେନା, କବିଚରଣ ସେଠୀ, ବିଶ୍ୱମ୍ବର ଜେନା ଓ ଆକାଶଜେନାଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଭିଣୋଇ ହତ୍ୟା ଅଭିଯୋଗରେ ଶଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭିଣୋଇକୁ ମାଡ଼ ମାରି ହତ୍ୟା କରିଥିବା ଶଳା ପଦିଆ ଓରଫ ପ୍ରିତମ ବେହେରାକୁ ମଞ୍ଚେଶ୍ୱର ଥାନା ପୋଲିସ ଗରିଫ କରି କୋର୍ଟ ଚାଲାଣ କରିଛି ।

କଲ୍ୟାଣପୁର ବେଣାଗାଡ଼ିଆ ଗ୍ରାମର ଅଭିଯୁକ୍ତ ପଦିଆର ଭଉଣୀ ସୁନିତା । ୨୦୧୮ ମସିହାରେ ସୁନିତା କଳାରାହାଙ୍ଗ ଗ୍ରାମର ବାବାଜୀ ମହାଭୋଇ (୩୪)କୁ ବିବାହ କରିଥିଲା । ବାବାଜୀ ସବୁବେଳେ ମଦ ପିଇ ପଦିଆର ଭଉଣୀ ସୁନିତାକୁ ମାରପିଟ କରେ । ଚଳିତମାସ ୨୦ ତାରିଖ ଦିନ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ହେବାରୁ ସୁନିତା ତା' ଭାଇ ପଦିଆକୁ ଟେଲିଫୋନ ଯୋଗେ ଡାକିଥିଲା । ସେ ପହଞ୍ଚି ବାବାଜୀକୁ ନିସ୍ତୁକ ମାଡ଼ ମାରିବାରୁ ସେ ଅଚେତ ହୋଇ ପଡ଼ିଯାଇଥିଲା । ଘଟଣା ସ୍ଥଳରୁ ପଦିଆ ଫେରାର ହୋଇଯାଇଥିବାବେଳେ ଭଉଣୀ ସୁନିତା ବାପ ଘରକୁ ପଳାଇ ଥିଲା । ବାପଘରେ ବାପା ପାଟିତୁଣ୍ଡ କରିବାରୁ ପୁଣି ସୁନିତା ଶାଶୁଘରକୁ ଫେରି ଦେଖିଥିଲା ଯେ, ସ୍ୱାମୀ ବାବାଜୀ ତଳେ ପଡ଼ିରହିଛି । ତା'ର ଚେତା ନାହିଁ । ସ୍ତ୍ରୀ ଓ ବଡ଼ଭାଇ ଟୁକୁନା ପୋଲିସ ସହଯୋଗରେ ଗୁରୁତର ବାବାଜୀକୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ଡାକ୍ତର ତାକୁ ସେଠାରେ ମୃତ ଘୋଷଣା କରିଥିଲା । ବାବାଜୀ ରାଜମିସ୍ତ୍ରୀ ଭାବେ କାମ କରିବା ସହ ତା'ର ୪ ବର୍ଷର ପୁଅଟିଏ ଅଛି ବୋଲି ପୋଲିସ ସୂଚନା ଦେଇଛି ।

ବଡ଼ଭାଇ ଟୁକୁନା ଏତଲାରେ ପୋଲିସ ହତ୍ୟା ମାମଲା ରୁଜୁ କରି ପଦିଆକୁ ଗିରଫ କରିବା ପରେ ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ମତଦାନ ସମୟ ସମ୍ବନ୍ଧୀୟ ରାଜନୈତିକ ଦଳଗୁଡ଼ିକ ସହିତ ଜିଲ୍ଲାପାଳଙ୍କ ବୈଠକ

# ମତଦାନ ସମୟ ସକାଳ ୭ରୁ ସନ୍ଧ୍ୟା ୬



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ କାର୍ଯ୍ୟାଳୟ କକ୍ଷ ଠାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ କରିଛନ୍ତି ।

ଏହି ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହି ପରିପ୍ରେକ୍ଷୀରେ ଜିଲ୍ଲାରେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଥିଲେ । ଆଦର୍ଶ ଆଚରଣ ସଂହିତା ଲାଗୁ ହେଇଥିବା ବେଳେ ଏହାକୁ କଡାକଡି ପାଳନ କରିବା ପାଇଁ ଜିଲ୍ଲାପାଳ ରାଜନୈତିକ ଦଳ ଗୁଡିକର ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ । ଯେଉଁ ଯେଉଁ ସ୍ଥାନରେ ପୋଷ୍ଟର ଏବଂ ବ୍ୟାନରରେ କଳା ରଙ୍ଗ ଲାଗ ଯାଇଛି ସେ ସବୁକୁ ଧଳା ରଙ୍ଗ ଲଗାଇବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ସମ୍ପୂର୍ଣ୍ଣ କରିବା ପାଇଁ ପୋଲିସ ବଳ ସୁରକ୍ଷା ପାଇଁ ଆରକ୍ଷୀ ଅଧିକ୍ଷିକାଙ୍କୁ ମଧ୍ୟ ଅବଗତ କରାଇଥିଲେ । ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ଏହାବ୍ୟତୀତ, ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ମତଦାନ ବୁଥ ମାନଙ୍କରେ ମହିଳା କର୍ମଚାରୀଙ୍କ ପାଇଁ ଉତ୍ତମ ବ୍ୟବସ୍ଥା ଏବଂ ସମସ୍ତ କର୍ମଚାରୀ ଏବଂ ମତଦାନ କାର୍ଯ୍ୟରେ ସହଯୋଗ କରୁଥିବା ବ୍ୟକ୍ତି ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ମଧ୍ୟ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ । ଉକ୍ତ ବୈଠକରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ଗୁଡିକର ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଡେପୁଟି କଲେକ୍ଟର ଇଲେକ୍ସନ ଦୁର୍ଗା ଚରଣ ମୁର୍ମୁ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

## ଗଞ୍ଜାମ ଏନଏସି କାଟିଛି ଲକ୍ଷ୍ମଣ ରେଖା

ଗଞ୍ଜାମ, (ସବ୍ୟୁ) : ଗଞ୍ଜାମ ଏ ନ ଏ ସି ଅଧିନସ୍ତ ୱାର୍ଡ ନମ୍ବର ଚାରି ରେ ଶଶୀ ଶତପଥୀ ଙ୍କ ଘର ଠାରୁ କନ୍ଧ ବୈଠାରୁ ଙ୍କ ଘର ପର୍ଯ୍ୟନ୍ତ କଟାଯାଇଛି ଲକ୍ଷ୍ମଣ ରେଖା । ଏ ନ ଏ ସି ରେ ୱାର୍ଡ ସଂଖ୍ୟା ବାରଟି ଥିବା ବେଳେ ୱାର୍ଡ ନମ୍ବର ଚାରିକୁ ସାବତ ପୁଅକୁ ଦେଖିଲା ଭଳି ଏ ନ ଏ ସି ଦେଖିଚି ବୋଲି ବୁଦ୍ଧି ଜୀବି ମହଲରେଚର୍ଚ୍ଚା ଜୋର ଧରିଛି। ଦୀର୍ଘ ଦୁଇ ମାସ ହେଲା କୋଡିଏ ରୁ ପଚିଶ ପରିବାରଙ୍କ ଘର ସାମନାରେ ଡ୍ରେନ ପାଇଁ ପାଞ୍ଚ ଫୁଟ ଖାଲ ବିଶିଷ୍ଟ ଏକ ଲମ୍ବା ଗର୍ତ୍ତ ଖୋଳା ଯାଇଛି ।

ଏହାର ଲମ୍ବା ପ୍ରାୟ ଦୁଇ ସହ ମିଟର ହେବ ଡ୍ରେନ କାମ ଆରମ୍ଭ ଏବଂ ଶେଷ ପ୍ରର୍ଯ୍ୟାୟ ପ୍ରକଳ୍ପ ନାମ ଯନ୍ତ୍ରୀଙ୍କ ନାମ ଠିକାଦାର ଙ୍କ ନାମ ଅଟକଳର ମୂଲ୍ୟ ଫଳକ ମରାଯାଇନାହିଁ ।ଏହିପରି ଭାବରେ ଚାଲିଛି ଗଞ୍ଜାମ ଏ ନ ଏ ସି । ଗତ ୨୧ତାରିଖ ଠୁ ଗଞ୍ଜାମ ର ଐତିହାସିକ ଦୋଳ ଯାତ୍ରା ଆରମ୍ଭ ହୋଇଯାଇଥିଲେ ମଧ୍ୟ ଲୋକଙ୍କ ଯିବା ଆସିବା ସୁବିଧା କରିବା ପାଇଁ ଯନ୍ତ୍ରୀ କି ଠିକାଦାର ଙ୍କ କୌଣସି ଉଦ୍ୟମ ନାହିଁ। ଏ ନେଇ ଏ ନ ଏ ସି କାର୍ଯ୍ୟ ର୍ନିବାହୀ ଅଧିକାରୀ ଶ୍ରୀମତୀ ଅର୍ପନା ଡାଙ୍ଗୁଆ ଙ୍କ ସହିତ ଫୋନ ଯୋଗେ କଥା ହୋଇ ଏହି ସମସ୍ୟା ର ଦିଗରେ ଦୃଷ୍ଟି ଆକର୍ଷଣ କରିବାରୁ କାର୍ଯ୍ୟ ର୍ନିବାହୀ ଅଧିକାରୀ ୱାର୍ଡନମ୍ବର ୪କୋଉଠି ପ୍ରଶ୍ନ କରିଥିଲେ। ଏ ନେଇ ବୁଝାଇ କହିବା ପରେ ସେ ଜେନାବାବୁ ଯନ୍ତ୍ରୀ ଙ୍କୁ ମୁଁ ଅବଗତ କରାଉଛି ବୋଲି କହିଥିଲେ। ଶନିବାର ଦିନ ଯନ୍ତ୍ରୀ ବାରଜଣ ଲେବର ଙ୍କ ସହ ସୁପ୍ରଭାଇଜର ଓ ମିସ୍ତ୍ରୀ ଧରି ମଲା ପୁଅକୁ ଗୋବର ଶୁଂଘାଇବା ନ୍ୟାୟ ରେ କାମ ଚଳାଇବା ଦେଖିବାକୁ ମିଳିଥିଲା ।ପ୍ରକାଶ ଥାଉକି ଶନିବାର ଦିନ ଗଞ୍ଜାମ ପ୍ରସିଦ୍ଧ ଐତିହାସିକ ଦୋଳ ଯାତ୍ରା ତୃତୀୟ ଦିବସ ।ଠାକୁର ଯେଝା ସାହିରେ ମଣ୍ଡପ ରୁ ବାହାର ହୋଇ ବିମାନରେ ବିଜେହୋଇ ଯାତ୍ରା ଦେଖିବେ ତା ସହିତ ପ୍ରତ୍ୟକ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦୁଇ ରୁ ଚାରି ଦଫା ଲାଗିଥିବା ଏହି ସାହି ଯାତ୍ରାରେ ଦେଖିବାକୁ ମିଳେ ।ବହୁ ଦୂର ଦୁରାନ୍ତ ରୁ ଆସୁଥିବା ବ୍ୟବସାୟୀ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ପଶ୍ଚିମ ବଙ୍ଗରୁ ଆସୁଥିବା ବ୍ୟବସାୟୀ ବାହାରୁ ଆସୁଥିବା ବଂଧୁ ବାନ୍ଧବ କୁଣିଆମାନେ ଯାତ୍ରା କୁ ଆସି ଏହି ଗଞ୍ଜାମ ଏ ନ ଏ ସି କରୁଥିବା ବିକାଶ ଗର୍ତ୍ତ ରେ ପଡି ରୋଷର ଶିକାର ହେବେ ନାହି ତ ।

## ସହିଦ ଭଗତ ସିଂଙ୍କ ବଳିଦାନ ଦିବସ



ବ୍ରହ୍ମପୁର ,(ସବ୍ୟୁ) : ବ୍ରହ୍ମପୁରର ଶକ୍ତି ନଗର ୪ର୍ଥ ଲାଇନ ଠାରେ ଥିବା ସହୀଦ ଭଗତ ସିଂ ପାଠାଗାର ଓ ବରିଷ୍ଠ ନାଗରିକ କେନ୍ଦ୍ର ଠାରେ ଭଗତ ସିଂଙ୍କର ବଳିଦାନ ଦିସ ପାଳନ କରାଯାଇଛି ।ମାନବବାଦୀ ହେତୁବାଦୀ ସଂଗଠନ ର ସଭାପତି ଇ.ଟି. ରାଓ ସଭାପତିତ୍ୱ କରିଥିଲେ ।ରକ୍ତ ରଂଜିତ ନାୟକ ଭଗତ ସିଂର ଲେଖିକା ଦ. ବିଧୁପ୍ରଭା ରଥ ମୁଖ୍ୟଅତିଥି ରୂପେ ଓ କିଶୋର ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

ସର୍ବପ୍ରଥମେ କେ.ଏନ. ସେନାପତି ଆଜିର ସଭା ବିଷୟରେ ସମ୍ୟକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଡ଼ା. ରଥ ଭଗତ ସିଂ ଙ୍କର ୨୩ ବର୍ଷ ବୟସରେ ଦେଶପାଇଁ ଲଢ଼ି ଉପନିବେଶ ବାଦୀ ଇଂରେଜ ମାନଙ୍କ ଦ୍ୱାରା ଫାଶୀ ଖୁଂଟୀରେ ହସି ହସି ଝୁଲିଥିଲେ । ତାଙ୍କ ସହ ତାଙ୍କ ସହଯୋଗୀ ଚନ୍ଦ୍ରଶେଖର ଆଜାଦ ଓ ଶିବରମ ରାଜଗୁରୁ ଫାଶୀ ଦଣ୍ଡ ପାଇଥିଲେ ।

ଭଗତ ସିଂ ସ୍ୱଚ୍ଛଳ ପରିବାରର ସନ୍ତାନ ହେଲେ ବି ସେ ସମାନତା, ସମାଜବାଦୀ ଆଭିମୁଖ୍ୟ ନେଇ ଲଢୁଥିଲେ । ସେ ସବୁ ବେଳେ ଇଂରେଜ ମାନଙ୍କ ପ୍ରଲୋଭନକୁ ଧିକ୍କାର କରୁଥିଲେ । ସେ କେବଳ ଚାହୁଁ ଥିଲେ ଭାରତର ସ୍ୱାଧୀନତା ଓ ସେ ବୈଜ୍ଞାନିକ ମନୋଭାବର ଅଭି ବୃଦ୍ଧି ଓ ଅନ୍ଧ ବିଶ୍ୱାସ ଦୂର କରିବାକୁ ଚାହୁଁଥିଲେ ।

ସେ କେବେଭି ଜେଲରୁ ମୁକ୍ତି ପାଇଁ ରାଜା କ୍ଷମା କୁ ବହୁ ପ୍ରଲୋଭନ ଦିଆଯାଇଥିଲେ ବି ସେ ସବୁକୁ ଧିକ୍କାର କରିଥିଲେ । ବର୍ତମାନ ଆମେ ସ୍ୱାଧୀନ ଓ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ଭାବେ ଏହି ବଳିଦାନ ଦିବସରେ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଷୀ, ମୂଲିଆ, ଗରିବ , ନିଷ୍ପେସିତ ମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ଅନୁରୋଧ କରିଥିଲେ ।ଏହି ସଭାରେ ସୁନେଜ କୁମାର ପାଣିଗ୍ରାହୀ, ଡି. ମୋହନ ରାଓ, ପ୍ରତାପ ଚନ୍ଦ୍ର ପ୍ରଧାନ , ଏ.ମାଲେଶ୍ୱର ରାଓ, ଶ୍ୟାମ ସୁନ୍ଦର ଖାଡଙ୍ଗା, ମହର୍ଷି ସିଂ ବକ୍ତବ୍ୟ ରଖି ଥିଲେ ଓ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ । ସୁନେଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇ ଥିଲେ ।

## ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀରେ କ୍ୟାମ୍ପସ ନିଯୁକ୍ତି



ବାଲେଶ୍ୱର, (ସବ୍ୟୁ) : ସେରଗଡ଼ସ୍ଥିତ ନିତ୍ୟାନନ୍ଦ କଲେଜ ଅଫ୍ ଫାର୍ମାସୀ ପରିସରରେ ରାଷ୍ଟ୍ରୀୟ କମ୍ପାନୀ ଏକ୍ସିମେଡ଼ ଫାର୍ମା ଲିମିଟେଡ଼ ଦ୍ୱାରା କ୍ୟାମ୍ପସ ନିଯୁକ୍ତିର ଆୟୋଜନ କରାଯାଇଥିଲା । ଉକ୍ତ କମ୍ପାନୀର ଜେନେରାଲ ମ୍ୟାନେଜର ବସନ୍ତ ପଟେଲ, ହ୍ୟୁମାନ ଆଣ୍ଡ ରିସର୍ଚ୍ଚ ମ୍ୟାନେଜର ଅକ୍ଷୟ ଶାହା, ନିଯୁକ୍ତି ପରିଚାଳକ ପ୍ରିୟବ୍ରତ ଭୋଇ ପ୍ରମୁଖ କମ୍ପାନୀ ପକ୍ଷରୁ ଯୋଗଦେଇ ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡ. ଆଦିତ୍ୟ କୁମାର ଜେନା, ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ, ଟ୍ରେନିଂ ଆଣ୍ଡ ପ୍ଲେସମେଂଟ ଅଫିସର ବହ୍ନିମାନ ରଥ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ପ୍ରକ୍ରିୟା ଆୟୋଜନ ହୋଇଥିଲା । ଏହି କ୍ୟାମ୍ପସ ନିଯୁକ୍ତି ପ୍ରକ୍ରିୟାର ସଫଳତାକୁ ନେଇ ଅନୁଷ୍ଠାନର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ, ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।

## ମାନବିକତାର ପରିଚୟ ଦେଖାଇଲେ ବିଧାୟକ

ଛତ୍ରପୁର, (ସବ୍ୟୁ) : ଶନିବାର ଜାତୀୟ ରାଜପଥରେ ପଡ଼ିଥିବା ଦୁର୍ଘଟଣା ଗ୍ରସ୍ତ ଆହାତ ଛାତ୍ର ଙ୍କୁ ଉଦ୍ଧାର କରି ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଉତ୍ତମ ଚିକିତ୍ସା ନିମନ୍ତେ ନିଜ କାର ରେ ବ୍ରହ୍ମପୁର ମେଡିକାଲ ରେଚିକିତ୍ସା ନିମନ୍ତେ ଭର୍ତି କରି ମାନ ବିକତା ପରିଚୟ ଦେଖାଇଛନ୍ତି। ଉକ୍ତ ଛାତ୍ର ଜଣକ କେ. ଆରିୟାନ ତାଙ୍କ ଘର ସୋରଡ଼ା ଅଂଚଳ ର ବୋଲି ଜଣାପଡିଛି ।

ସୂଚନା ଯୋଗ୍ୟ ଯେ କେ ଆରୀୟାନ ଓ ତାଙ୍କ ବାପା ଏକ ବାଇକ ଯୋଗେ କୋଣସି ଏକ କ୍ରୀଡା ର କୋଚିଂ ନେବା ନିମନ୍ତେ ଛତ୍ରପୁର କୁ ଆସିଥିଲେ।ପୁଣି ଛତ୍ରପୁର ରୁ ନିଜ ଘର କୁ ଫେରିବା ବେଳେ ଅନନ୍ତପୁର ଓ ଚମାଖଣ୍ଡି ଗାଁ ମଧ୍ୟ ଜାତୀୟ ରାଜପଥ ରେ ବାଇକ ରେ କେ. ଆରୀୟାନ ଙ୍କ ଗୋଡ଼ ପଶି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯାହାଫଳ ରେ ଉଭୟ ବାପା ପୁଅ ଆହାତ ଅବସ୍ଥା ରେ ରହିଥିବାବେଳେ ବିଧାୟକ ଶ୍ରୀ ବେହେରା ଛତ୍ରପୁରରୁ ନିଜ କାର ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହା ଦେଖି ସଙ୍ଗେସଙ୍ଗେ ଗାଡିରୁ ଓହ୍ଲାଇ ଆହାତ ଛାତ୍ର ଆରୀୟାନ ଙ୍କୁ ନିଜ କାର ଯୋଗେ ବ୍ରହ୍ମପୁର ମେଡିକାଲ ରେ ଭର୍ତି କରିଥିଲେ ।

## ବରିଷ୍ଠ ଆଇନଜୀବୀ ସନ୍ତୋଷ ମହାପାତ୍ର ସମ୍ବର୍ଦ୍ଧିତ

ଭଦ୍ରକ, (ସବ୍ୟୁ): ଅଲ୍ ଇଣ୍ଡିଆ ଫେଡେରେସନ ଅଫ ଟ୍ୟାକ୍ସ ପ୍ରାକ୍ଟିସନର (ଏଆଇଏଫଟିପି) ପକ୍ଷରୁ ଟ୍ୟାକ୍ସ ବାର ଆସୋସିଏସନର ଜାତୀୟ ସମ୍ମିଳନୀ ଭୁବନେଶ୍ୱର ଟ୍ୟାକ୍ସ ବାର ଆସୋସିଏସନ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସାରା ଭାରତବର୍ଷରୁ ୩୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦାନ କରିଥିଲେ । ପୂର୍ବାଂଚଳ ରାଜ୍ୟରେ ପ୍ରଥମ ଥର ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଦିବସବ୍ୟାପୀ ଏହି ସମ୍ମିଳନୀକୁ ଓଡିଶା ହାଇକୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ ଡକ୍ଟର ବି.ଆର. ଷଡଙ୍ଗୀ ଉଦଘାଟନ କରିଥିଲେ । ଆୟକର ପ୍ରିନସିପାଲ କମିଶନର ସରୋଜ କୁମାର ମହାପାତ୍ର, ଏଆଇଏଫ ଟିପିର ଜାତୀୟ ଅଧ୍ୟକ୍ଷ ନାରାୟଣ ପ୍ରସାଦ ଜୈନ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇଥିଲେ । ଭୁବନେଶ୍ୱର ଟ୍ୟାକ୍ସ ବାର ଆସୋସିଏସନର ସଭାପତି ଆଡଭୋକେଟ ରମେଶ ଚନ୍ଦ୍ର ଧଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ସମ୍ମିଳନୀ ପରିଚାଳିତ ହୋଇଥିଲା । ଭଦ୍ରକ ଟ୍ୟାକ୍ସ ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ଓ କର ପରାମର୍ଶଦାତା ସନ୍ତୋଷ କୁମାର ମହାପାତ୍ର, ବିଚାରପତି ମାନ୍ୟବର ଡକ୍ଟର ବି.ଆର. ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଏତଦ୍ବ୍ୟତୀତ ଭଦ୍ରକର ଟ୍ୟାକ୍ସ ବାର ଆସୋସିଏସନର ସଦସ୍ୟ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ ।

## କଂଗ୍ରେସ କ୍ଷମତାକୁ ଆସିଲେ ୧୦ ଗ୍ୟାରେଣ୍ଟି ସହ ରାଜ୍ୟରେ ଦେବ ସୁଶାସନ

ଆସିକା, (ସବ୍ୟୁ) : ୨୦୨୪ ସାଧାରଣ ର୍ନିବାଚନରେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ଦଶ ଗ୍ୟାରେଣ୍ଟି ସହ ସୁ ଶାସନ ଯୋଗାଇଦବ ।ରାଜ୍ୟ ଜନ ସାଧାରଣଙ୍କ ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ୧୦ ଦଫା ସମ୍ବଳିତ କଂଗ୍ରେସ ଗ୍ୟାରେଣ୍ଟି ପତ୍ର ଶନିବାର ଦିନ ପ୍ରକାଶ କରାଯାଇଛି ।ଗଞ୍ଜାମ ଜିଲ୍ଲା ( ପଶ୍ଚିମ ଭାଗ)କଂଗ୍ରେସ କମିଟି ପକ୍ଷରୁ ଦଳର ଖମ୍ଭେଶ୍ୱରୀ ପାଟଣା ସ୍ଥିତ ସ୍ଥାନୀୟ କାର୍ଯ୍ୟାଳୟ ରେ ଜିଲ୍ଲା ସଭାପତି ରବୀନ୍ଦ୍ରନାଥ ଶର୍ମା ଓ ବହୁ ଦଳୀୟ ନେତା ମିଳିତ ଭାବେ ଏହାର ଉନ୍ମୋଚନ କରିଥିଲେ । କଂଗ୍ରେସ ର ଏହି ଦଶ ଦଫା ଗ୍ୟାରେଣ୍ଟି ରେ କୃଷକ, ବେକାର ଯୁବକ ଯୁବତୀ, ମହିଳା, କର୍ମଚାରୀ ସମେତ ଜନସାଧାରଣ ଙ୍କ ହିତରେ ବହୁ ଆକର୍ଷଣୀୟ ଗ୍ୟାରେଣ୍ଟିକୁ ଶ୍ରୀ ଶର୍ମା ଲୋକଙ୍କ ନିକଟରେ ପହଞ୍ଚାଇବା କୁ ଦଳୀୟ ନେତା ଓ ଗଣମାଧ୍ୟମର ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ ।

ରାଜ୍ୟରେ ୨୪ ବର୍ଷର ବିଜେଡି ଶାସନ ଓ ନ ବର୍ଷର ବିଜେଡି ଓ ବିଜେପି ମିଳିତ ସରକାର ରେ ଯାହା ହୋଇପାରିନାହିଁ କଂଗ୍ରେସ କ୍ଷମତାକୁ ଆସିଲେ ତାହା କରି ଦେଖାଇବାର ଗ୍ୟାରେଣ୍ଟି ଦିଆଯାଇଛି ।ବୋନସ ସହ ଧାନର କ୍ରୟ ମୂଲ୍ୟ କ୍ୱିଣ୍ଟାଲଲ ପିଛା ୩୦୦୦ ଟଙ୍କା କୃଷି ଋଣ ଛାଡ ଓ କୃଷକଙ୍କ ନିମନ୍ତେ ମାସିକ ୨୦୦୦ ଟଙ୍କା ପେନସନ ପ୍ରଦାନ, ପ୍ରତ୍ୟେକ ଘରୋଇ ଉପୋଭକ୍ତାଙ୍କୁ ୨୦୦ ୟୁନିଟ ବିଦ୍ୟୁତ ଦେୟ ଛାଡ, ୫ ଲକ୍ଷ୍ୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ମାସିକ ୩୦୦୦ ଟଙ୍କା ବେକାରୀ ଭତ୍ତା, ମହିଳାଏସ ଏ ଜି ଗ୍ରୁପ୍ ର ବ୍ୟାଙ୍କ ଋଣ ଛାଡ, ଘରର ମୁଖ୍ୟ ମହିଳାଙ୍କୁ ୨୦୦୦ ଟଙ୍କା ମାସିକ ଭତ୍ତା,ପରିବାର ପିଛା ୫୦୦ ଟଙ୍କାରେ ମାସିକ ଗୋଟିଏ ସିଲିଣ୍ଡର,ସମସ୍ତଙ୍କୁ ୨୫ ଲକ୍ଷ ଟଙ୍କାର ମାସିକ ଚିକିତ୍ସା ସୁବିଧା, ବାର୍ଦ୍ଧକ୍ୟ,ବିଧବା, ଓ ବିଧବା ଭତ୍ତା ମାସିକ୨୦୦୦ ଟଙ୍କା, ଜାତିଭିତ୍ତିକ ସାମାଜିକ ଓ ଆର୍ଥିକ ସର୍ଭେ କରି ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଓ ଚିଟଫଣ୍ଡ କ୍ଷତିଗ୍ରସ୍ତ ଙ୍କୁ ୬ ମାସ ମଧ୍ୟରେ ଟଙ୍କା ଫେରସ୍ତ କରାଯିବା ନେଇ ଘୋଷଣା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପି. ଦଣ୍ଡପାଣି ପାତ୍ର, ସଂଜୟ ମିଶ୍ର, ଦେବ କାନ୍ତ ଶର୍ମା, ଭୋକଲି ସେଠୀ, ବରୁଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ହିଞ୍ଜିଳିକାଟୁର ବିଜେପି ନେତ୍ରୀ ଜି. ଲକ୍ଷ୍ମୀ ଆଚାରୀ ନିଜ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ।

## ଶୋଭନୀୟ ଶିକ୍ଷାଶ୍ରମ ବାର୍ଷିକ ଉତ୍ସବ

ଆଗରପଡ଼ା, (ସବ୍ୟୁ): ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସରପଂଚ ପ୍ରକାଶ ବିଶ୍ୱାଳ, ଶିକ୍ଷାବିତ ଭାସ୍କର ପାଢ଼ୀ, ବିଜୟ ଭୂୟାଁ, ପୂର୍ବତନ ସରପଂଚ ରବିନ୍ଦ୍ର ପଣ୍ଡା, ଡ଼ଃ. ବନଲତା ଦେବୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଶୋଭନୀୟ ଆନ୍ଦୋଳନ ସମ୍ପାଦିକା ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁଶ୍ରୀ ସଙ୍ଗୀତା ବିଶ୍ୱାଳ ବିବରଣୀ ପାଠ ଓ ସୁକାନ୍ତି ଲତା ସିଂହ ଧନ୍ୟବାଦ ଦେଇଥିଲେ । ଶିକ୍ଷାବିତ ମହେନ୍ଦ୍ର ନାୟକଙ୍କ ତତ୍ତ୍ୱବଧାନରେ ରଶ୍ମିତା ବିଶ୍ୱାଳ, ବବିତା ଦାଶ, ଗୀତାଞ୍ଜଳି ଖଟୁଆ, ମାମାଲି ନାୟକ, ରଶ୍ମିପ୍ରଭା ଦାଶ, ଲଳିତା ହାତୀ, ମନ୍ଦାକିନୀ ଦାଶ, ରଶ୍ମିତା ଦାଶ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦିଆଯାଇଥିଲା ।

## ଚର୍ଚ୍ଚାରେ ଶ୍ରୀନାଥ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ

## ବିଦ୍ୟାଳୟ, ଏସ୍ଏମ୍ସି ଓ ପ୍ରଧାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଳେଶ୍ୱର, (ସବ୍ୟୁ) : ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆଠାରେ ଥିବା ଶ୍ରୀନାଥ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ୫ଟି ଯୋଜନାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସର୍ବଶ୍ରେଷ୍ଠ ବିଦ୍ୟାଳୟ, ସର୍ବଶ୍ରେଷ୍ଠ ପରିଚାଳନା କମିଟି ଓ ସର୍ବଶ୍ରେଷ୍ଠ ପ୍ରଧାନ ଶିକ୍ଷକଭାବେ ପୁରସ୍କୃତ କରାଯାଇଥିବା ବେଳେ ମୋଟ ୧୪ଟି ପୁରସ୍କାର ହାତେଇବାରେ ସଫଳ ହୋଇଛନ୍ତି । ଶନିବାର ଦିନ ବାଲେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, ଜିଲା ଶିକ୍ଷାଧିକାରୀ ପ୍ରଭାତୀ ମଂଜରୀ ଦାସ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସ୍ୱରୂପ ଦାସ, ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ ସୋମବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଫଳତା ଲାଗି ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଶିକ୍ଷକ ବଳରାମ ପ୍ରଧାନ, ଅଜିତ୍ ନନ୍ଦୀ, ବିନୋଦ ବିହାରୀ ଡଗର, ବୁଦ୍ଧେଶ୍ୱର ପାଳ, ହେମନ୍ତ ଦାସ, ସତ୍ୟରଂଜନ ଦାସ, ସମୀର ନନ୍ଦୀ, ଶଶାଙ୍କ ସୁର, ଶତୃଘ୍ନ ମହାନ୍ତି, ସନତ କୁମାର କର, ଗଗନ କୁମାର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବାଗୁଡ଼ି-ମଙ୍ଗଳପୁର ରାସ୍ତା ମରଣଯନ୍ତା

## ପୂର୍ଣ୍ଣାଙ୍ଗ ନହୋଇ ପଡ଼ିରହିଛି ରାସ୍ତାକାମ

ସୋର, (ସବ୍ୟୁ) : ସୋର ବ୍ଲକ ପୂର୍ତ୍ତ ବିଭାଗ ଅନ୍ତର୍ଗତ ବାଗୁଡ଼ି-ମାଣିପୁର ଭାୟା ମଙ୍ଗଳପୁର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଯାତ୍ରୀମାନଙ୍କ ପାଇଁ ମରଣଯନ୍ତା ପାଲଟିଛି । ସୋର-ଗୋପୀନାଥପୁର ରାସ୍ତା ବରଫକଳ ଛକ ନିକଟରୁ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୮ କୋଟି ଟଙ୍କାର କାର୍ଯ୍ୟ ହୋଇ ନପାରି ୩ ବର୍ଷ ହେଲା ବନ୍ଦ ହୋଇପଡ଼ିଛି । ଶେଷରେ ଏହାର ଠିକାଦାରଙ୍କ କାର୍ଯ୍ୟାଦେଶକୁ ବାତିଲ କରାଯାଇଛି । ସେହିପରି ନବୋଦୟ ବିଦ୍ୟାଳୟ ଛକଠାରୁ ମାଣିପୁର ପର୍ଯ୍ୟନ୍ତ ୬ କିଲୋମିଟର ରାସ୍ତା ପାଖାପାଖି ୭ କୋଟି ଟଙ୍କାର କାର୍ଯ୍ୟ ମାଣିପୁରରୁ ମଙ୍ଗଳପୁର ପର୍ଯ୍ୟନ୍ତ ଶେଷ ହୋଇ ଯାଇଥିବାବେଳେ ମଙ୍ଗଳପୁରରୁ ବାଗୁଡ଼ି ପର୍ଯ୍ୟନ୍ତ ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି । ଯାହାଫଳରେ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ବିଶେଷକରି ମଙ୍ଗଳପୁର ହାଇସ୍କୁଲ ଛକ ନିକଟରୁ ଏହି ରାସ୍ତା ଅତ୍ୟନ୍ତ ଖରାପ ହୋଇ ପଡ଼ିଥିବା ଦେଖାଯାଇଛି । ଏହି ରାସ୍ତା ଉପରେ ସୋର, ଔପଦା ଏବଂ ଖଇରା ବ୍ଲକର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଏହି ରାସ୍ତା ଯିବା ଆସିବାବେଳେ ଦୁର୍ଘଟଣାରେ ସମ୍ମୁଖିନ ହେଉଛନ୍ତି । ରାସ୍ତାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ବାରମ୍ବାର ଜିଲାପାଳ, ବିଧାୟକଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ଲୋକଙ୍କ ଅସହଯୋଗ କାରଣରୁ ଏହା ପୂର୍ଣ୍ଣାଙ୍ଗ ହୋଇପାରୁ ନାହିଁ ବୋଲି ଏହାର ଠିକାଦାର କମଳାକାନ୍ତ ପଣ୍ଡା କହିଛନ୍ତି । ଏ ସଂପର୍କରେ ସେ କହିଛନ୍ତି ଯେ ମାଣିପୁରରୁ ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସୁରୁଖୁରରେ ଶେଷ ହୋଇଯାଇଥିବା ବେଳେ ୮୦୦ ମିଟର ଜଙ୍ଗଲ ଜମି ପାଇଁ ବନ ବିଭାଗର ଅନୁମତି ମିଳିବାରୁ ନାହିଁ । ସେହିପରି ମଙ୍ଗଳପୁର ବଜାର ଉପରେ ସ୍ଥାନୀୟ ସରପଞ୍ଚ ଏବଂ କିଛି ଲୋକ କାମକୁ ବିରୋଧ କରିବାରୁ ଏହା ବନ୍ଦ ହୋଇ ପଡ଼ିଛି, ଏଥି ସହିତ ରାସ୍ତା ଉପରେ ଥିବା କେତୋଟି ଜବରଦଖଲ ଘରକୁ ଏପର୍ଯ୍ୟନ୍ତ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇପାରୁ ନାହିଁ । ଏ ସଂପର୍କରେ ସ୍ଥାନୀୟ ସରପଞ୍ଚ ବନିତା ପଣ୍ଡା କହିଛନ୍ତି ଯେ ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିବା ବେଳେ ଡ୍ରେନ୍ କାମ ଆଗ ନକରି ରାସ୍ତାରେ ପିଚ କାମ କରୁଥିବାରୁ ଏହାକୁ ବିରୋଧ କରାଯାଇଥିଲା, ଏବଂ ସ୍ଥାନୀୟ ଲୋକମାନେ ଆଗ ଡ୍ରେନ କାମ ପାଇଁ କହିବା ଫଳରେ ଠିକାଦର ଡ୍ରେନ୍ ନକରି କାମ ବନ୍ଦ କରିପକାଇଛନ୍ତି । ଏହାକୁ ତୁରନ୍ତ ନିର୍ମାଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି ।

## ଷଣ୍ଢ ଆକ୍ରମଣରେ ମହିଳା ମୃତ

ଛତ୍ରପୁର, (ସବ୍ୟୁ) : ଷଣ୍ଢ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ବଡମାଧପୁର ଗାଁରେ ଘଟିଛି ଅଭାବନୀୟ ଘଟଣା । ମୃତକ ଜଣକ ହେଲେ ବଡ଼ମାଧପୁର ଗ୍ରାମର ବି.କାମିଲି ପାତ୍ର । ଶନିବାର ସକାଳୁ ଏକ ଗାଇକୁ ଷଣ୍ଢ ଗୋଡ଼ାଉ ଥିଲା ବେଳେ ମହିଳା ଉପରେ ଆକ୍ରମଣ କରିଥିଲା । ଘଟଣା ସ୍ଥଳରେ ହିଁ ମହିଳାଙ୍କ ର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳର ସମସ୍ତ ଦୃଶ୍ୟ ସିସି ଟିଭି ରେ କଏଦ ହୋଇଛି । ମହିଳା ଜଣକୁ ଶନିବାରସକାଳୁ ନିଜ ନିତ୍ୟକ୍ରମ ସାରି ଘରକୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା ପୂର୍ବରୁ ଉକ୍ତ ଷଣ୍ଢ ଗ୍ରାମର ଅନ୍ୟ କିଛି ଜଣକୁ ଆକ୍ରମଣ କରିଥିବା ନଜିର ରହିଛି । ମହିଳାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ସରକାରୀ ସହାୟତା ପାଇଁ ଦାବୀ ହୋଇଛି ।

## ଏମଏସଭି ପବ୍ଲିକ ସ୍କୁଲ ଷଷ୍ଠ ବାର୍ଷିକ ଉତ୍ସବ




ରମ୍ଭା, (ସବ୍ୟୁ) : ସ୍ଥାନୀୟ ଏମ.ଏସ. ଭି ପବ୍ଲିକ ସ୍କୁଲ ପରିସରରେ ଷଷ୍ଠ ବାର୍ଷିକ ଉତ୍ସବ ଅଧକ୍ଷା ଶ୍ରୀମତୀ ସାବିତ୍ରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । । ସ୍ୱାଗତ ଓ ଅତିଥି ପରିଚୟ ଦେଇଥିଲେ ଉପସ୍ଥାପକ ଦୀପକ ପୃଷ୍ଟି ।ବାର୍ଷିକ ବିବରଣୀ ପଠନ କରିଥିଲେ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଧେଶକ ବିଶ୍ୱଜିତ ଆଚାର୍ଯ୍ୟ । ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସିନ ବ୍ୟକ୍ତି ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଫେସର ମେଜର ଆର. ଆର. ପାଢ଼ୀ, ପ୍ରତିରକ୍ଷା ରିସର୍ଚ୍ଚ ଆଣ୍ଡ ଡେଭୋଲମେଣ୍ଟ ପ୍ରଶାସକ ଅଫିସର ଭଗବାନ ସାହୁ (ଏସ ପି ଆର ), ରମ୍ଭା ଥାନା ଆଇ ଆଇ ସି ସତ୍ୟବ୍ରତ ଭୃତିଆ, ରମ୍ଭା ଏନ ଏ ସି କାର୍ଯ୍ୟ ର୍ନିବାହୀ ଅଧିକାରୀ ଶ୍ରୀମତୀ ଆଶାଲତା ରଚମାଳା, ସ୍ମିତୋରଞ୍ଜନ ସାହୁ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ବୈଶିଷ୍ଟ୍ୟ ପାଣିଗ୍ରାହୀପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ର ଛାତ୍ରୀ, ଅଭିଭାବକ ଅଭିଭାବିକା ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଛାତ୍ର ଛାତ୍ରୀ ମାନେ ଦିଗ ର୍ନିଣ୍ଣୟ କରି ପାଠପଢ଼ାରେ ଗୁରୁତ୍ୱ ଦେବା ପାଇଁ ମତବ୍ୟକ୍ତ କରିଥିଲେ । ମାନସିକ ଚାପଗ୍ରସ୍ତ ନ ହୋଇ ସକାରାତ୍ମକ ଚିନ୍ତା ଧାରାରେ ରହିବା ପାଇଁ ବିଭିନ୍ନ ବକ୍ତା ନିଜ ନିଜ ଶୈଳୀରେ ଉପସ୍ଥାପନା କରିଥିଲେ । ମଞ୍ଚ ସଂଯୋଜନରେ ଦୀପକ କୁମାର ବିଶ୍ୱାଳ , ଚନ୍ଦନ ମହାପାତ୍ର,ମନସ୍ମିତା ନାୟକ ସହିତ ଅଣଶିକ୍ଷକ ରହିଥିଲେଛ ଶିବିରକୁ ପରିଚାଳନା କରିଥିଲେ ସନ୍ତୋଷ ଆଚାର୍ଯ୍ୟ, ଶ୍ରୀଧର ଆଚାର୍ଯ୍ୟ, ବଳରାମ ସାହୁ, ବୃନ୍ଦାବନ ଗୌଡ଼, କାଳିଆ ନାହାକ, ଶଙ୍କର ତରାଇ, ତ୍ରିଲୋଚନ ପାତ୍ର, ଆୟା ଓ ଆମାଛଶେଷରେ କଳାକାର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଫେସନ, (ବାଲିଯାତ୍ରା, ବାଳଶ୍ରମିକ, ନାରୀ ଶିକ୍ଷା) ଉପରେ ଏକ ଡ୍ରାମା ପରିବେଷଣ କରି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଧନ୍ୟବାଦ ଦେଇଥିଲେ ସୁଶ୍ରୀ ପ୍ରତିଭା କୁମାରୀ ସାହୁ ।

## ବୁଗୁଡ଼ାରେ ଦୋଳମେଲଣ ଉତ୍ସବ

ବୁଗୁଡ଼ା, (ସବ୍ୟୁ) : ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଫଗୁ ଦଶମୀ ଠାରୁ ବୁଗୁଡ଼ାରେ ଦୋଳମେଲଣ ଉତ୍ସବ ଆରମ୍ଭ ହୋଇଯାଇଛି । ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରୁ ରାଧାକୃଷ୍ଣଙ୍କୁ ଦୋଳବିମାନରେ ଉପବେଶନ କରାଇ ବାଦ୍ୟ ବାଜଣା ସହ ନଗର ଭ୍ରମଣ କରାଯାଉଥିବା ବେଳେ ଠାକୁର ଦର୍ଶନ ସହ କୃପା ଭିକ୍ଷା ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି ।



ଉକ୍ତ ଉତ୍ସବ ଅବସରରେ ପବିତ୍ର ଫାଲଗୁନ ଶୁକ୍ଳ ଚର୍ତୁଦଶୀ ତିଥିରେ ସ୍ଥାନୀୟ ଯାଦବ ସାହିରେ ହୋଲିକା ଦହନ ବା ରାଜାଗ୍ନି କାର୍ଯ୍ୟକ୍ରମ ଏବଂ ପୂର୍ଣ୍ଣମୀରେ ବଡଦାଣ୍ଡଠାରେ ଦୋଳମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶ୍ରୀ ବିରଞ୍ଚିନାରାୟଣ ମଠ ମହନ୍ତି ଭକ୍ତରାମ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବ ଅବସରରେ ଠାକୁରଙ୍କ ପୂଜାପାଠ ରୀତିନୀତି ପ୍ରକାରେ ପୂଜାରୀ ଉମାକାନ୍ତ ଦାଶଙ୍କ ଦ୍ୱାରା ସମ୍ପାଦନ ହେଉଅଛି ।

# ସ୍ଥିତି ସମୀକ୍ଷା କଲେ ଆରଡିସି, ଜିଲ୍ଲାପାଳ



ସମ୍ବଲପୁର, (ସବ୍ୟୁ) : ହୀରାକୁଦରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହା ଜଣାପଡିବା ପରେ ଉତ୍ତରାଞ୍ଚଳ ଆରଡିସି ଶ୍ରୀକାନ୍ତ ପୃଷ୍ଟି ଓ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲା ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି । ଏଥିସହ ଆକ୍ରାନ୍ତଙ୍କ ପଡା ବୁଲି ଦେଖିବା ସହ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ । ଡାକ୍ତରଙ୍କୁ ପଚାରିବୁଝିବା ସହ ଆବଶ୍ୟକ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ । ଏ ସମ୍ପର୍କରେ ଆରଡିସି ଶ୍ରୀକାନ୍ତ ପୃଷ୍ଟି କହିଛନ୍ତି ଯେ, ଚିକିତ୍ସା ପାଇଁ ଆସିଥିବା ଆକ୍ରାନ୍ତ ରୋଗୀ ମାନେ ଗୋଟିଏ ଦିନରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ତେଣୁ ଭୟ ନକରିବାକୁ ପରାମର୍ଶ ଦେବା ସହ ଜଳଯୋଗାଣ ବନ୍ଦ କରାଯାଇଛି । ତେବେ ଜଳଯୋଗାଣ ପୂର୍ବରୁ ପୁଣିଥରେ ନମୁନା ସଂଗ୍ରହ କରାଯିବ । ଏହାପରେ ଜଳଯୋଗାଣ କରାଯିବ ବୋଲି କହିଛନ୍ତି ।

# କଂଗ୍ରେସର ନିର୍ବାଚନୀ ଗ୍ୟାରେଣ୍ଟି ନେଇ ସୂଚନା

ନୂଆପଡ଼ା,(ସବ୍ୟୁ): ନୂଆପଡା ଜିଲ୍ଲା ସଦର ମହକୁମା ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ସିଲଦା ଗ୍ରାମରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଦଳୀୟ ନିର୍ବାଚନୀ ଇସ୍ତାହାର ଓ ଗ୍ୟାରେଣ୍ଟି ଘୋଷଣାକୁ ନେଇ ନିର୍ବାଚନ ମଇଦାନରେ ଓହ୍ଲାଇବ ବୋଲି ରାଜ୍ୟ ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଥିଲେ । ଦୀର୍ଘ ୨୪ ବର୍ଷ ବିଜେଡ଼ି ଶାସନ କାଳରେ ଯାହା କରି ପାରି ନାହିଁ ତାହା କଂଗ୍ରେସ ସରକାର ଗଠନ ପରେ କରିବ ବୋଲି ଜନତାଙ୍କୁ ଆହ୍ୱାନ କରିଛନ୍ତି । ୧୦ ଗୋଟି ଗ୍ୟାରେଣ୍ଟି ଉପରେ ଆଲୋକପାତ କରି ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରକାଶ କରିଥିଲେ । କଂଗ୍ରେସ ଶାସନ କୁ ଆସିଲେ ୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତ ବ୍ୟବସ୍ଥା ସହ ୩ହଜାର୍ ଟଙ୍କା ବେକାରୀ ଭତ୍ତା ପ୍ରଦାନ,କୃଷି ଋଣ ଛାଡ, ବୋନସ ସହ ଧାନ ର କ୍ୱିଣ୍ଟାଲ ପିଛା ୩ ହଜାର ଟଙ୍କା ବୃଦ୍ଧି ଓ ମାସିକ ୨ ହଜାର ଟଙ୍କା କୃଷକ୍ ଭାଇଙ୍କୁ ପେନସନ ଲାଗୁ, ବିଜୁଳି ୨୦୦ ୟୁନିଟ ପର୍ଯ୍ୟନ୍ତ ମୁକ୍ତ, ପ୍ରତ୍ୟେକ ପରିବାର ମୁଖ୍ୟ ମହିଳାଙ୍କୁ ଗୃହଲକ୍ଷ୍ମୀ ଯୋଜନାରେ ଦୁଇ ହଜାର ଟଙ୍କା ଲେଖାଏ, ଏବଂ ଆଦିବାସୀ ମହିଳାଙ୍କୁ ତିନି ହଜାର ଟଙ୍କା ସହାୟତା, ଗ୍ୟାସ ରେ ପାଞ୍ଚ ସହ ଟଙ୍କା, ମହିଳା ଏସଏଚଜିଙ୍କ ଋଣ ମାଫ, ସରକାରୀ କର୍ମଚାରୀଙ୍କ ସମସ୍ତ ନାଗରିକଙ୍କୁ ୨୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଘୋଷଣା କରିଛନ୍ତି। ୧୦୦ ଦିନ ମଧ୍ୟରେ ଜାତି ଭିତ୍ତିକ ଗଣନା, ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା, ଚିଟଫଣ୍ଡ ପ୍ରଭାବିତ ଜମାକାରୀମାନଙ୍କୁ ୬ ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ,ଆଦିବାସୀ ଓ ଦଳିତଙ୍କର ନିଜ ଜମି ଓ ଜଙ୍ଗଲ ଜମି ଉପରେ ସଂପୂର୍ଣ୍ଣ ଅଧିକାର, ୧୦୦ ଦିନ ମଧ୍ୟରେ ପେଶା ଆଇନକୁ କଡାକଡି ଭାବରେ ଲାଗୁ କରିବା ଭଳି ୧୦ ଗୋଟି ପ୍ରମୁଖ ଗ୍ୟାରେଣ୍ଟି ଇସ୍ତାହାରରେ ଉଲ୍ଲେଖ ରହିଛି। ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସୁରେଶ ଆଜାଦ, ଭରତ ଲାଲ ରାଉତ,ଅଭୟ ଯୋଶୀ,ଦେବଦତ୍ତ ଦୀକ୍ଷିତ, ଭୋଲା ପ୍ରଧାନ ଓ ଜଗଦୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସର ୧୦ ଗ୍ୟାରେଣ୍ଟି ଉପରେ ସୂଚନା

# ଇଲୋକ୍ଟୋରାଲ ବଣ୍ଡ ଅସାମ୍ବିଧାନିକ : ନରସିଂହ

ବଲାଙ୍ଗିର,(ସବ୍ୟୁ): ଏ ଅବସରରେ ବିଧାୟକ ଶ୍ରୀ ମିଶ୍ର ନିର୍ବାଚନ ପରିପ୍ରେକ୍ଷିରେ ଦଳ ତରଫରୁ ଦିଆଯାଇଥିବା ଗ୍ୟାରେଣ୍ଟି ଉପରେ ସୁଚନା ଦେଇଥିଲେ । କଂଗ୍ରେସ ଦଳ ସରକାରକୁ ଆସିଲେ ଧାନ କ୍ୱିଣ୍ଟାଲ ୩୦୦୦ ଟଙ୍କା, କୃଷିଋଣ ମାଫ ଏବଂ ଚାଷୀଙ୍କୁ ୨୦୦୦ ଟଙ୍କାର ପେନସନ ଦିଆଯିବାର ବ୍ୟବସ୍ଥା କରାଯିବ । ଠିକ୍ ସେହିପରି ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ୍ ଫ୍ରି କରାଯିବ । ରାଜ୍ୟରେ ୫ ଲକ୍ଷ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । ଯୁବକ ବେକାର ଥିଲେ ସେମାନଙ୍କୁ ମାସିକ ୩ହଜାର ଟଙ୍କାର ବେକାରି ଭତ୍ତା ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କ ସମସ୍ତ ଋଣ ମାଫ କରାଯିବ । ଦଳ ସରକାରକୁ ଆସିଲେ ଗୃହଲକ୍ଷ୍ମୀ ଯୋଜନା ମାଧ୍ୟମରେ ଗୃହର ମହିଳା ମୁଖିଆଙ୍କୁ ୨ହଜାର ଟଙ୍କାର ପେନସନ, ମାସିକ ଗୋଟିଏ ଗ୍ୟାସ ୫୦୦ ଟଙ୍କାରେ ପ୍ରଦାନ କରାଯିବ । ପ୍ରତ୍ୟେକ ବର୍ଗର ଲୋକ ୨୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଏବଂ ବିଧବା ଭତ୍ତାକୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ । ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କୁ ୨୭% ପର୍ଯ୍ୟନ୍ତ ସଂରକ୍ଷଣ ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ ।



୨୦୧୮ ମସିହାରେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ନିଜର ଦଳିୟ ପାଣ୍ଠି ବଢାଇବା ପାଇଁ ଏକ ଜନବିରୋଧି ଆଇନ ଆଣିଥିଲେ କେନ୍ଦ୍ର ସରକାର । ଯାହାକୁ କଂଗ୍ରେସ ସରକାର ଏହା ଅସମ୍ବିଧାନିକ ବୋଲି ତୀବ୍ର ବିରୋଧ କରିଥିଲା କିନ୍ତୁ କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରି ବିଭିନ୍ନ କମ୍ପାନୀ ଠାରୁ ଚାନ୍ଦା ଅସୁଲିରେ ଲାଗି ପଡିଲେ । ଠିକ ସେହିପରି ରାଜ୍ୟ ସରକାର ସମାନ ରାସ୍ତା ଅପଣାଇ ଶହ ଶହ କୋଟି ଟଙ୍କାର ଦଳୀୟ ପାଣ୍ଠି ବିଭିନ୍ନ ଖଣି ଖାଦାନ କମ୍ପାନୀରୁ ଅସୁଲି କରିବାରେ ଲାଗିଲେ । ଯାହାକୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିବା ସହ ଏହା ସବିଶେଷ ତଥ୍ୟ ନିର୍ବାଚନ କମିଶନକୁ ଅତିଶିଘ୍ର ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଇଲେକ୍ଟୋରାଲ ବଣ୍ଡ ଆଣିବା ସମ୍ପୂର୍ଣ୍ଣ ଅସମ୍ବିଧାନିକ । କାରଣ ଏହି ବଣ୍ଡ ମାଧ୍ୟମରେ କିଏ କେତେ ଟଙ୍କା ପ୍ରଦାନ କରିଛି ତାହା ସର୍ବସାଧାରଣ ହୋଇ ପାରିବ ନାହିଁ । ଏପରି କି ଏହା ସୂଚନା ଅଧିକାର ଆଇନ ପରିସରରେ ମଧ୍ୟ ଯେପରି ରହିବ ନାହିଁ ତାହାର ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି । ତେଣୁ ଏହାକୁ ନେଇ ସୁପ୍ରିମକୋର୍ଟରେ ଏକ ଯାଚିକା ଦାୟର ହୋଇଥିଲା । ଯାହାକୁ ସୁପ୍ରିମକୋର୍ଟ ଗ୍ରହଣ କରି କେନ୍ଦ୍ର ସରକାରକୁ ତୀବ୍ର ଭର୍ତ୍ସନା କରିବା ସହ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଇଲୋକ୍ଟୋରାଲ ବଣ୍ଡର ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତଥ୍ୟ ପ୍ରଦାନ ପାଇଁ ୩ ମାସ ସମୟ ମାଗିଥିଲା। ଯାହାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିବା ସହ ତୁରନ୍ତ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରଦାନ କରାଯାଇଥିବା ତଥ୍ୟରୁ ବର୍ତ୍ତମାନ ସ୍ପଷ୍ଟ ଜଣାପଡୁଛି ଯେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ପ୍ରଦାନ କରାଯାଇଥିବା ଅର୍ଥ ରାଶିର ସିଂହଭାଗ ପରିମାଣ ବିଭିନ୍ନ ଖଣି, ଖାଦାନ କମ୍ପାନୀରୁ ଉଭୟ କେନ୍ଦ୍ର ଓ ରାଜ୍ୟ ଶାସନାଧୀନ ଦଳକୁ ଯାଇଛି । ଯେଉଁମାନେ ଦେଇଛନ୍ତି ସେହିମାନଙ୍କ ବିରୁଦ୍ଧରେ ପୂର୍ବରୁ ଇଡି, ଆୟକର ବିଭାଗର ଚଡାଉ ଚାଲିଥିଲା ଏବଂ ବଣ୍ଡ ମାଧ୍ୟମରେ ଅର୍ଥ ପ୍ରଦାନ କରିସାରିବା ପରେ ଏହି କମ୍ପାନୀ ଗୁଡିକର ବିରୁଦ୍ଧରେ ଚାଲିଥିବା ଅନୁସନ୍ଧାନ ସମ୍ପୁର୍ଣ୍ଣ ବନ୍ଦ କିମ୍ବା ଅନୁସନ୍ଧାନକୁ ବାଟବଣା କରାଯାଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଅନୈତିକ ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ବେଆଇନ ଚାନ୍ଦ ଅସୁଲି କରିଛନ୍ତି । ରାଜ୍ୟ ବିଧାନସଭାରେ ମଧ ଗୋଟିଏ ନିର୍ଦ୍ଦିଷ୍ଟ କମ୍ପାନୀର ୮ କୋଟି ଟଙ୍କାର ଅର୍ଥ ରାଶି ଦଳୀୟ ପାଣ୍ଠି ହିସାବରେ ରାଜ୍ୟ ଶାସନାଧୀନ ଦଳର ବ୍ୟାଙ୍କ ଏକାଉଣ୍ଟରେ ଜମା ହୋଇଥିଲା । ଯାହାକୁ ବଲାଙ୍ଗିର ବିଧାୟକ ସେତେବେଳେ ରାଜ୍ୟ ବିଧାନସଭାରେ ବିରୋଧି ଦଳ ନେତା ଭାବରେ ଅନୁସନ୍ଧାନ ପାଇଁ ଦାବି କରିଥିଲେ ବୋଲି କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଜୟ ବାଲି ଏବଂ ନଗର ସଭାପତି ବୁଲୁ ଦାନି ପ୍ରମୁଖ ମଞ୍ଚାସୀନ ଥିଲେ ।

# କୋକସରାରେ ଡକାୟତି, ସୁନା ଗହଣା ସହ ନଗଦ ଟଙ୍କା ନେଇଗଲେ

କୋକସରା,(ସବ୍ୟୁ): କୋକସରା ବ୍ଲକ ସଦର ମହକୁମା ଜାତୀୟ ରାଜପଥ ୨୬ କଲେଜ ଛକ ନିକଟରେ ରହୁଥିବା ଅବସରପ୍ରାପ୍ତ ରାଜସ୍ବ କର୍ମଚାରୀ ବାମଦେବ ଠାକୁର ଓ ଶିକ୍ଷୟିତ୍ରୀ ଜୟଶ୍ରୀ ନାଏକଙ୍କ ଘରେ ଶୁକ୍ରବାର ରାତିରେ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘର ପଛପଟୁ ତାର ଜାଳି ଭାଙ୍ଗି ଘର ଆଗରେ ଥିବା ଗ୍ରୀଲ ଗେଟ ତାଲା ଭାଙ୍ଗି ବେଡ଼ରୁମରେ ପଶିଥିଲେ । ଆଲମୀରା ଭାଙ୍ଗି ପାଖାପାଖି ୨୦ ଗ୍ରାମ ସୁନାଗହଣା ସହ ନଗଦ ୧୫ ହଜାର ଟଙ୍କା ଓ ଏକ ମୋବାଇଲ ନେଇଥିବା ନେଇ ଘର ମାଲିକ ବାମଦେବ ଠାକୁର କୋକସରା ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମତେ ଶୁକ୍ରବାର ସନ୍ଧ୍ୟାରେ ଏକ ବିବାହରେ ଯୋଗ ଦେବାକୁ ଘରର ସମସ୍ତ ସଦସ୍ୟ ନିକଟସ୍ଥ ଚିକିଲି ଗାଁକୁ ଯାଇଥିବା ବେଳେ ରାତି ପ୍ରାୟ ୯ ରୁ ୧୧ ଘଣ୍ଟା ମଧ୍ୟରେ ଦୁର୍ବୃତ୍ତ ମାନେ ଘରେ ପଶି ଡକାୟତି କରି ଫେରାର ମାରିଥିଲେ । ଘର ଲୋକେ ରାତି ପ୍ରାୟ ୧୨ ଘଣ୍ଟା ପାଖାପାଖି ଫେରିବା ପରେ ଘରେ ଚୋରି ଡକାୟତି ହୋଇଥିବା ଦେଖି କୋକସରା ପୋଲିସକୁ ଅଭିଯୋଗ କରିବା ପରେ ରାତିରେ ପୋଲିସ ଆସି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରି ଫେରିଥିଲେ। ଶନିବାର କୋକସରା ପୋଲିସ ପକ୍ଷରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଡକାୟତି ଘଟଣା ତଦନ୍ତ ଆରମ୍ଭ ହୋଇଛି। କୋକସରା ଥାନା କେଶ ନମ୍ବର ୭୦/୨୪ ରେ ଏକ ଡକାୟତି ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ୪ କ୍ୱିଣ୍ଟାଲ ୬୫ କେଜି ଗଞ୍ଜେଇ ଜବତ



ସୋନପୁର,(ସବ୍ୟୁ): ଶନିବାର ପୂର୍ବାହ୍ନରେ ସୋନପୁର ପୋଲିସ୍ର ପାଟ୍ରୋଲିଂ ବେଳେ କୌଣସି ସୁତ୍ରରୁ ଖବର ପାଇ ହାର୍ଭେଷ୍ଟର ଲୋଡ଼ିଂ ଥିବା ଏକ ଇଚର୍ କମ୍ପାନୀ ନମ୍ବର ବିହୀନ ଟ୍ରାକ୍ଟରକୁ ଯାଞ୍ଚ କରି ସେଥିରୁ ୪ କ୍ୱିଣ୍ଟାଲ ୬୫ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷରୁ ଅଧିକ ହେବ ବୋଲି ସୂଚନା ମିଳିଛି । ସୋନପୁର ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କାର୍ଡ଼ ଟ୍ରାକ୍ଟର ସହ ଗଞ୍ଜେଇ ଜବତ କରି ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର ମନମୁଣ୍ଡା ଥାନା ଅନ୍ତର୍ଗତ ଖଟଖଟିଆ ଗାଁ ର ୨୪ ବର୍ଷୀୟ ଯୁବକ ରିଲୁ ବିଶି ଓ ୨୨ ବର୍ଷୀୟ ଯୁବକ ମାନସ ଭୋଇଙ୍କୁ ଗିରଫ କରିଛି । ଏନେଇ ସୋନପୁର ପି ଏସ କେଶ ନମ୍ବର୍ ୧୧୯/୨୪ ରେ ମାମଲା ରୁଜୁ ହୋଇଛି । ଏ ଘଟଣା ନେଇ ସୋନପୁର ପୋଲିସ ଷ୍ଟେସନରେ ସୁବର୍ଣ୍ଣପୁର ଏସପି ୟସ୍ ପ୍ରତାପ ଶ୍ରୀମାଲଙ୍କ ନେତୃତ୍ୱରେ ଆଇଆଇସି ଲୋକନାଥ ସାହୁଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଅୟୋଜନ କରାଯାଇ ଏସପି ଶ୍ରୀମାଲ ସମସ୍ତ ସୂଚନା ଦେଇଛନ୍ତି । ନୂତନ ଏସପି ଶ୍ରୀମାଲଙ୍କ ତତ୍ତ୍ୱାବଧାନରେ ଏବଂ ଥାନା ଅଧିକାରୀ ଶ୍ରୀ ସାହୁଙ୍କ ସ୍ପେସାଲ ସ୍କାର୍ଡଙ୍କ ଉଦ୍ୟମରେ ଜିଲ୍ଲା ପୋଲିସ୍କୁ ସଫଳତା ମିଳିଛି ।

# ପାଣି ପାଇଁ ଡହଳ ବିକଳ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

ଘଣ୍ଟାପଡ଼ା,(ସବ୍ୟୁ) : ଗ୍ରୀଷ୍ମ ସମୟ ହେଲେ ପାଣି ପାଇଁ କଣ୍ଟାମାଳବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଏ । ଦୀର୍ଘ ୧୦ ବର୍ଷ ହେବ କଣ୍ଟାମାଳ ତେଲ ନଦୀ କୂଳରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଇତି ମଧ୍ୟରେ ଶେଷ ହେବାର ଦୁଇ ବର୍ଷ ବିତି ଯାଇଥିଲେ ହେଁ କାର୍ଯ୍ୟକାରୀ ହୋଇପାରି ନାହିଁ । ଫଳରେ କଣ୍ଟାମାଳକୁ ସେଇ ପୁରୁଣା ପଦ୍ଧତିରେ ଜଳ ଯୋଗାଣ ହେଉଛି । ଏହା କଣ୍ଟାମାଳବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହେଉଛି । କମ୍ କ୍ଷମତା ବିଶିଷ୍ଟ ମଟର ଯୋଗୁଁ କିଛି ଦିନ ଚାଲିବା ପରେ ଜଳ ଯୋଗାଣ ଠପ୍ ହୋଇ ପଡୁଛି । ଅପର ପକ୍ଷରେ ନୂତନ ଭାବରେ ତିଆରି ହୋଇ ଥିବା ପ୍ରକଳ୍ପରେ ଲଟା ବୁଦା ମାଡ଼ି ଯନ୍ତ୍ରାଂଶ ସବୁ କଳଙ୍କି ଲାଗିବାକୁ ବସିଲାଣି । ଏନେଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରାଯାଇ ଥିଲେ ହେଁ କୌଣସି ଲାଭ ହୋଇ ପାରି ନାହିଁ । ପ୍ରଶାସନ ଗ୍ରୀଷ୍ମର ମୁକାବିଲା ପାଇଁ ଜିଲ୍ଲା ସ୍ତରରେ ବିଭିନ୍ନ ଆଲୋଚନା କରୁଥିବା ବେଳେ କଣ୍ଟାମାଳ ପାଇଁ ଏହା ଅଲୋଡ଼ା ହୋଇ ପଡ଼ିଛି । ଇତି ମଧ୍ୟରେ ବୌଦ୍ଧ ଜିଲ୍ଲାରେ ଜଳଯୋଗାଣ ଓ ପରିମଳ ବିଭାଗର ତିନି ଗୋଟି କାର୍ଯନିର୍ବାହୀ ଅଧିକାରୀ ବଦଳି ହୋଇ ସାରିଥିବା ବେଳେ କଣ୍ଟାମାଳ ତେଲ ନଦୀ କୁଳରେ ଥିବା ନୂତନ ପ୍ରକଳ୍ପ କାର୍ଯକାରୀ ନ ହୋଇ ସେମିତି ପଡ଼ି ରହିଛି । ଆଗାମୀ ଦିନରେ ଉକ୍ତ ପ୍ରକଳ୍ପ କାର୍ଯକାରୀ କରା ନଗଲେ କଣ୍ଟାମାଳର ମହିଳା ମାନେ ସ୍ଥାନୀୟ ଜଳ ପରିମଳ ଅଫିସ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି ।

# ସନ୍ଥକବି ଭୀମଭୋଇ ଓ ଭୀମାବାଈଙ୍କ ପରିନିର୍ବାଣ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସନ୍ଥକବି ଭୀମଭୋଇ ଓ ଭୀମାବାଈଙ୍କ ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି । ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ ସଭା ହୋଇଥିଲା । କ୍ଷେତ୍ରମଣି ବିଭାର ମୁଖ୍ୟଅତିଥି, ସମାଜସେବୀ ପ୍ରଦୀପ କୁମ୍ଭାର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସ୍‌ଟି ଏସ୍‌ସି କର୍ମଚାରୀ ସଂଘର ଉପସଭାପତି ଶିବଶଙ୍କର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ସନ୍ଥକବି ଭୀମଭୋଇଙ୍କ ମାନବଜାତି ତଥା ସମାଜପ୍ରତି ଥିବା ମହତ୍ ଉପଦେଶ ଉପରେ ଆଲୋଚନା କରିଥିଲେ । ସେହିପରି ଭୀମାବାଈଙ୍କ ଜୀବନୀ ଓ ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ସ୍ତୁତିଚାରଣ କରିଥିଲେ । ଏଥରେ ପରିଷଦର ମହାସଚିବ ମୋମିନା ଖାତୁନ, ଗିରିଧାରୀ ଖୁରା ପ୍ରମୁଖ ସହଯୋଗ କରିଥିଲେ ।

# କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ

ସୋନପୁର:(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସ୍ଥାନୀୟ ଏକ ହୋଟେଲରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନିରେ ଦଳୀୟ ନିର୍ବାଚନୀ ଇସ୍ତାହାର ଏବଂ ଗ୍ୟାରେଣ୍ଟି କାର୍ଡକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ପର୍ଯ୍ୟବେକ୍ଷକ ସୁରେନ୍ଦ୍ର ସିଂ ଭୋଇଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଛି । ପୂର୍ବତନ କଂଗ୍ରେସ ବିଧାୟକ ବିନୋଦ ପାତ୍ର ଏହି ଉତ୍ସବରେ ସାମିଲ ଥିଲେ । ତେବେ କଂଗ୍ରେସ ଶାସନକୁ ଆସିଲେ ଗୃହ ଜ୍ୟୋତି ଯୋଜନାରେ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଛାଡ଼, ପ୍ରତ୍ୟେକ ପରିବାରର ମୁଖ୍ୟ ମହିଳାଙ୍କୁ ଗୃହଲକ୍ଷ୍ମୀ ଯୋଜନାରେ ୨୦୦୦ ଟଙ୍କା ଲେଖାଏଁ ଏବଂ ଆଦିବାସୀ ମହିଳାଙ୍କୁ ୩୦୦୦ ଟଙ୍କା ସହାୟତା ନେଇ ସୂଚନା ଦିଆଯାଇଥିଲା । ଏହା ସହିତ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର , ୫ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ମହିଳା ଏସଏଚଜିଙ୍କୁ ବ୍ୟାଙ୍କ ଋଣ ଛାଡ଼, ୨୫ ଲକ୍ଷ ଟଙ୍କା ପର୍ଯନ୍ତ ମାଗଣା ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା ଗ୍ୟାରେଣ୍ଟିରେ ସ୍ଥାନିତ ହୋଇଛି । ୧୦୦ ଦିନ ମଧ୍ୟରେ ଜାତି ଭିତ୍ତିକ ଗଣନା, ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସମେତ ୯ ଗୋଟି ଗ୍ୟାରେଣ୍ଟି ଇସ୍ତାହାର ରହିଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗୌରୀ ଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ପ୍ରିୟବ୍ରତ ସାହୁ, ରାଜେଶ ମିଶ୍ରଙ୍କ ସହ ଜିଲ୍ଲା କଂଗ୍ରେସର ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଯୋଗ କେନ୍ଦ୍ରରେ ଶହୀଦ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ହୀରାକୁଦ କଲୋନୀ ସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରରେ ଶହୀଦ ଦିବସ ପାଳିତ ହୋଇଯାଇଛି । ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଅରୁଣ ବିହାରୀ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୋଲବଜାରସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିସହ କୌତୁକ ପୋଷାକ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଆଦିତ୍ୟ ଛତ୍ରପାଲ, ନିଧି ଛତ୍ରପାଲ, ପୂରବ ଚନ୍ଦ୍ର ମେହେର, ଆର୍ଯ୍ୟବିତ୍ ନାୟକ ବିଭିନ୍ନ ମହାପୁରୁଷ ବେଶ ହୋଇଥିଲେ । ଏଥିରେ ନୀଳମ ପ୍ରସାଦ, ଅଶୋକ ମହାପାତ୍ର, ପଦ୍ମିନୀ ମୁଣ୍ଡା, ଗିରିଧାରୀ ଅଗ୍ରୱାଲ, ମୁରାରୀ ଅଗ୍ରୱାଲ, କଲ୍ୟାଣୀ ଚିନ୍ଦ୍ରା, ବିଶ୍ୱଚିନ୍ଦ୍ରା, ସୁଶାନ୍ତ ସାହୁ, ସୂର୍ଯ୍ୟ ସାହୁ, ମୁନୁକାନ୍ତି ପଟେଲ , ଲକ୍ଷ୍ମୀ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ବାଇକ୍ ଚାଳକଙ୍କୁ ଚାପିଦେଲା ଟ୍ରକ୍, ଯୁବକ ମୃତ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ବ୍ଲକ ଅନ୍ତର୍ଗତ ଗଙ୍ଗଲା ଗ୍ରାମର ଧାନମଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ଚାଉଳମେଦି ଗ୍ରାମର ରାଜେଶ ମାଟାମଙ୍କ ପୁଅ ଦେବାଶିଷ ମାଟାମ(୨୨) ନିଜ ବାଇକ୍‌ରେ ଯାଉଥିବା ବେଳେ ଅପର ପଟରୁ ଆସୁଥିବା ଟ୍ରକ ସହ ଶକ୍ତ ଧକ୍କା ହୋଇଥିଲା । ବାଇକ୍‌ଟି ଟ୍ରକ ତଳେ ପଶିଯାଇଥିଲା । ଦେବାଶିଷ ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ମାଲକାନଗିରି ମେଡିକାଲ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଖବର ପାଇ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ସମ୍ବଲପୁରରେ ରାଜଲକ୍ଷ୍ମୀଙ୍କୁ ଭବ୍ୟ ସ୍ୱାଗତ

ସମ୍ବଲପୁର,(ସବ୍ୟୁ): ମିଶନ ମୋଦି -୨୦୨୪, ଦେଶ କା ବିକାଶ ମୋଦି ଜି କେ ପାସ୍‌ର ମନ୍ତ୍ର ନେଇ ରାଜଲକ୍ଷ୍ମୀ ମାଣ୍ଡା ଭାରତ ଭ୍ରମଣରେ ବାହାରିଥିବା ବେଳେ ସେ ସମ୍ବଲପୁରରେ ପହଞ୍ଚିଥିଲେ । ତାଙ୍କୁ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଶନିବାର ସକାଳେ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ସୂଚନାଯୋଗ୍ୟ, ମୋ ଭୋଟ ମୋଦିଜୀଙ୍କୁ ଆହ୍ୱାନ ନେଇ ରାଜଲକ୍ଷ୍ମୀ ତାମିଲନାଡୁରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଛନ୍ତି । ସେ ୧୫ଟି ରାଜ୍ୟ ଦେଇ ୨୧ହଜାର କିଲୋମିଟର ମାତ୍ର ୬୫ଦିନରେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଶ୍ୱିନୀ ମାଝୀ, ଶମ୍ଭୁ ବରେଲିଆ ପ୍ରମୁଖ ସାମିଲ ଥିଲେ ।

## ହାଣ୍ଡିଆ ହାଣ୍ଡି ଭାଙ୍ଗିବାରୁ ଅବକାରୀ ଟିମ୍‌ର ହଟହଟା

# ଜରିମାନା ଦେଇ ମୁକୁଳିଲେ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରାବସ୍ତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅବକାରୀ ଟିମ୍ ମଦଭାଟି ଗୁଣ୍ଡାଙ୍କୁ ଧରି ଆଦିବାସୀଙ୍କ ହାଣ୍ଡିଆକୁ ମାରା କରିଥିବାରୁ ବେଶ୍ ହଲାପଟା ହୋଇଛି । ଉତ୍ୟକ୍ତ ଲୋକେ ସେମାନଙ୍କୁ ଅଟକ ରଖିଥିଲେଛ ପରେ ଲିଖିତ କ୍ଷମାପ୍ରାର୍ଥନା ସହ ଜରିମାନା ଦେବାପରେ ସେମାନେ ମୁକୁଳିଛନ୍ତିଛ କୁତ୍ରା ଗାଁ'ର ଆଦିବାସୀ କିସାନବସ୍ତିରେ ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛିଛ ସୂଚନା ଅନୁସାରେ, ଅବକାରୀ ବିଭାଗ ସ୍ଥାନୀୟ ଅଞ୍ଚଳରେ ମଦଭାଟିର ଗୁଣ୍ଡାଙ୍କୁ ଧରି ଚଉ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛିଛ ସେମାନେ ଆଦିବାସୀଙ୍କ ପାରମ୍ପରିକ ହାଣ୍ଡିଆକୁ ନଷ୍ଟକରିବା ସହ ପାରିବାରିକ ବ୍ୟବହାର ପାଇଁ ଘରେ ଥିବା ମହୁଲ ଓ ଚାଉଳ ଜବତ କରିନେଉଛନ୍ତିଛ ଏ ନେଇ ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଘଟଣାରେ ଅବକାରୀ ବିଭାଗ ମଦଭାଟି ଗୁଣ୍ଡାଙ୍କୁ ଧରି କିସାନବସ୍ତିକୁ ଯାଇଥିଲା। ମଦଖୋଜିବା ବାହାନାରେ ହୋଲି ପାଇଁ ପାରମ୍ପରିକ ରୀତିରେ ତିଆରି ହୋଇଥିବା ତର୍ପାଏନ୍ (ହାଣ୍ଡିଆ) ରଖାଯାଇଥିବା ଘରକୁ ଜୋତାପିନ୍ଧି ପଶିଥିଲା। ଏହାକୁ ନେଇ ଆଦିବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଅବକାରୀ ବିଭାଗ ତରପାଏନ ମାଠିଆ ଭାଙ୍ଗିବା ପରେ ଘଟଣା ଉଗ୍ରରୂପ ଧାରଣ କରିଥିଲା ।



ବସ୍ତିର ଶହଶହ ଲୋକ ଅବକାରୀ ଗାଡ଼ିକୁ ଅଟକ ରଖିଥିଲେ। ଆଦିବାସୀ କିସାନ ସଂପ୍ରଦାୟ ସେମାନଙ୍କ ପୂର୍ବପୁରୁଷଙ୍କୁ ତରପାଏନ ବା ହାଣ୍ଡିଆ ହୋଲିଦିନ ଅର୍ପଣକରି ପୂଜାର୍ଚ୍ଚନା କରିଥାନ୍ତି। ଏଥିପାଇଁ ସପ୍ତାହେ ପୂର୍ବରୁ ସେମାନେ ଗାଧୋଇ ଘର ଲିପାପୋଛାକରି ହାଣ୍ଡିଆ ପ୍ରସ୍ତୁତ କରିଥା'ନ୍ତିଛ ଯେହେତୁ ବିନା କାରଣରେ ପୂଜାପାଇଁ ଉଦ୍ଦିଷ୍ଟ ତରପାଏନ ବା ହାଣ୍ଡିଆକୁ ବାହାରଲୋକ ଛୁଇଁ ମାରା କରିଛନ୍ତି, ସେଥିପାଇଁ ବସ୍ତିବାସୀ ଉତ୍କ୍ଷିପ୍ତ ହୋଇ ଚଉକାରୀଙ୍କୁ ଅଟକ ରଖିଥିଲେ। ଖବରପାଇ ଅବକାରୀ ଅଧିକାରୀ ସୁଧୀର କୁମାର ମିଶ୍ର କୁତ୍ରା ପୁଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେଛ ଉତ୍ୟକ୍ତଲୋକଙ୍କୁ ବୁଝାସୁଝା କରିବା ପରେ ଲିଖିତ କ୍ଷମାପ୍ରାର୍ଥନା ଓ ଜରିମାନା ଦେଇ ଅବକାରୀ କର୍ମଚାରୀ ଓ ମଦଭାଟି ଗୁଣ୍ଡାମାନେ ମୁକୁଳିଥିଲେଛ ରୋଚକ କଥା ହେଉଛି, ଘଟଣାସ୍ଥଳରେ ରାଜଗାଙ୍ଗପୁର ଭାଟିମାଲିକ ଅରବିନ୍ଦ ସିଂ ଉପସ୍ଥିତ ଥିଲେଛ ଲୋକଙ୍କ ଆକ୍ରୋଶର ଶିକାରହେବା ପରେ ଅରବିନ୍ଦ ବି ଲିଖିତ କ୍ଷମାପ୍ରାର୍ଥନା କରିବା ସହ ଜରିମାନା ଦେଇଥିଲେଛ ପୂଜାପାଇଁ ନିର୍ମିତ ତରପାଏନ ବା ହାଣ୍ଡିଆକୁ ମାରା କରିଥିବାରୁ ଜାଳେଣିକାଠ ଓ ସେଥିରେ ବ୍ୟବହୃତ ଔଷଧ ବା ରାନୁ କିଣିବାକୁ ୩୫୦୦ ଟଙ୍କା ଓ ୨ କ୍ୱିଣ୍ଟାଲ ଚାଉଳ ଜରିମାନା ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି।

# ମଥୁରା ପଞ୍ଚାୟତରେ ବୃନ୍ଦାବନ ହାଟ ଶୁଭାରମ୍ଭ



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ବୃନ୍ଦାବନ ଠାରେ ଶନିବାର ସାପ୍ତାହିକ ହାଟ ଶୁଭାରମ୍ଭ ହୋଇଯାଇଛି । ଗାନ୍ଧିଦୂତ ଗଙ୍ଗାଧର ଦନ୍ତାଙ୍କ ଉଦ୍ୟମ କ୍ରମେ ଓ ଅରୁଣ ଡାଙ୍ଗ, ଗଙ୍ଗାଧର ମେହେର, ଅଲେଖ ଅଦର, ସଦାଶିବ ପାତ୍ର, ବନ ରଣାଙ୍କ ସହଯୋଗ କ୍ରମେ ଅପରାହ୍ନ ୩ ଘଣ୍ଟା ସମୟରେ ଗାନ୍ଧି ଦୂତ ଗଙ୍ଗାଧର ଦନ୍ତା ଶୁଭ ଉଦଘାଟନ କରିଥିଲେ । ଅଂଚଳର ଚାଷୀ, ମହିଳା ଗୋଷ୍ଟି, ବ୍ୟବସାୟୀ ମାନେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ଦିନରେ ଅଞ୍ଚଳର ଚାଷୀ ମାନଙ୍କ ଉତ୍ପାଦିତ ଓ ମହିଳା ଗୋଷ୍ଠୀମାନଙ୍କ ପ୍ରକ୍ରିୟାକୃତ ଦ୍ରବ୍ୟର ବିକ୍ରିବଟା ହୋଇପାରିବ ବୋଲି ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମର ସମ୍ପାଦକ କୃତ୍ତିବାସ ପଲିଆ କହିଥିଲେ । ଆସନ୍ତା ଦିନରେ ସହଯୋଗ କରିବା ପାଇଁ ପଂଚାୟତ ଓ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ । ହାଟ ସ୍ଥାନ ଉନ୍ନତି କରଣ, ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ ବ୍ୟବସ୍ଥା କରାଗଲେ ଆସନ୍ତା ଦିନରେ ଏକ ଆଦର୍ଶ ହାଟ ହୋଇପାରିବ ବୋଲି ଅଞ୍ଚଳବାସୀ କହୁଛନ୍ତି ।

# ବାଲିଘାଟ ନିଲାମ ରଦ୍ଦ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ସଦର ତହସିଲ କଲମ ପଞ୍ଚାୟତ ଠେମରା ବାଲି ଘାଟ ନିଲାମ ରଦ୍ଦ କରିବାକୁ ଗ୍ରାମାବାସୀ ଦାବି କରିଛନ୍ତି । ଏନେଇ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ଗ୍ରାମବାସୀଙ୍କ ଦାବିରେ ଏହି ବାଲିଘାଟରୁ ବାଲି ଉଠାଣ ବନ୍ଦ କରାଯାଇଥିଲା । ତେବେ ପୁନର୍ବାର ଶହଶହ ଟ୍ରିପ ବାଲି ଉଠାଇ ଗାଁ ରାସ୍ତା ଦେଇ ଚାଲାଣ ହେଉଛି । ଫଳରେ ଗ୍ରାମବାସୀ ହନ୍ତସନ୍ତ ହେବା ସହ ରାସ୍ତାରେ ଯାତାୟତ କରୁଥିବା ସ୍କୁଲ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଠେମରା ବାଲିଘାଟ ନିଲାମ ରଦ୍ଦ କରାଯିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗାଁର ବିଳାସିନୀ ଛତ୍ରିଆ, ପଞ୍ଚୁକା ଶବର, ସତ୍ୟବତୀ ଶବର, ପିଙ୍କି ଶବର ପ୍ରମୁଖ ଦାବି କରିଛନ୍ତି । ଏହି ଘେରାଉରେ ଗ୍ରାମର ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ । ଏ ଦିଗରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ବାଧ ହୋଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମାଲକାନଗିରି : ପାଣି ପାଇଁ ସୀମା ପାର କରୁଛନ୍ତି ଗ୍ରାମବାସୀ

ମାଲକାନଗିରି,(ସବ୍ୟୁ): ସୀମାନ୍ତ ଗ୍ରାମଗୁଡିକରେ ବହୁ ସମସ୍ୟା ରହିଛି। ସୀମାନ୍ତ ଗ୍ରାମଗୁଡିକ ମାଓ ପ୍ରବଣ ହୋଇଥିବାରୁ ସରକାରୀ ଯୋଜନା ସେଠାରେ ପହଞ୍ଚିପାରୁନାହିଁ । ଫଳରେ ଲୋକେ ଅତି ଦୟନୀୟ ଜୀବନଯାପନ କରୁଛନ୍ତି। ଏଭଳି ଏକ ଗ୍ରାମ ହେଉଛି ମାଥିଲି ବ୍ଲକର ମହୁପଦର ପଞ୍ଚାୟତର ଦଣ୍ଡିପଦର ଗ୍ରାମ। ଏହି ଗ୍ରାମଟି ସୀମାନ୍ତ ଛତିଶଗଡକୁ ଲାଗି ରହିଛି। ଦଣ୍ଡିପଦର ଗ୍ରାମଟି ପାହାଡ଼ ଉପରେ ରହିଛି। ଏହି ଗ୍ରାମରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଦଣ୍ଡିପଦର ଗ୍ରାମକୁ ନକ୍ସଲ ସଂପୂର୍ଣ୍ଣ ନିଜ ଅକ୍ତିଆରରେ ରଖିଥିଲେ। ଏବେ ମହୁପଦର ଠାରେ ବିଏସଏଫ କ୍ୟାମ୍ପ ହେବା ପରେ ମାଓ ଗତିବିଧି ଆଉ ଏହି ଗାଁରେ ନଥିବା କୁହାଯାଉଛି। କିନ୍ତୁ ଗ୍ରାମବାସୀଙ୍କ ପାଖରେ ଆଜି ବି ସରକାରୀ ମୌଳିକ ସୁବିଧା ପହଞ୍ଚିପାରୁ ନାହିଁ। ଗ୍ରାମରେ ରହିଥିବା ତିନୋଟି ନଳକୂପ ମଧ୍ୟରୁ ଦୁଇଟି ଅଚଳ ହୋଇ ପଡ଼ିଥିବା ବେଳେ ଅନ୍ୟଟିରେ ଗୋଳିଆ ପାଣି ବାହାରୁଥିବାରୁ ଲୋକେ ଏହି ପାଣିକୁ ପିଇବା ପାଇଁ ବ୍ୟବହାର କରୁନଥିବା କହିଛନ୍ତି। ପାଣି ପାଇଁ ସେମାନଙ୍କ ପାହାଡ ଓହ୍ଲାଇ ସୀମା ପାର କରି ଛତିଶଗଡ଼ର ଏ ଝରଣା ଓ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ସକାଳୁ ମହିଳାମାନେ ଚାଲିଚାଲି ସୀମା ପାର କରି ଝରଣା ଓ ଚୁଆ ପାଣି ସଂଗ୍ରହ କରି ନିଜର ନିତ୍ୟ ବ୍ୟବହାରରେ ଲଗାଉଥିବା କହନ୍ତି । ଆଗକୁ ନିର୍ବାଚନ ରହିଥିବା ବେଳେ ଗ୍ରାମବାସୀ ଗ୍ରାମରେ ପାଣିର ସୁବିଧା ନହେଲେ ଭୋଟ ବର୍ଜନ ନେଇ ମଧ୍ୟ ଚେତାବନୀ ଦେଇଛନ୍ତି । ନକ୍ସଲ ପ୍ରବଣ ଅଂଚଳ ହୋଇଥିବାରୁ ଏହି ଅଂଚଳର ଲୋକେ ଭୋଟ ଦେବା ଭୁଲି ଯାଇଥିଲେଛ କିନ୍ତୁ ଏଥର ସୁରକ୍ଷା କଡାକଡି ହୋଇଥିବାରୁ ଲୋକେ ଭୋଟ ଦେବେ ବୋଲି ଚିନ୍ତା କରିଥିଲେଛ ପୂର୍ବରୁ ମାଓ ଏମାନଙ୍କୁ ଭୋଟ ବର୍ଜନ କରିବାକୁ ତାଗିଦ କରୁଥିଲେ। କିନ୍ତୁ ଗ୍ରାମରେ ଲାଗି ରହିଥିବା ସମସ୍ୟାଗୁଡିକକୁ ସରକାର ପୂରଣ କରୁନଥିବାରୁ ଏଥର ସେମାନେ ନିଜେ ଭୋଟ ବର୍ଜନ କରିବା ପାଇଁ ସ୍ଥିର କଲେଣି।

ପାହାଡ଼ ଉପରେ ଗାଁଟି ଥିବାରୁ ଗ୍ରାମବାସୀ ନିଜେ ରାସ୍ତା କରିବା ପରେ ପ୍ରଶାସନର ଚେତା ପଶିଥିଲା। ଏବେ ଗାଁରେ ଉତ୍କଟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଏନେଇ ପ୍ରଶାସନ କିମ୍ବା ସରକାର କୌଣସି ପଦକ୍ଷେପ ନନେବା ଯୋଗୁଁ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗ୍ରାମବାସୀଙ୍କ ଦୁଃଖ ହେଲା ପାନୀୟ ଜଳଛ ସରକାର ଏହି ଗୋଟିଏ ସୁବିଧା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏବେ ମାଓ ଏହି ଅଞ୍ଚଳରେ ତାଙ୍କର ଗତିବିଧିକୁ କମାଇ ଦେଇଥିବାରୁ ଲୋକେ ଆଶ୍ୱସ୍ତ ହେଲେ ସତ କିନ୍ତୁ ଲୋକେ ମାଓବାଦୀକୁ ସମର୍ଥନ ଛାଡି ଏବେ ମୁଖ୍ୟସ୍ରୋତରେ ସାମିଲ ହୋଇ କଣ ପାଇଲେ ବୋଲି ପ୍ରଶ୍ନ କରୁଛନ୍ତି। ସୀମାନ୍ତ ଗ୍ରାମ ହୋଇଥିବାରୁ ଲୋକେ ଓଡ଼ିଶା ଅପେକ୍ଷା ଛତିଶଗଡ଼କୁ ଯିବାକୁ ପସନ୍ଦ କରୁଛନ୍ତି। ହାଟ ବଜାର ସହ ବୈବାହିକ ସମ୍ପର୍କ ମଧ ଛତିଶଗଡ ସହ ଲୋକେ କଲେଣି। ତେଣୁ ବେଳ ଥାଉ ଥାଉ ପ୍ରଶାସନ ଓ ସରକାର ଗ୍ରାମବାସୀଙ୍କ ଦୁଃଖ ଦୂର କରି ଓଡିଶା ମୁହାଁ କରିବା ଦରକାର ବୋଲି ମତ ପ୍ରକାଶ ପାଇଛି।

# ନିରପେକ୍ଷ ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଧିକାରୀଙ୍କୁ ତାଲିମ

ବରଗଡ଼,(ସବ୍ୟୁ): ବରଗଡ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋଏଲଙ୍କ ନେତୃତ୍ୱରେ ବରଗଡ଼ ଲୋକସଭା ଏବଂ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା ଓ ଭଟଲି ବିଧାନସଭା ଆସନ ପାଇଁ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ତୃଟିହୀନ ଏବଂ ନିରପେକ୍ଷ ଭାବେ କରିବା ପାଇଁ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ଏବଂ ସହଯୋଗୀ ଅଧିକାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ତଥା ବରଗଡ଼ ଲୋକସଭା ରିଟର୍ଣ୍ଣିଙ୍ଗ ଅଧିକାରୀ ଶ୍ରୀ ଗୋଏଲ ଏବଂ ଅନ୍ୟ ପାଞ୍ଚଟି ବିଧାନସଭାର ରିଟର୍ଣ୍ଣିଙ୍ଗ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୁଷଣ ଓ ପଦ୍ମପୁର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଶିବିରରେ ଉପସ୍ଥିତ ଥିଲେ । ଏକଦିବସୀୟ ପ୍ରଶିକ୍ଷଣ ଶିବିରରେ ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୁଷଣ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ପ୍ରଜ୍ଞାନନ୍ଦ ଗିରି ଏବଂ ଏଚଆରଏମଏସ ଜିଲ୍ଲା ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ମାଷ୍ଟର ଟ୍ରେନର ଭାବେ ନାମାଙ୍କନ ଓ ପ୍ରାର୍ଥୀପତ୍ରର ସଠିକ ଯାଞ୍ଚ ପ୍ରକ୍ରିୟା, ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ପ୍ରତୀକ ବଣ୍ଟନ ପ୍ରକ୍ରିୟା, ଡାକ ବାଲାଟ, ଭୋଟର ସୁବିଧା କେନ୍ଦ୍ରର ସୁପରିଚାଳନା ଏବଂ ଇଭିଏମ / ଇଏମଏସ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଲିମ ପ୍ରଦାନ କରିଥିଲେ ।

# କଂଗ୍ରେସର ଗ୍ୟାରେଣ୍ଟି ନାମରେ ୧୦ ମୁଦ୍ଦା ନେଇ ନିର୍ବାଚନ ଇସ୍ତାହାର

ରାୟଗଡା,(ସବ୍ୟୁ): ସଦର କଂଗ୍ରେସ ଭାବାଠରେ ସାମ୍ବାଦିକ ସମ୍ମିଳନୀକରି କଂଗ୍ରେସର ଗ୍ୟାରେଣ୍ଟି ନାମରେ ୧୦ଟି ମୁଦ୍ଦା ନିଜର ନିର୍ବାଚନ ଇସ୍ତାହାର ଜାରିକଲା ପ୍ରଦେଶ କଂଗ୍ରେସ କମିଟି। ୨୪ବର୍ଷର ରାଜ୍ୟ ବିଜେଡି ଶାସନ ଏବଂ ୯ ବର୍ଷର ବିଜେପି ଶାସନରେ ଯାହା ହୋଇନାହିଁ । ଆମେ ୧୦ଟି ମୁଦ୍ଦା ନେଇ ନିର୍ବାଚନ ମଇଦାନକୁ ଆସିଛୁ। ଏହି ଗ୍ୟାରେଣ୍ଟି ପ୍ରତି ଘରକୁ ଯାଇ ଲୋକଙ୍କ ବୁଝାଇବା ସହ ନିର୍ବାଚନରେ ଆମେ ବିଜୟ ଲାଭ କଲେ ଏକ ମାସ ମଧ୍ୟରେ ଏହି ସମସ୍ତ ମୁଦ୍ଦା ପୁରଣ କରିବୁ। ରାଜ୍ୟରେ ଚିଟଫଣ୍ଡ, ବ୍ଲାକ ରୋଜ, ଖଣି ଦୁର୍ନୀତି ପରି ଅନେକ ଦୁର୍ନୀତିରେ ସରକାର ଲିପ୍ତ ଅଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ସହ ମେଣ୍ଟ ନେଇ ଏକମାସ ହେଲା ଆଲୋଚନା ଜୋର ଧରିଛି। ଅଙ୍କ କଷା ଛିଣ୍ଡିଲା ନାହିଁ,ତେଣୁ ମେଣ୍ଟ ହେବନାହିଁ ବୋଲି କହିଛନ୍ତି। ରାଜ୍ୟ ବାସୀ ସବୁ ବୁଝିଗଲେଣି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି। ଏହି ଇସ୍ତାହାର ପତ୍ରରେ ଧାନର କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩ ହଜାର ଟଙ୍କା ସହ କୃଷି ଋଣ ଛାଡ ବିଦ୍ୟୁତ ଉପଭୋକ୍ତାଙ୍କୁ ୨ ଶହ ୟୁନିଟ୍ ଦେୟ ଛାଡ, ୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ବ୍ୟବସ୍ଥା ଆଦି ରହିଛି । ବେକାରୀ ଭତ୍ତା ମାସିକ ୩ ହଜାର ଟଙ୍କା ମହିଳା ଏସଏଚଜିଙ୍କ ବ୍ୟାଙ୍କ୍ ଋଣ ଛାଡ, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୂଖ୍ୟ ମହିଳାଙ୍କୁ ୨ ହଜାର ଟଙ୍କା ଭତ୍ତା । ଗ୍ୟାସ ସିଲିଣ୍ଡର ପ୍ରତି ୫ଶହ ଟଙ୍କା ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ମାସିକ ୨ ହଜାର ଟଙ୍କା ଓ ରାଜ୍ୟରେ ଜାତିଭିତ୍ତିକ ତଥା ସାମାଜିକ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ । ଯଦି କଂଗ୍ରେସ ଦଳ ରାଜ୍ୟରେ ଶାସନକୁ ଆସିବ ତେବେ ଏହି ଗ୍ୟାରେଣ୍ଟି କାର୍ଯ୍ୟକାରୀ କରିବ ବୋଲି ଜିଲ୍ଲା କଂଗ୍ରେସ କମିଟି ତରଫରୁ ଘୋଷଣା କରାଯାଇଅଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ, ଜିଲ୍ଲା ସାଧାରଣ ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ପଣ୍ଡା, ରତ୍ନମଣି ଉଲ୍କା, ଆପଲ ସ୍ୱାମୀ କାଡ୍ରାକା , ବି ଜି ତେଜେଶ୍ୱର୍ ରାଓ ଆଦି ଉପସ୍ଥିତ ଥିଲେ ।

# ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ବାଚନ ସମୀକ୍ଷା



ରାୟଗଡା,(ସବ୍ୟୁ): ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ର ପ୍ରସ୍ତୁତି ନେଇ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ଼ଃ ତିରୁମାଲା ନାୟକ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ନିର୍ବାଚନ ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି । ପ୍ରଥମେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ହରିଶ ବି. ସି, ଅତିରକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଗୁଣୁପୁର, ରାୟଗଡାଙ୍କ ସହ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିରୀଗୁଡା,ତାପରେ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ହେବାକୁ ଥିବା ଷ୍ଟ୍ରଙ୍ଗ ରୁମ ପରିସର ଅନୁଧ୍ୟାନ କରିଥିଲେ । ପରେ ଜିଲ୍ଲା ପରିଷଦ ସମିଳନୀ କକ୍ଷରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ପୋଲିଙ୍ଗ ଅଧିକାରୀ ଓ ନିର୍ବାଚନ କାର୍ଯ୍ୟରେ ଜଡିତ ଥିବା ସମସ୍ତ କର୍ମଚାରୀମାନଙ୍କୁ ଜିଲ୍ଲାରେ ଯେପରି ଶାନ୍ତି ଶୃଙ୍ଖଳା ସହିତ ମତଦାନ ହେବ ଓ ସେଥିପାଇଁ ର୍ନିବାଚନ ଦାୟିତ୍ୱରେ ଥିବା ପୋଲିସ ଓ ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହିତ କୌଣସି କର୍ମଚାରୀଙ୍କ ଅସାବଧାନତାରୁ ଯେପରି ନିର୍ବାଚନ କାର୍ଯ୍ୟରେ ଯେପରି ଅସୁବିଧା ନହୁଏ ସେଥିପାଇଁ ସତର୍କ କରାଇଥିଲେ । ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିବା ସହ ନୋଡାଲ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଦୋଳପୂର୍ଣିମା ଉତ୍ସବ ପାଇଁ ରାଧାକୃଷ୍ଣ ବିଗ୍ରହ ନେଲେ ଚିଲିଗୁଡା ଗ୍ରାମବାସୀ



କୋକସରା,(ସବ୍ୟୁ) : କୋକସରା ବ୍ଲକ ଚିଲିଗୁଡା ଶ୍ରୀ ରାଧାକୃଷ୍ଣ ଯାଦବ ସମାଜ ପକ୍ଷରୁ ଦୋଳପୂର୍ଣିମା ଉତ୍ସବ ଶନିବାର ଠାରୁ ଦୁଇଦିନ ଧରି ଅନୁଷ୍ଠିତ ହେଉଛି । ଶନିବାର ଚିଲିଗୁଡା ରାଧାକୃଷ୍ଣ ଯାଦବ ସମାଜ ପକ୍ଷରୁ କୋକସରା ଜଗନ୍ନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ପ୍ରତିମାକୁ ଏକ ଭବ୍ୟ ଶୋଭାଯାତ୍ରାରେ ଶହ ଶହ ଶ୍ରଦ୍ଧାଳୁଙ୍କ ମାନେ ବାଟ ବରଣ କରି ଚିଲିଗୁଡା ଅଭିମୁଖେ ନେଇ ଯାଇଛନ୍ତି। ଏହି ଅବସରରେ ଜଗନ୍ନାଥ ମନ୍ଦିର ପୂଜକ ପ୍ରଦୀପ ପାଢୀଯୋଷୀ ରାଧାକୃଷ୍ଣଙ୍କ ବିଗ୍ରହକୁ ପୂଜାର୍ଚ୍ଚନା ପରେ ଚିଲିଗୁଡା ଗ୍ରାମ ସୁରେଶ ତାଣ୍ଡି ଓ ପୁଜକ ଉତ୍ତମ ପଣ୍ଡାଙ୍କୁ ସମର୍ପଣ କରିଥିଲେ। କମିଟି ପକ୍ଷରୁ ପ୍ରକାଶ ଗୋପାଳ, ସନ୍ତୋଷ ତାଣ୍ଡି, ରାକେଶ ବେମାଲ, ଧନେଶ୍ୱର ଗୋପାଳ, ଜୟକୃଷ୍ଣ ତାଣ୍ଡି, ଅଭିମନ୍ୟୁ ଗୋପାଳ, କାଳିକୃଷ୍ଣ ବାଗ, ଚକ୍ରଧର ପୁଞ୍ଜି, ବିଦ୍ୟାଧର ଗହୀର, ବିନୋଦ ବିହାରୀ ରାଉତ, ହୃଷିକେଶ ରାଉତ ସମେତ ଚିଲିଗୁଡା ଯାଦବ ସମାଜର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଭଏସ ଅଫ୍ ୱେମେନ୍ସ ସଙ୍ଗଠନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା,(ସବ୍ୟୁ): ସହରାଞ୍ଚଳରେ ବସ ବାସ କରୁଥିବା ଆର୍ଥିକ ଅନଗ୍ରସରଙ୍କ ସେବାରେ ସମର୍ପିତ ଭଏସ ଅଫ ୱେମେନ୍ସ ପକ୍ଷରୁ ବଡ଼ମାଲ କଲ୍ୟାଣ ମଣ୍ଡପ ଠାରେ ସ୍ୱାସ୍ଥ୍ୟ ଶିବୀ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ସୁରେଶ ପୂଜାରୀ ଯୋଗଦାନ କରି ଉଦ୍ଘାଟନ କରିଥିଲେ । ଅତିଥି ଭାବେ ମହେନ୍ଦ୍ର କେଡ଼ିଆ, ସୁଧାଂଶୁ ଦୋରା, ବରିଷ୍ଠ ଡାକ୍ତର ଡିପି ଅଗ୍ରୱାଲ, ନ୍ୟୁରୋ ଫିଜିଓଥେରାପି ଡାକ୍ତର ପ୍ରକାଶ ରଣା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ନଳିନୀ ପ୍ରଧାନ ସଭା ପରିଚାଳନା କରିଥିଲେ । ଡାକ୍ତର ଡିପି ଅଗ୍ରୱାଲ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନାରାୟଣ ସିଂ, ରଂଜିତା ବୁଡା, ପ୍ରିୟଙ୍କା ବାଗ ପ୍ରମୁଖ ରୋଗୀଙ୍କ ରକ୍ତ ପରୀକ୍ଷା କରିଥିଲେ । ଆଣ୍ଠୁ ଗଣ୍ଠି ବ୍ୟଥା, ମେରୁଦଣ୍ଡ ଜନିତ ସମସ୍ୟା, ପକ୍ଷାଘାତ ରୋଗର ଚିକିତ୍ସା କରିଥିଲେ । ଡାକ୍ତର ପ୍ରକାଶ ରଣା ଓ ବର୍ଷା ନ୍ୟୁରୋ ଫିଜିଓଥେରାପି କେନ୍ଦ୍ରର ମାଲା ଧୁରୁଆ, ରାନୀ ପଟନାୟକ, ବର୍ଷା ଶ୍ରୀବାସ, ପୁନମ ବରିହା ଓ ଲତା କୁଆ ଏଥିରେ ଭଏସ ଅଫ ୱେମେନ୍ସର ଲଳିତା ଦୀକ୍ଷିତ ରେଣୁ ତିବାରି, ଲକ୍ଷ୍ମୀ ସାହୁ, ହେମଲତା ବାଗ, ପ୍ରିୟଙ୍କା ଶତପଥୀ, ସାବିତ୍ରୀ ମିଶ୍ର, ହେମଲତା ଅଗ୍ରୱାଲ, ମୁକେଶ ସାହୁ, ଅନୀଲ ସାହୁ ପ୍ରମୁଖ କ୍ୟାମ୍ପ ପରିଚାଳନାରେ ସକ୍ରିୟ ଭୂମିକା ତୁଲାଇ ଥିଲେ ।

# ଜାତୀୟ ମ୍ୟାଚରେ କଳାହାଣ୍ଡି ଖେଳାଳି

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡିର ଯୁବ ପାରା ବ୍ୟାଡ଼ମିଣ୍ଟନ ଖେଳାଳି ଆକାଶ ମୁଣ୍ଡ ଜାତୀୟ ପାରା ବ୍ୟାଡ଼ମିଣ୍ଟନ ଚମ୍ପିଆନସିପ୍ ପ୍ରତିଯୋଗିତାରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତ ୨୦ ରୁ ୨୩ ଯାଏଁ ଟାଟାନଗର ସ୍ଥିତ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସର ମୋହନ ଆହୁଜା ଷ୍ଟାଡିୟମରେ ହେଉଥିବା ଏହି ମ୍ୟାଚରେ ସାମିଲ ହୋଇଛନ୍ତି ଆକାଶ । ଭାରତୀୟ ଜାତୀୟ ବ୍ୟାଡମିଣ୍ଟନ ଆସୋସିଏସନର ପାରା କମିଟି ଓ ଟାଟା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ମ୍ୟାଚରେ କୋଚ ଶିବ ପ୍ରସାଦ ଦାସଙ୍କ ନେତୃତ୍ୱରେ ଓଡ଼ିଶାରୁ ୮ ଜଣ ପାରା ବ୍ୟାଡ଼ମିଣ୍ଟନ ଖେଳାଳି ଏଥିରେ ଅଂଶ ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ଆକାଶ ମୁଣ୍ଡ କଳାହାଣ୍ଡିର ଏକମାତ୍ର ଖେଳାଳି ଭାବେ ଏହି ମର୍ଯ୍ୟାଦାପୂର୍ଣ ମ୍ୟାଚରେ ସାମିଲ ହୋଇଛନ୍ତି । ଏଥିପାଇଁ କଳାହାଣ୍ଡିର ଖେଳାଳି ମହଲରୁ ଆକାଶଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ଚିଟ୍‌ଫଣ୍ଡ ଅର୍ଥ ନେଇ ଫେରାର ହେଲେ ପରିବାର

ରାୟଗଡା,(ସବ୍ୟୁ): ରାୟଗଡା ସଦର ମହକୁମାର ରିଙ୍ଗ ରୋଡ ସ୍ଥିତ କୋ ଅପରେଟ କଲୋନୀ ତୃତୀୟ ଗଳିରେ ଏଭଳି ଏକ ଚିଟଫଣ୍ଡ କେଳେଙ୍କାରୀ ଖୁଲସା ହୋଇଛି । ଯାହା ଜନୈକ ମହିଳା ତୃପ୍ତିରାଣୀ କର ଓ ତାଙ୍କ ପୁଅ ଆଦିତ୍ୟ କର ଉକ୍ତ ଅଂଚଳରୁ ପ୍ରାୟ ୮୦ ଜଣ ଲୋକଙ୍କ ଠାରୁ ପ୍ରାୟ ୨ କୋଟି ଟଙ୍କା ନେଇ ଫେରାର ହୋଇଥିବା ନେଇ ସେହି ସାହିର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଜମାକାରୀ ପ୍ରଥମେ ରାୟଗଡ଼ା ଥାନାକୁ ଯାଇଥିବା ବେଳେ ଥାନାରେ ସେମାନଙ୍କ ଅଭିଯୋଗ ପତ୍ର ରଖିବା ପରିବର୍ତ୍ତେ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗକାରୀ କହିଛନ୍ତି। ପରେ ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ଉକ୍ତ ମହିଳାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ ଦେଇଥିଲେ । ଯାହାକି ବର୍ତ୍ତମାନ ସହରରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଉକ୍ତ ମହିଳା ୪ବର୍ଷ ହେଲା ଏହି ଚିଟଫଣ୍ଡ କାରବାର କରୁଥିବା ବେଳେ ଗତକାଲି ରାତିରେ ଏହି ଅର୍ଥ ନେଇ ଫେରାର ହୋଇଥିବା ବେଳେ ନିଜର ଘର ବିକ୍ରି କରି ଉଭାନ ହୋଇଥିବା ଜଣାପଡିଛି । ଏ ନେଇ ଏସପିଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏସପି ହରିଶ ବିସିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ବିଜୟ କୁମାର ନନ୍ଦ ଉକ୍ତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଉକ୍ତ ମହିଳା ଲୋକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ସୁଧ ଦେବାକୁ କହି ଟଙ୍କା ଆଦାୟ କରିଥିବା ପି. ମୀନା କୁମାରୀ, ସୁଶ୍ରିଶ୍ରୀ ବାରିକ, ଲିଲି ଦାସ, ଶାନ୍ତି ବାରିକ, ସରୋଜିନୀ ସାହୁ , ଜି ଗୌରୀ, ରୁବିନା ମହାରଣା, ସ୍ମିତା ରାଉତ, ପି ଗୋରି ପ୍ରମୁଖ ଅଭିଯୋଗ କରିଛନ୍ତି । ଉକ୍ତ ମହିଳା ଫେରାର ହେବା ପରଠାରୁ ତୃପ୍ତି ରାଣୀ କର ତାଙ୍କ ସ୍ୱାମୀ ଶ୍ୟାମ ସୁନ୍ଦର କର ଓ ଆଦିତ୍ୟ କରଙ୍କ ମୋବାଇଲ ସୁଇଚ୍ ଅଫ ଥିଲା । ରାୟଗଡ଼ାରେ ରହୁଥିବା ସଂପୃକ୍ତ ମହିଳାଙ୍କ ଝିଅ ଜ୍ୱାଇଁଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରୁଛି । ଏ ନେଇ ଅତିରିକ୍ତ ଏସପି ଶ୍ରୀନନ୍ଦ କହିଛନ୍ତି ଯେ ପୋଲିସ ଏ ନେଇ ତଦନ୍ତ କରୁଛି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି ।

## ବାଇକ୍ ଚାଳକଙ୍କୁ ଚାପିଦେଲା ଟ୍ରକ୍, ଯୁବକ ମୃତ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ବ୍ଲକ ଅନ୍ତର୍ଗତ ଗଙ୍ଗଲା ଗ୍ରାମର ଧାନମଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ଚାଉଳମେଣ୍ଡି ଗ୍ରାମର ରାଜେଶ ମାଟାମଙ୍କ ପୁଅ ଦେବାଶିଷ ମାଟାମ(୨୨) ନିଜ ବାଇକ୍‌ରେ ଯାଉଥିବା ବେଳେ ଅପର ପଟରୁ ଆସୁଥିବା ଟ୍ରକ ସହ ଶକ୍ତ ଧକ୍କା ହୋଇଥିଲା । ବାଇକ୍‌ଟି ଟ୍ରକ ତଳେ ପଶିଯାଇଥିଲା । ଦେବାଶିଷ ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ମାଲକାନଗିରି ମେଡିକାଲ ସ୍ଥାନାନ୍ତର କରାଯାଇଥିଲେ ମଧ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଖବର ପାଇ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ସମ୍ବଲପୁରରେ ରାଜଲକ୍ଷ୍ମୀଙ୍କୁ ଭବ୍ୟ ସ୍ୱାଗତ

ସମ୍ବଲପୁର,(ସବ୍ୟୁ): ମିଶନ ମୋଦି -୨୦୨୪, ଦେଶ କା ବିକାଶ ମୋଦି ଜି କେ ପାସ୍‌ର ମନ୍ତ୍ର ନେଇ ରାଜଲକ୍ଷ୍ମୀ ମାଣ୍ଡା ଭାରତ ଭ୍ରମଣରେ ବାହାରିଥିବା ବେଳେ ସେ ସମ୍ବଲପୁରରେ ପହଞ୍ଚିଥିଲେ । ତାଙ୍କୁ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଶନିବାର ସକାଳେ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ସୂଚନାଯୋଗ୍ୟ, ମୋ ଭୋଟ ମୋଦିଜୀଙ୍କୁ ଆହ୍ୱାନ ନେଇ ରାଜଲକ୍ଷ୍ମୀ ତାମିଲନାଡୁରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଛନ୍ତି । ସେ ୧୫ଟି ରାଜ୍ୟ ଦେଇ ୨୧ହଜାର କିଲୋମିଟର ମାତ୍ର ୬୫ଦିନରେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଶ୍ୱିନୀ ମାଝୀ, ଶମ୍ଭୁ ବରେଲିଆ ପ୍ରମୁଖ ସାମିଲ ଥିଲେ ।

# ୬ରୁ ଯୁବା ମଞ୍ଚର ପ୍ରାନ୍ତୀୟ ଅଧିବେଶନ

ସମ୍ବଲପୁର,(ସବ୍ୟୁ): ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚର ତ୍ରୟୋଦଶ ଅଧିବେଶନ ଉତ୍କର୍ଷ ଆସନ୍ତା ମାସ ୬ ଓ ୭ ତାରିଖ ସମ୍ବଲପୁର ଠାରେ ଅନୁଷ୍ଠିତ ହେବ। ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଏକ ହୋଟେଲ ଠାରେ ଯୁବାମଞ୍ଚର ସମ୍ବଲପୁର ସ୍ଥିତ ସମସ୍ତ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବହୁ ବର୍ଷର ବ୍ୟବଧାନ ପରେ ସମ୍ବଲପୁର ଠାରେ ଏହି ଅଧିବେଶନ ହେବାକୁ ଯାଉଛି । ଏହି ଅଧିବେଶସନରେ ୧୦୦ରୁ ଊର୍ଦ୍ଧ୍ୱ ଶାଖାର ୫୦୦ରୁ ଅଧିକ ଅଂଶଗ୍ରହଣ କରିବେ। ଅଧିବେଶନରେ ଦେଶ ଏବଂ ସମାଜର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ପ୍ରତିଭା ସମ୍ମାନ, ପ୍ରତିଯୋଗିତା, ବାର୍ଷିକ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଯୁବାମଞ୍ଚର ପ୍ରଦେଶ ସଭାପତି ପରାଗ ଅଗ୍ରୱାଲ କହିଛନ୍ତି। ଏଥିରେ ଯୁବାମଞ୍ଚର ସମ୍ବଲପୁର, କ୍ଷେତରାଜପୁର, ନବଚେତନା, ଶକ୍ତି, ନବ ଯୁଗ ଓ ଉଦୟ ଷ୍ଟାର ଶାଖା ପକ୍ଷରୁ ଅଧିବେଶନକୁ ଭବ୍ୟ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଛି।

# ଗୋଁଣ୍ଡ ଭବନରେ ଆଦିବାସୀ ସମାଜର ସାଧାରଣ ସଭା




ବ୍ରଜରାଜନଗର,(ସବ୍ୟୁ): ଶୁକ୍ରବାର ସନ୍ଧ୍ୟାରେ ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭା ସଂଗଠନର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ କାପୁମାଲ ଗୋଁଣ୍ଡ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପ୍ରତି ଗରିବ ପରିବାରରୁ ସର୍ବନିମ୍ନ ଜଣକୁ ଚାକିରୀ, ଜଣକୁ ଗ୍ରାଜୁଏଟ ପର୍ଯ୍ୟନ୍ତ ଶିକ୍ଷା ଦାନ ଓ ଜମିହୀନ ପରିବାରକୁ ଜମି ଓ ଘରଡିହ ପଟ୍ଟା ଯୋଗାଇ ଦେବା ପାଇଁ ବୈପ୍ଳବିକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଝାରସୁଗୁଡା ଜିଲ୍ଲା ଖଣି ଖାଦାନ, ଶିଳ୍ପ କାରଖାନା ବହୁଳ ଜିଲ୍ଲା ଭାବରେ ପରିଗଣିତ । ରାଜ୍ୟ ତଥା ଦେଶର ସିଂହଭାଗ ରେଭେନ୍ୟୁ ଯୋଗାଇ ଆସୁଛି ହେଲେ ମଧ୍ୟ ୯୦ ରୁ ୯୫ ପ୍ରତିଶତ ଗରିବ, ଖଟିଖିଆ, ମୂଲିଆ ଆଦିବାସୀ ପରିବାର ମାନଙ୍କୁ ଗୋଟିଏ ହେଲେ ଚାକିରୀ ଯୋଗାଇ ଦିଆଯାଉନାହିଁ । ବାହାର ରାଜ୍ୟର ବ୍ୟକ୍ତି ବିଶେଷଙ୍କୁ ଅନୈତିକ ଭାବରେ ଚାକିରୀ ଦିଆଯାଉଛି । ଜିଲ୍ଲାର ଜଙ୍ଗଲ ସଂପୂର୍ଣ୍ଣ ଲୋପ ପାଇବାକୁ ଯାଉଛି, କିଛି ଦିନ ଆଗରୁ ସରକାର ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବା ପାଇଁ ପ୍ରତି ତହସିଲଦାର ମାନଙ୍କୁ କୋଅର୍ଡିନେଟର ଭାବରେ ନିଯୁକ୍ତି ଦେଇଥିଲେ । ସେଥିପାଇଁ ରାଜ୍ୟର ଆଦିବାସୀ ଓ ଅର୍ଥ ବିଭାଗ ମଞ୍ଜୁରୀ ଦେଇଥିଲା । କିନ୍ତୁ ଝାରସୁଗୁଡା ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ତାର ଫଳାଫଳ ମିଳି ନାହିଁ । ଅନ୍ୟ ଦିଗରେ ଯାହା ଜଣାପଡୁଛି ଜିଲ୍ଲାର ବହୁ ଜମି ଅନିୟମିତ ଭାବରେ ଦଲାଲ ମାଧମରେ ଛୋଟ ବଡ଼ କଂପାନୀ ମାନେ କିଣିବା ଦ୍ୱାରା ଆଦିବାସୀ ଦଳିତ ପରିବାର ଜମିହୀନ ହୋଇ ସାରିଛନ୍ତି । ରାଜନୈତିକ କ୍ଷେତ୍ରରେ ଏଠାକାର ଲକ୍ଷାଧିକ ଆଦିବାସୀ ଭୋଟରଙ୍କୁ ଭାଗ ଭାଗ କରି ବିଭିନ୍ନ ଦଳ ପ୍ରଲୋଭିତ କରୁଛନ୍ତି ।ଏହାକୁ ଦୃଷ୍ଟିରେ ରଖି ସମ୍ମିଳିତ ଆଦିବାସୀ ସମାଜ ଦୀର୍ଘଦିନ ହେଲା ଗରିବ, ଖଟିଖିଆ, ମୂଲିଆ ମାନଙ୍କର ଆର୍ଥିକ, ଶିକ୍ଷା, ସାମାଜିକ ଓ ରାଜନୈତିକ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଛି । ଆଗାମୀ ଦିନରେ ଝାରସୁଗୁଡା ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଏଗାରଟି ଆଦିବାସୀ ସମାଜକୁ ନେଇ ଗଠିତ ହେବ ଆଦିବାସୀ ଶକ୍ତି ପିଠ ସେବା ଟ୍ରଷ୍ଟ । ଏହି ଟ୍ରଷ୍ଟ ଗଠିତ ହେଲେ ସମ୍ମିଳିତ ଆଦିବାସୀ ସମାଜ ପ୍ରତି ଗରିବ ପରିବାରରୁ ସର୍ବନିମ୍ନ ଜଣକୁ ଚାକିରୀ, ଜଣକୁ ଗ୍ରାଜୁଏଟ ପର୍ଯ୍ୟନ୍ତ ଶିକ୍ଷା ଦାନ ଓ ଜମିହୀନ ପରିବାରକୁ ଜମି ଓ ଘରଡିହ ପଟ୍ଟା ଯୋଗାଇ ଦେବା ପାଇଁ ବୈପ୍ଳବିକ ପଦକ୍ଷେପ ନେଇ ସରକାରଙ୍କର ବିଭିନ୍ନ କ୍ଷମତା ସମ୍ପର୍ଣ୍ଣ କମିଟି ଆଗରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ସଭାରେ ପ୍ରମୁଖ ସଚିବ ଅଶୋକ କୁମାର ମାଝୀ, ,ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ତଥା ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ମହେନ୍ଦ୍ର ନାଏକ, ସଭାପତି ଡମ୍ବରୁଧର ନାଏକ, ଶ୍ୟାମଲାଲ୍ ନାଏକ, ପ୍ରେମସାଗର ଧୁରୁଆ, ବିନୋଦ ବିହାରୀ ବାଗ, ରାଜେଶ ନେଟି, ତ୍ରିଲୋଚନ ଡନସନା, ବାସୁଦେବ ଧୁରୁଆ , ନଳିନ ନାଏକ, ତପନ କାଲୋ, ଧର୍ମେନ୍ଦ୍ର କିଷାନ, ମୁରଲୀଧର ଭୋଇ, ବୀରେନ୍ ମରେଇ, ପୁରୁଷୋତ୍ତମ ନେଟି, ରାଜେଶ ମୁଣ୍ଡା, ଲଳିନ୍ଦ୍ର ଓରାମ, ବିନୋଦ ମୁଣ୍ଡା, ଆଶାରାମ ମୁଣ୍ଡା ଦିଲୀପ ଲୁହା, ବିରେନ୍ଦ୍ର କିଷାନ, ନିର୍ମଳ ଦାଉ ପ୍ରମୁଖ ଉପସ୍ଥିତ ଥିଲେ ।

# ‘ଖସୁ ଖୁଜୁରୀ’ ନାଟକର ଅଭିନୟ ଥିଲା ଚିତ୍ତାକର୍ଷକ




ଝାରସୁଗୁଡା,(ସବ୍ୟୁ):ସ୍ଥାନୀୟ ବୁରୋମାଲ ବୁଡାପଡା ସ୍ଥିତ ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟ ଇକୋ କ୍ଳବ ପକ୍ଷରୁ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଅନ୍ତର୍ଗତ ସେଣ୍ଟର ଫର ଏନଭାରମେଣ୍ଟାଲ ଷ୍ଟଡ଼ିଜ ଭୁବନେଶ୍ୱରର ସହଯୋଗରେ ଝଡ଼େଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟର ପେକ୍ଷାଳୟରେ ଆଦ୍ରଭୂମି ସଂରକ୍ଷଣ ଉପରେ ଚଳିତ ବର୍ଷର ବାର୍ଷିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀ ନାରାୟଣ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଇକୋ କ୍ଲବ ଝାରସୁଗୁଡାର ସଂଯୋଜକ ପ୍ରହଲ୍ଲାଦ ନାଏକ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ, ଇଂ ଅରବିନ୍ଦ ବାରିକ୍, ଲେଖିକା ପ୍ରଣତି ପଟ୍ଟନାୟକ ଅତିଥି ଯୋଗ ଦେଇଥିଲେ । ସ୍କୁଲ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭା ପରିଚାଳନା କରିଥିଲେ । ଏଥିରେ ସ୍କୁଲ ପକ୍ଷରୁ କ୍ଷୁଦ୍ର ସମ୍ବଲପୁରୀ ପଥ ପ୍ରାନ୍ତ ନାଟକ ‘ଖସୁ ଖୁଜୁରି ’ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ମାନସିକ ଅନଗ୍ରସର ଓ ଦୃଷ୍ଟି ବାଧିତ ପିଲାଙ୍କ ନିଖୁଣ ଅଭିନୟ ରେ ଅତିଥି ମାନେ ଭୂରୀ ପ୍ରଶଂସା କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆଦ୍ରଭୂମି ସଂରକ୍ଷଣ ଉପରେ ହୋଇଥିବା ଅନ୍ତସ୍କୁଲ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ସୃତି ଫଳକ ଦେବାସହ ଗାଇଡ଼ ଶିକ୍ଷକ ଶିକ୍ଷିକା ମାନଙ୍କୁ ପ୍ରମାଣ ପତ୍ର ଦିଆ ଯାଇ ଥିଲା । କାର୍ଯ୍ୟକ୍ରମକୁ ଅଧକ୍ଷା ନମିତା ନାଥ ପରିଚାଳନା କରିଥିବା ବେଳେ ଦିବ୍ୟାଙ୍ଗଜନ କମିଟିର ସଭ୍ୟ ତାପସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅତିଥି ମାନଙ୍କୁ ଉପୋକନ,ସ୍ମୃତି ଫଳକ ଓ ଫୁଲଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୃଷ୍ଟି ବାଧିତ ଛାତ୍ରୀ ମାନଙ୍କ ସହ ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ।

# ଡର

## ସୁଦର୍ଶନ ମହାପାତ୍ର

ଗଳ୍ପ

ଆଜି ରବିବାର । ରମେଶଙ୍କର ସକାଳୁ ପିତ୍ତ ଚଢ଼ିଥିଲା । ଏମିତି ଟିକିଏ ଟିକିଏ କଥାରେ ସେ ରାଗନ୍ତି । ସ୍ୱାମୀଙ୍କର ଏଇ ପ୍ରକାରର ରାଗ ବିଷୟରେ ରିମାକୁ ବାହାଘରର ଅଳ୍ପ ଦିନ ଭିତରେ ଜ୍ଞାତ ହୋଇ ଯାଇଥିଲା । ଛୋଟ ଛୋଟ ଘଟଣାକୁ ନେଇ ସେ ଖୁବ୍ ଚିଲ୍ଲାଚିଲ୍ଲି କରନ୍ତି । ରିମା ଡରିଯାଏ । ନୂଆ ନୂଆ ରିମା ଏସବୁ ଘଟଣାରେ ବ୍ୟତିବ୍ୟସ୍ତ ହୋଇ ପଡୁଥିଲାଛ ବାହାଘର ପୂର୍ବରୁ ଦେଖୁଥିବା ସ୍ୱପ୍ନ ସବୁ ଏମିତି ଝଡି ପଡିବ ବୋଲି ସେ କଳ୍ପନା ହିଁ କରି ନଥିଲାଛ ରାକେଶ ଭଲ ପିଲା ବୋଲି ବାପା କେତେ କୁଆଡୁ ବୁଝି ତାଙ୍କୁ ଏକମାତ୍ର ଗେହ୍ଲା ଝିଅର ଉପଯୁକ୍ତ ପାତ୍ର ରୂପେ ବାଛିଥିଲେଛ ହେଲେ ଏ ତ' ପ୍ରତି କଥାରେ ସେଇ ସରଳମନା ବ୍ୟକ୍ତିଙ୍କୁ ହିଁ ତାଚ୍ଛଲ୍ୟ କରୁଥିଲେଛ ପ୍ରତିଟି ପ୍ରସଙ୍ଗରେ ବାପା ମା' ତାଙ୍କ ଭର୍ତ୍ସନା ପରିସରକୁ ଆସି ଯାଉଥିଲେ । ବେଳେ ବେଳେ ରିମା ମନକୁ ଆସେ ରମେଶଙ୍କୁ ଛାଡପତ୍ର ଦେଇଦେବ...,ବାପାଙ୍କ ପାଖକୁ ଫେରିଯିବ...କିମ୍ବା ଆତ୍ମହତ୍ୟା କରିଦେବ... । ହେଲେ ବାପାଙ୍କୁ ଆଉ ଦୁଃଖରେ ଜର୍ଜରିତ କରିବାକୁ ଚାହୁଁ ନଥିଲା ଜମା । ଏମିତି ତ ମାଆର ଅବର୍ତ୍ତମାନରେ ବାପା ଏକ ନିରାଶା ଜୀବନ ବିତାଇ ଚାଲିଥିଲେ । ବାପାଙ୍କ ପରି ସେ ମଧ୍ୟ ମୁଖାଟିଏ ପିନ୍ଧି ଖୁବ୍ ଖୁସିରେ ଅଛି ବୋଲି ଅଭିନୟ କରି ଚାଲିଥିଲା । ବାହାଘର ହେବାର ବାର ବର୍ଷ ବିତିଗଲାଣି ଯା ଭିତରେ । ରିମା ସବୁକଥା ଚିନ୍ତା କରି ପ୍ରତ୍ୟେକ ଘଟଣାକୁ ପଛକରି ଆଗକୁ ବଢିବାକୁ ଚିନ୍ତା କରିଛି । ପିଲା ଦୁହେଁ ବଡ଼ ହୋଇ ଗଲେଣି । ସବୁ କିଛି ବୁଝିବା ବୟସରେ ପହଞ୍ଚି ସାରିଲେଣି ସେମାନେ । ହେଲେ ରମେଶ ହିଁ ସେମିତି ରହି ଯାଇଛନ୍ତି । ପିଲା ଦୁହିଁଙ୍କ ଆଗରେ କେତେ କ'ଣ ବକି ଯାଆନ୍ତି ଯେ, ପାଟିରେ ଯେମିତି ବାଡ ବତା ନଥାଏ ।

ବାପା ପାଟିକଲେ ଝିଅ ଯେମିତି ରିମା ସାମ୍ନାରେ ହଠାତ୍ ମାଚ୍ୟୁଅରଡ ହୋଇଯାଏ । ଝିଅରୁ ମାଆ ପାଲଟିଯାଏ । ଚୁପିଚୁପି ଆସି ବୁଝାଏ । ବାପାଙ୍କ କଥାକୁ ନଧରିବାକୁ କହେ । ଟିକିଏ ପରେ ବାପା ଶାନ୍ତ ହୋଇଯିବେ ବୋଲି ସାନ୍ତ୍ୱନା ଦିଏ । ଏତିକି ବେଳକୁ ରିମା ପରଲୋକରେ ଥିବା ମାଆ କଥା ମନେ ପକାଏ । ଆପେ ଆପେ ଆଖିରେ ଲୁହ ଜକେଇ ଆସେ । ମାମା ଆଖିରୁ ବହି ଆସୁଥିବା ଲୁହକୁ ଝିଅ, ତା'ର କୁନି କୁନି ଆଙ୍ଗୁଳିରେ ପୋଛିବାକୁ ଚେଷ୍ଟା କରେ । ଛୋଟ ପୁଅ କିନ୍ତୁ ମାମା ପାଖକୁ ଆସି ଖାଲି ଖୁଲୁଖୁଲୁ ହୋଇ ଚାହେଁ । କେତେବେଳେ କେମିତି ନିଜକୁ ସମ୍ଭାଳି ନପାରି ଭେଁ ରଡ଼ି କରେ । ତା' କାନ୍ଦ ଶୁଣିଲେ ରମେଶ ଆହୁରି ରାଗି ଯାଆନ୍ତି । ପେଖନା କାଢୁଛି କହି ରିମାକୁ ଆହୁରି ଗାଳି କରନ୍ତି । ଏସବୁ ଏବେ ଆଉ ନାହିଁ । କାରଣ ରିମା ଆଉ ରମେଶଙ୍କ କଥାରେ ଆଗଭଳି ମନଦୁଃଖ କରେନା । ଇହଲୋକରେ ନଥିବା ମାଆକୁ ଯାହି ତାହି କହିଲେ କିମ୍ବା ଏକା ଏକା ଜୀବନ ଜୀଉଁଥିବା ଅସହାୟ ବାପାଙ୍କୁ କିଛି କହିଲେ ରିମାକୁ ଖୁବ୍ ଦୁଃଖ ଦିଏ । ସେ କେତେବେଳେ କେମିତି ଓଲଟି ଦୁଇ ପଦ ଶୁଣାଇଦିଏ । ଅବଶ୍ୟ ପରେ ପୁଣି ନିଜ ତରଫରୁ ରମେଶଙ୍କୁ ଭୁଲ ମାଗେ ଏବଂ ମନେଇବାକୁ ଚେଷ୍ଟା କରେ...!

ରମେଶ ହଠାତ୍ ଜବ୍ କରୁଥିବା ସଫ୍ଟୱେର କମ୍ପାନୀରୁ ଛଟେଇ ହୋଇଗଲେ ଏବଂ ନିଜେ ରିମାକୁ ସ୍କୁଲରେ ଜବ୍ ପାଇଁ ଆପ୍ଲାଇ କରିବାକୁ ପ୍ରବର୍ତ୍ତାଇ ଥିଲେ । ଉପଯୁକ୍ତ ଯୋଗ୍ୟତା ହାସଲ କରିଥିବା ରିମା ବାଙ୍ଗାଲୋରରେ ଗୋଟିଏ ପ୍ରାଇଭେଟ୍ ସ୍କୁଲରେ ଜବ୍‌ଟିଏ ମଧ୍ୟ ପାଇଗଲା । ଘରର ସବୁ କାମ କରି ସ୍କୁଲ ଯିବାକୁ ପ୍ରସ୍ତୁତ ହେବାବେଳେ ରମେଶ ବି କିଛି କିଛି କାମରେ ରିମାକୁ ସାହାଯ୍ୟ ସହଯୋଗ କଲେ ସେହି ସମୟରେ । ପ୍ରାୟ ଚାରି ପାଞ୍ଚ ମାସ ପରେ ରମେଶ ପୁଣି ଗୋଟିଏ କମ୍ପାନୀରେ ଜବ୍ ପାଇଗଲେ । ହେଲେ ରିମାକୁ ତା ଚାକିରିରେ ରହିବାକୁ ପସନ୍ଦ କଲେ ରାକେଶ । ହୁଏତ ସେ ନିଜ ଜବ୍‌ର ଅନିଶ୍ଚିତତା ଦିଗକୁ ଆଖି ଆଗରେ ରଖି ଏ ପ୍ରକାର ଡିସିସନ ନେଇଥିଲେ । ରିମା ବି ତା' ଜବ୍ ନେଇ ଖୁସି ଥିଲା । ପିଲା ଦୁହିଁଙ୍କୁ ସେଇ ସ୍କୁଲରେ ଆଡ଼ମିଶନ ମିଳି ଯାଇଥିଲା ମଧ୍ୟ ।

ସ୍କୁଲରେ ପରୀକ୍ଷା ଶେଷ ହୋଇଥିଲା । ପ୍ରାୟ ଦୁଇଶହ ଭଳି ପିଲାଙ୍କର ଖାତା ଦେଖିବାକୁ ହେବ । ଖାତା ଦେଖା ଶୀଘ୍ର ଶେଷ କରିବା ପାଇଁ ରିମାକୁ ଚେତେଇ ଦେଇ ସାରିଥିଲେ ପ୍ରିନ୍ସିପାଲ ମାମ୍ । ସବୁକଥା ଗତ ରାତିରେ ରମେଶଙ୍କୁ କହି ସାରିଥିଲା । ଆଜି ରବିବାର ଥିବାରୁ ଭୋରରୁ ଉଠିପଡ଼ି କିଛି ଖାତା ଚେକ୍ କରିବ ବୋଲି ରିମା ବସି ପଡ଼ିଥିଲା ।

ଏମିତି ରବିବାର ଦିନ ଟିକିଏ ଡେରିରେ ଉଠନ୍ତି ପିଲା ଦୁହେଁ ଏବଂ ରମେଶ । ରିମା ଏ ସୁଯୋଗକୁ ସଦୁପଯୋଗ କରିବାକୁ ମନସ୍ଥ କରିଥିଲା । ହେଲେ ରମେଶ କାହିଁକି କେଜାଣି ଶୀଘ୍ର ବିଛଣା ଛାଡିଲେ । ଚେକ କରୁଥିବା ଖାତା ମାର୍କିଂ ସାରି ଚା' ତିଆରି କରିବାକୁ ଭାବିଲା ରିମା । ହେଲେ ଏଇ ସମୟ ଭିତରେ ରମେଶ ସସପେନ୍‌ରେ ଚା' ବସେଇ ଦେଇଥିଲେ । ରିମା ମନେ ମନେ ଖୁସି ହୋଇଗଲା । କେତୋଟି ଖାତା ଦେଖି ସାରି ତା'ର ବି ମୁଣ୍ଡ ବିନ୍ଧା ହେଉଥିଲା । ଚା' ଟିକେ ପିଇଦେଲେ ଆରାମ ଲାଗିବ ନିଶ୍ଚୟ !

ହେଲେ ତା' ଆଶା ଆଶାରେ ରହିଗଲା । ରମେଶ ସେପଟେ ନିଜେ ଚା' ପିଇଦେଇ କେଉଁଆଡେ ବାହାରିଗଲେ ବୋଲି ଜାଣିଲା ରିମା । ଖାତାଟା ଦେଖିସାରି କିଚେନ ଯାଇ ଦେଖେ ତ ଚା' ସସପେନ୍ ଖାଲି ପଡ଼ିଛି । ବାଧ୍ୟ ହୋଇ ନିଜ ପାଇଁ କପେ ଚା' ବସେଇଲା । ସକାଳର ଘର କାମ ସାରି ଜଳଖିଆ ତିଆରି କରି ସାରିବା ବେଳକୁ ଫେରିଲେ ରମେଶ । ମାଛ କିମ୍ବା ଚିକେନ ପାଇଁ ଯାଇଥିଲେ ବୋଲି ବୁଝିଲା ସେ ।

– ମୋ ମୁଣ୍ଡ ବିନ୍ଧା ହେଉଥିଲା । ଭାବିଥିଲି ତୁମ ହାତର ଚା' ଆଜି ଟିକିଏ ପିଇବାକୁ ମିଳିବ ବୋଲି...! ହସିହସି ରମେଶଙ୍କୁ କହିଲା ରିମା ।

ଏତିକି କଥାରେ ଯେମିତି ଫାଟି ପଡ଼ିଲେ ରମେଶ । ଆରମ୍ଭ ହୋଇଗଲା ଗାଳି ଫଜିତ୍‌ର ମହାପୁରାଣ । ପିଲା ଦୁହେଁ ଉଠି ନିତ୍ୟକର୍ମ ସାରିଥିଲେ । ପିଲାମାନେ ଆଉ ଆଗଭଳି ଆଜିକାଲି ଏସବୁ କଥାରେ ରିଆକ୍ଟ କରୁ ନଥିଲେ । ପୁଅ ଆସି ତା' ପସନ୍ଦର ବ୍ରେଡ ଜାମ୍ ମାଗିଲା ରିମାକୁ । ଝିଅ ସବୁଦିନ ଝଗଡା ଆରମ୍ଭ ହେଲେ ଯେମିତି ଚୁପଚାପ ଥାଏ ଆଜି ବି ସେମିତି । ତା' ପଢା ଟେବୁଲ୍ ପାଖରେ ନେଇ ଜଳଖିଆ ଦେଲା ରିମା । ମୁହଁ ତଳକୁ ପୋତି ସେମିତି ଖାଇବା ଆରମ୍ଭ କଲା ସେ । ରିମା ଠିକ୍ ବୁଝି ପାରୁଥିଲା ଝିଅର ଅବ୍ୟକ୍ତ ଆବେଗକୁ...ଭାବନାକୁ...!

ରମେଶଙ୍କୁ ଜଳଖିଆ କରିବାକୁ ଡାକି ଡାକି ରିମା ଥକିଗଲା ପଛେ ସେ ସେମିତି ବସି ରହିଲେ। । ସେ ଖାଇଲେ ସିନା ରିମା କିଛି ଖାଇ ବିପି ମେଡିସିନ ଖାଇବ ?

ରିମାର ଭୂଲ କେଉଁଠି ? କାମବାଲି ରଖା ହେବନି । ଘର ଗୋଟାକ କାମ ତା'ର, ତା ସହ ପୁଣି ସ୍କୁଲ କାମ ! ସବୁକିଛି ଠିକ୍ ସମୟରେ କରିବା ମୁସ୍କିଲ ନୁହେଁ କି ?

– ଏଗାରଟା ବାଜିଲାଣି । ବଜାରରେ କିଛି ଖାଇଦେଇ ଆସିଛ ଯଦି କୁହ । ମୋତେ ଖୁବ୍ ଜୋର୍ ଭୋକ ଲାଗିଲାଣି । ଜଳଖିଆ ଦୁଇ ପ୍ଲେଟ ସଜାଡିଲା ଭିତରେ ରାକେଶଙ୍କ ଉଦ୍ଦେଶ୍ୟରେ ଆପାତତଃ ଟିକିଏ ଚଢା ଗଳାରେ କହିଲା ରିମା ।

ଶେଷରେ ରିମା ଉପରେ ବର୍ଷି ପଡିଲେ ରମେଶ ।

– ଯା ତୋ ବୋପା ମାଆ ପାଖକୁ । ସେଇଠି ବସି ବସି ଆରାମରେ ଖାଇବୁ । ଦେ ତୋ ବୋପାର ମୋବାଇଲ ନମ୍ବର । ଏବେ କଲ କରୁଛି । ଆସି ନେଇକି ଯାଆନ୍ତୁ ।

– ହଁ ମୁଁ ଯିବି । ଅଲବତ ଯିବି । ବ୍ୟସ୍ତ ହୁଅନା । ବାପା ଆସି ମୋତେ ନବା ଦରକାର ନାହିଁ । ଆଉ ସ୍ୱର୍ଗରେ ଥିବା ମାଆ ପାଖକୁ ଏତେ ଶୀଘ୍ର ଯାଉନି ମୁଁ । ଛୁଆ ଦି'ଟାଙ୍କୁ ତୁମ ଭଳି ଖବିସା ଲୋକଙ୍କ ପାଖରେ ଛାଡି ଯିବିନି ଜମା । ତୁମ ସହ ହିସାବ ନିକାଶ ବରାବର କରି ଛୁଆଙ୍କୁ ଏଠୁ ନେଇଯିବି । ଛୁଆଙ୍କୁ ପାଳିବାକୁ ଯଥେଷ୍ଟ ସାଧ ଅଛି ମୋର । ନିଜର ଲୁଗାପଟା ସଜାଡିବା ଭିତରେ କହିଲା ରିମା ।

ଚେୟାରଟିଏ ଘୋଷାଡି ଆଣି ତା' ଉପରେ ଚଢ଼ିଗଲା ରିମା । ପାରାପେଟ ଉପରୁ ସେ ସୁଟକେଶ କାଢ଼ିବା ଦେଖି ଧାଇଁ ଆସିଲେ ରମେଶ ।

– ମୁଁ ଚେୟାର ଧରିଛି । ଆସ୍ତେ ଓହ୍ଲାଇ ଆସ କହୁଛି । ଜମା ନାଟକ କରନା । ନହେଲେ କିଛି ଭଲ ହେବନି । ତଳକୁ ଓହ୍ଲାଇବାରେ ସାହାଯ୍ୟ କରିବାକୁ ରମେଶ ସେତେବେଳକୁ ନିଜର ଗୋଟିଏ ହାତ ରିମା ଆଡକୁ ବଢେଇ ସାରିଥିଲେ ।

ରମେଶଙ୍କ ଆଖିରେ ସେତେବେଳକୁ ଡର ଦୃଶ୍ୟମାନ ହେଉଥିଲା । ରିମା ଠିକ୍ ବୁଝିପାରିଲା ରମେଶଙ୍କ ଭାବାବେଗକୁ । ଏଇ ଟିକିଏ ଆଗରୁ ଶାଣଦିଆ ବୋଲି ପ୍ରତୀୟମାନ ହେଉଥିବା ମୁହଁଟି ଯେମିତି ଭୟରେ ସାଙ୍କୁଡି ଯାଇଥିଲା । ରିମା ମନେ ମନେ ହସୁଥିଲା । 'ଡରକୁ ଡରେଇବା କେବେ ଶିଖିଗଲି..?' ରିମା ନିଜକୁ ନିଜେ ପଚାରିଲା ।

କୁଞ୍ଜବିହାରୀ ଲେନ, କଟକ
ମୋ– ୯୪୩୮୧୭୫୫୪୨

# ପଲ୍ଲୀକବି ନନ୍ଦକିଶୋର

## ବାଦଲ ଭୂୟାଁ

ପଲ୍ଲୀକବିଙ୍କ କବିତାରେ ଅଛି ପଲ୍ଲୀ ପ୍ରାଣତା । ନନ୍ଦକିଶୋର ହିଁ ପ୍ରଥମେ ପଲ୍ଲୀ ଜୀବନକୁ ତାଙ୍କ ସାରସ୍ୱତ ସୃଷ୍ଟିର ମୁଖ୍ୟ ଉପଜୀବ୍ୟ ଭାବେ ଗ୍ରହଣ କରିଥିଲେ । ତାଙ୍କ କବିତାଗୁଡ଼ିକର ମୂଲ୍ୟାୟନ କରି ବ୍ୟାସ କବି ଫକୀରମୋହନ ଲେଖିଥିଲେ 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା କେହି କେବେ କହିନାହିଁ ଏ ପ୍ରକାର କଥା ।' ଫକୀରମୋହନଙ୍କ ସହ ତାଙ୍କର ବ୍ୟକ୍ତିଗତ ସ୍ତରର ବନ୍ଧୁତା ଥିଲା ।

ବାଲେଶ୍ୱରରେ ନନ୍ଦକିଶୋର ଚାକିରି କରୁଥିବାବେଳେ ଫକୀରମୋହନ କର୍ମମୟ ଜୀବନରୁ ଅବସର ନେଇ, ସେଠାରେ ବାସ କରୁଥିଲେ । ଦୁହେଁ ଏକତ୍ର ସାହିତ୍ୟ ଆଲୋଚନାକୁ ଅଧିକ ସମୟ ଦେଉଥିଲେ । ନନ୍ଦକିଶୋର ବର୍ଣ୍ଣିତ ଏକ ବାସ୍ତବ ଘଟନା ଉପରେ ଫକୀରମୋହନ ରଚନା କରିଥିଲେ ମାମୁଁ । ନନ୍ଦକିଶୋରଙ୍କ ମୂଳ ନାମ ରସାନନ୍ଦ ଜେନା । ପୋଷ୍ୟପୁତ୍ର ହେବା ପରେ ନନ୍ଦକିଶୋର ବଳ ଭାବେ ପରିଚିତ ହୋଇଥିଲେ ।

ତାଙ୍କର ବିଦ୍ୟାଳୟ ଛାତ୍ର ଜୀବନ କଟକ ଓ କେନ୍ଦ୍ରାପଡ଼ାରେ କଟିଥିଲା । ଏକାଧିକ ସ୍କୁଲରେ ପଢ଼ିବା ପରେ ସେ ରେଭେନ୍‌ସା ମହାବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ । ଏହି ସମୟରେ ସେ ସାହିତ୍ୟ ସୃଷ୍ଟି ପାଇଁ ଆଗ୍ରହୀ ହୋଇଥିଲେ । ସେତେବେଳେ ସାହିତ୍ୟ ଚର୍ଚ୍ଚା ନିମନ୍ତେ କଟକ ଆଲୋଚନା ସଭା ନାମକ ଅନୁଷ୍ଠାନଟିଏ ସକ୍ରିୟ ଥାଏ ।

ଏହି ଅନୁଷ୍ଠାନ ସହ ସଂପୃକ୍ତ ହେବା ପରେ ନନ୍ଦକିଶୋରଙ୍କ ସାରସ୍ୱତ ଜୀବନ ପରିପୁଷ୍ଟ ହୋଇଥିଲା। ଏଠାରେ ହିଁ ସେ କବି ବର ରାଧାନାଥ, ଭକ୍ତକବି ମଧୁସୂଦନ ଆଦିଙ୍କ ସଂସ୍ପର୍ଶରେ ଆସିଥିଲେ। ୧୮୯୮ରେ ପ୍ରକାଶିତ ପଲ୍ଲୀଚିତ୍ର ତାଙ୍କର ପ୍ରଥମ କାବ୍ୟ ଗ୍ରନ୍ଥ । ତାହାପରେ ପ୍ରକାଶିତ ହୋଇଥିଲା ନିର୍ଝରିଣୀ, ପଲ୍ଲୀଚିତ୍ର–୨, ବସନ୍ତ କୋକିଳ, ଚାରୁଚିତ୍ର, ତରଙ୍ଗିଣୀ, ଜନ୍ମଭୂମି, ଆଦି । ଓଡ଼ିଆ ସାହିତ୍ୟକୁ ନନ୍ଦକିଶୋରଙ୍କର ଆଉ ଏକ ପ୍ରମୁଖ ଅବଦାନ ହେଉଛି ଶିଶୁ କବିତା ।

ନାନାବାୟାଗୀତର ପ୍ରଥମ ଓ ଦ୍ୱିତୀୟ ଭାଗରେ ତାଙ୍କର ଶିଶୁ କବିତାଗୁଡ଼ିକ ସଂକଳିତ । ୧୯୨୫ରେ ପ୍ରକାଶ ପାଇଥିଲା, ତାଙ୍କ ଲିଖିତ ଏକମାତ୍ର ଉପନ୍ୟାସ କନକଲତା । ୧୮୭୫ ଡିସେମ୍ବରରେ ମାହାଙ୍ଗା ଅନ୍ତର୍ଗତ କୁସୁପୁର ଗ୍ରାମରେ ଜନ୍ମ ହୋଇଥିଲେ ପଲ୍ଲୀକବି ନନ୍ଦକିଶୋର।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,ମୋ–୭୪୮୮୯୯୮୫୩୨

# ଲୋକ କାହାଣୀରେ ଲୋକଚିତ୍ର–୨

## ଡକ୍ଟର ଲକ୍ଷ୍ମଣ ସାହୁ

ଲୋକକାହାଣୀର ମହିମା ଓ ମହତ୍ତ୍ୱ ଉପଦେଶାତ୍ମକ, ନୀତିଶିକ୍ଷାମୂଳକ । ହେଲେ କାହାଣୀଟି ବ୍ୟଙ୍ଗ ଓ ହାସ୍ୟରସାତ୍ମକ, ଶବ୍ଦଚାତୁର୍ଯ୍ୟ ଦ୍ୱାରା ଔତ୍ସୁକ୍ୟ ସୃଷ୍ଟି ଓ ତା'ର ସମାଧାନ ବେଶ୍ ତଥ୍ୟ ମୂଳକ ଓ ହୃଦୟଛୁଆଁ । କଥାରେ ଛଟା, ନେଇ ଆଣି ଥୋଇଲେ ଚୋରି ବିଦ୍ୟା ଭଲ, ତିନି ତୁଣ୍ଡରେ ଛେଳି କୁକୁର, ପତର ମୂଷୀ, ବୁଢ଼ା ଚୁଙ୍ଗୁଡି, ହୋ କୁମ୍ଭାର ପିଲା, ବ୍ରହ୍ମରାକ୍ଷସ – ବାବନାଭୁତ, ମାଲୁଣୀ କଥା, ତଅପୋଇ , ସଧବା ବୁଢା, ଚାରି ସଙ୍ଗାତ, ଦରିଦ୍ର ଲୋଭୀ ବାହ୍ମଣ, ଅଜଗର ,କଞ୍ଚନବତୀ କାହାଣୀର ଅସରନ୍ତି ପେଡ଼ି । ଏସବୁ କାହାଣୀ ଲୋକ ସମାଜର ଜୀବନ୍ତ କଳାକୁ ଅନୁଭବ କରି ହୁଏ । ସମଗ୍ର ଜଗତ ତା'ର ଆଧାର । କାହାଣୀର ସଂସାର ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତା'ର ବିଚରଣ । ସେ ଦେବ– ଦାନବ , ନର–ନାଗ, ଗନ୍ଧର୍ବ କିନ୍ନର, ଅପସରା, ପଶୁପକ୍ଷୀ , ବୃକ୍ଷ ଲତା କଥା କହିପାରନ୍ତି । ନିର୍ଦ୍ଧନକୁ ଧନ, ମୃତ୍ୟୁକୁ ଜୀବନ ଅପୁତ୍ରିକକୁ ପୁତ୍ର, କନ୍ୟା ଦେଇ ନିଜ ନିଜର ପାରିଲା ପଣର କର୍ତ୍ତବ୍ୟ ନିଭାନ୍ତି ।

ଏପରିକି ଦେବତାମାନେ ମର୍ତ୍ତ୍ୟରେ ମଣିଷ ସହିତ ସଂପର୍କ ରଖି ଅଭିଶାପ ମୁକ୍ତ ଲଭନ୍ତି । ଆଶ୍ଚର୍ଯ୍ୟ, ଆଚମ୍ଭିତ ଲାଗେ ସିଂହ, ବାଘ ଭାଲୁ, ଘୋଡ଼ା, ମୂଷା , ଠେକୁଆ , ବେଙ୍ଗ, ମାଛ, ନେଉଳ, କୁମ୍ଭୀର, ମାଙ୍କଡ଼, ଛଚାଣ, ଶାର୍ଗୁଣା, , ଶୁଆ, କାଉ, ବିଲୁଆ, ପାରା ଆଦି କାହାଣୀର ଚରିତ୍ର ମଣିଷ ପରି କଥା ହୁଅନ୍ତି, ସାହାଯ୍ୟ କରନ୍ତି, ସୁନା କଳସ ଢାଳନ୍ତି ମନୁଷ୍ୟ ସଂସାରରେ ପତିପତ୍ନୀ ପରି ଲୀଳା ଖେଳା କରନ୍ତି ।

ଉଦ୍ଭଟ ଚିନ୍ତା, କଳ୍ପନାର ପୁଟ , ଅତିରଞ୍ଜନ , ଅଲୌକିକ କଥା, ଭରପୁର ଆନନ୍ଦ, ଉଲ୍ଲାସ ଲୋକ କାହାଣୀରେ ବେଶ୍ ପରିପୂର୍ଣ୍ଣ । ମନପବନ କଠଉ , ମ୍ୟାଜିକ ଦର୍ପଣ, ମ୍ୟାଜିକ ପେଣ୍ଟୁ, ଉଡନ୍ତା ଧାଳିଆ , ସାତ ସମୁଦ୍ର , ଫରୁଆ ଭିତରେ ବୁଢ଼ୀ ଅସୁରୁଣୀର ଜୀବନ, କଥକର କଳ୍ପନା, କଥନର କୌଶଳ ଭିତରେ କଥାରମ୍ଭ– କଥାଟିଏ କହୁଁ କଥାଟିଏ କହୁଁ/ କିସକଥା ବେଙ୍ଗୁଲି କଥା/ କି ବେଙ୍ଗୁଲି – କାଠ ବେଙ୍ଗୁଲି । କଥା ଚାଲେ ବନେଇ ଚୁନେଇ ଶେଷଥାଇ ଶେଷ ହୁଏନାହିଁ । ଇଚ୍ଛା ମୁତାବକ ଚିନ୍ତାଘରୁ ନାନା କାହାଣୀ, ଢଗଢମାଳି, ପ୍ରବାଦ ପ୍ରବଚନ, ଗୀତିକାର ସ୍ୱର ଲମ୍ୱା ହୁଏ । କୌତୁହଳର କଥନଶୈଳୀ । ଲୁଚି ରହି ଥାଏ ଯନ୍ତ୍ରଣା ପ୍ରତିବାଦର ଅନ୍ତଃସ୍ୱର, ଥାଏ ନିରବ ନିରୀହତା, କୋମଳତା ପ୍ରତି ନିଷ୍ଠୁରତାର ଆଚରଣ ସଂକେତ, ଅନୁଭୂତିର ଅଭିଜ୍ଞତା, ନାନାଦି ହିତୋପଦେଶ ।

ସୂଚନାତ୍ମକ ଢଙ୍ଗରେ ଅଜାତିକୁ ବଣିଜ ଅଡୁଆ, ବ୍ରାହ୍ମଣ ଚାଷ ବେକରେ ଫାଶ, ନରେବା ଗୁଞ୍ଜରେ ଅଶ୍ୱଥମା ହତ, ଗଙ୍ଗା ବୋଇଲେ ଥିବି, ଗାଙ୍ଗୀ ବୋଇଲେ ଯିବି , ଷାଠିଏ ମହଣ ଘିଅ ହେବ ନା ରାଧା ନାଚିବ, ଦିନେ କର୍ଣ୍ଣମାନେ ଦୁର୍ଯୋଧନ, ଆପଣା ବୁଦ୍ଧିରେ ଠାକୁର ପର ବୃଦ୍ଧିରେ କୁକୁର ଏସବୁ ଅଜସ୍ର ଲୋକ କାହାଣୀରେ ପ୍ରସ୍ତୁତ ପ୍ରସଙ୍ଗ ପାଲଟିଛି । ଲୋକଗୀତ ଲୋକକାହାଣୀ ପ୍ରତ୍ୟେକ ଜାତିର ଜୀବନ ବେଦ । ଯାବତୀୟ ଅନୁଭୂତି ଅଭିଜ୍ଞତାର ରମ୍ୟ ଗନ୍ତାଘର । ଚିନ୍ତା ଓ ଚେତନା ଓ ଘଟଣା ଭିତରେ ତା'ର ଅଙ୍ଗୀକାର ବୋଧରେ ଲୋକକାହାଣୀ ହୋଇଛି ସମୋଜ୍ୱଳ । କୌତୁକ ଆଦାନ ପ୍ରଦାନ ମଧ୍ୟରେ ନୈତିକତା, ଆଦର୍ଶ, ଧର୍ମ ବାଣ୍ଟିବା ତା'ର ଏକମାତ୍ର ମହତ ଲକ୍ଷ୍ୟ ।

ଲୋକଗୀତ ବା କଥା ମୁଖ ନିଃସୃତ ଭାଷା ମୌଖିକ ଗାଥା ଯେତେବେଳେ ଓଡ଼ିଆ ଓ ବର୍ଣ୍ଣମାଳାର ଉଦ୍ଭବ ଓ ବିକାଶ ଆଡ଼କୁ ଚାଲିଛି ସେତେବେଳେ ଲିଖିତ ସାହିତ୍ୟର ସୃଷ୍ଟି ପ୍ରାଥମିକ ଅର୍ଘ୍ୟ ହୋଇଗଲା । ଲୁପ୍ତ ବିଲୁପ୍ତ ହୋଇଯାଉଥିବା ଲୋକ ସାହିତ୍ୟ ଆଗାମୀ ପିଢ଼ି ପାଇଁ ଲିଖିତ ସାହିତ୍ୟର ରୂପ ନେଲା । ଲୋକ ସାହିତ୍ୟ ପ୍ରତି ବିଦଗ୍ଧ ସାହିତ୍ୟର ବିରୋଧ ନାହିଁ । ବରଂ ବିଦଗ୍ଧ ସାହିତ୍ୟ ଭିତରେ ଲୋକ ସାହିତ୍ୟ ଅଙ୍ଗୀଭୂତ ଓ ମହିମାବନ୍ତ । ବେଦ , ବେଦାନ୍ତ, ଉପନିଷଦ ଯୁଗ କାହାଣୀ ପୁରୁରବା ଉର୍ବଶୀ, ଯମଯମୀ, ଆଗସ୍ତୀ ଲୋପାମୁଦ୍ରା ଓ ଉପନିଷଦୀୟ ଗାର୍ଗୀ , ଯାଜ୍ଞବଲକ୍ୟ , ସତ୍ୟକାମ ଜାବାଳ ଓ ନଚିକେତା ଭଳି କାହାଣୀ ପରବର୍ତ୍ତୀ ଯୁଗରେ ବହୁକାହାଣୀ ସୃଷ୍ଟି ପାଇଁ ଖୋରାକ ଯୋଗାଇଛି ।

ସାରଳା ଦାସଙ୍କ ମହାଭାରତ ଠାରୁ ବଳରାମ ଦାସ ଦାଣ୍ଡି ରାମାୟଣ, ଅଚ୍ୟୁତ ଦାସଙ୍କ ହରିବଂଶ, ଜଗନ୍ନାଥ ଦାସଙ୍କ ଭାଗବତ ଲୋକ କାହାଣୀ ଓ ଲୋକ ଚରିତ୍ରର ମୁଖଶାଳା ସାଧାରଣ ଲୋକଙ୍କ ହୃଦୟର ହୃତ୍ୟ ସଂପଦ । ଦାଣ୍ଡି ବୃତ୍ତ ଲୋକଛନ୍ଦର ଏକ କାବ୍ୟିକ ପ୍ରୟୋଗ । ଅଚ୍ୟୁତାନନ୍ଦ ଗୋପାଳଙ୍କ ଓଗାଳ, କଉଡ଼ି ଖେଳ, ବଳରାମଙ୍କ ବଉଳା ଅଧ୍ୟାୟ, ଯଶୋବନ୍ତଙ୍କ ଗୋବିନ୍ଦ ଚନ୍ଦ୍ର, ରୀତିଯୁଗୀୟ ଦୀନକୃଷ୍ଣ ଦାସଙ୍କ ପ୍ରସ୍ତାବ ସିନ୍ଧୁ , ନାବକେଳି , ବନମାଳୀ ଦାସଙ୍କ ଇଚ୍ଛାବତୀ, ପ୍ରତାପ ରାୟଙ୍କ ଶଶୀସେଣା, ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ, କବିସୂର୍ଯ୍ୟଙ୍କ ହାସ୍ୟକଲ୍ଲୋଳ ଲୋକ କାହାଣୀ ପ୍ରେରଣାର ସୃଷ୍ଟି ସଂପଦ କହିଲେ ଅତ୍ୟୁକ୍ତି ହେବନାହିଁ । ଏସବୁ ଲୋକ ସାହିତ୍ୟର ପ୍ରଭାବ ପୁଷ୍ଟ ନୂତନ ସାରସ୍ୱତ ସୃଷ୍ଟି , କାବ୍ୟିକ ରୂପଚିତ୍ର ।

ସେଭଳି ଆଧୁନିକ ଯୁଗର ଯୁଗ ସ୍ରଷ୍ଟା ଫକୀର ମୋହନଙ୍କ ଉପନ୍ୟାସ , ଗଳ୍ପ ଭିତରେ ଲୋକ କାହାଣୀ ଓ ଢଗଢମାଳି ବେଶ୍ ଅନୁପମ ସର୍ଜନା ସୃଷ୍ଟି କୁହାଯାଇପାରେ । ପଲ୍ଲୀ କବି ନନ୍ଦକିଶୋରଙ୍କ ଡାମରା କାଉ , ଡାହାଣିଆ ଖରା, ନବବର୍ଷା ଭାବନା ପଲ୍ଲୀ ଛନ୍ଦ ଭାଷାରେ ବିମୁଗ୍ଧ । ସେଭଳି ସତ୍ୟବାଦୀର ଗୋପବନ୍ଧୁଙ୍କ ଧର୍ମପଦରେ ବାରଶ ବଢେଇରେ ଦାୟ ନା ପୁଅରେ ଦାୟ , ପଣ୍ଡିତ ନୀଳକଣ୍ଠଙ୍କ ମାୟାଦେବୀ କାବ୍ୟରେ ଭାଟ ମୁଖରେ ଶୁଣିଥିବା ଲୋକକାହାଣୀ ଓ ପଣ୍ଡିତ ଗୋଦାବରୀଶ ପ୍ରଭୃତିଙ୍କ କବିତାରେ ଲୋକ କାହାଣୀର ଆବେଦନ ଅତ୍ୟନ୍ତ ଚମତ୍କାର ଢଙ୍ଗରେ ପ୍ରତିଫଳିତ ହୋଇଛି । ସଚ୍ଚିଦାନନ୍ଦଙ୍କ ପଲ୍ଲୀଶ୍ରୀ, ଜ୍ଞାନୀନ୍ଦ୍ର ବର୍ମାଙ୍କ କଲରେଇ ଫୁଲ ଓ ବୋଲେ ହୁଁଟି, ପ୍ରାଣକୃଷ୍ଣ ସାମଲଙ୍କ କସ୍ତୁରବା କାବ୍ୟ ନାଟିକା ଓ ପଲ୍ଲୀ ଜୀବନ ଉପନ୍ୟାସ, ବସନ୍ତ କୁମାରୀ ପଟ୍ଟନାୟକଙ୍କ ଅମଡ଼ା ବାଟ , ଉପନ୍ୟାସ, ବୈଷ୍ଣବ ପାଣିଙ୍କ ଚନ୍ଦନ ହୋରିଗୀତ, ଲହଡି ଗୀତ, ମାୟାଧର ମାନସିଂହଙ୍କ ରାଜଜେମା , ସାଧବଝିଅ, କାବ୍ୟ ନାଟିକା , କାଳୀଚରଣ ପଟ୍ଟନାୟକ ଓ ଗୋପାଳ ଛୋଟରାୟ ଗୀତାଭିନୟ ଓ ସାଂପ୍ରତିକ କାଳର କବି, ଗାଳ୍ପିକ, ନାଟ୍ୟକାର , ଔପନ୍ୟାସିକମାନଙ୍କ ବିବିଧ ଆଲେଖ୍ୟରେ ଲୋକ ସାହିତ୍ୟର ଚାହାଣି, ଚମକ୍ ଓ ସର୍ବୋପରି ଚଳଣିର ଛିଟା ଅନୁଭବ କରିହେବ ।

ବାସ୍ତବରେ କଥା କହିବା ଓ ମନୋରଞ୍ଜନକୁ ଦୃଷ୍ଟିରେ ରଖି କାହାଣୀର ସୃଷ୍ଟି । ସେ ଦୃଷ୍ଟିରୁ ଲୋକକାହାଣୀ ସ୍ରଷ୍ଟା ଖୁବ୍ ରୋମାଣ୍ଟିକ ପ୍ରକୃତିର । ଯେମିତି ଗାଇ ଜାଣିଲେ ଗୀତ ସୁନ୍ଦର/ ବାନ୍ଧି ଜାଣିଲେ ମଥା ସୁନ୍ଦର/ କହି ଜାଣିଲେ କଥା ସୁନ୍ଦର । କଥକର କଥକତାରେ କୌତୁହଳ ଜାଗରିତ ହୁଏ । ଥିରି ଥିରି କରି ତୋଳହେ ସାଆନ୍ତ/ ଗଛରୁ ପତର ଝଡେଟି । ଯାଆ ମୋର ବିଷରେ ମାରିଲେ/ ତହିଁ କି ମୋ ଦେହ ଥରେକି । କିମ୍ବା ଆଣ୍ଠୁଏ ପାଣିରେ ହେଲି ହେ ବାପା/ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି/ ଅଣ୍ଟାଏ ପାଣିକି ଗଲି ହେ ବାପା/ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ... ।

ଲୋକ ସାହିତ୍ୟ କାହାଣୀ, ଗୀତ, ଗୀତାଭିନୟ ଯାହା ହେଉନା କାହିଁକି ଲୋକକଥିତ ଭାଷାରେ ବେଶ୍ ମନୋଜ୍ଞ ମନୋରମ, ହୃଦୟଗ୍ରାହୀ, ଯେମିତି କଥା ଶେଷରେ ବିରାମ ଦେଇ କଥକ କହେ –

ମୋ କଥାଟି ସରିଲା , ଫୁଲ ଗଛଟି ମରିଲା / କିରେ ଫୁଲ ଗଛ କାହିଁକି ମଲୁ... ମୁଁ ଭୂଇଁ ତଳେ ଥାଏ/ କଅଁଳ ମାଉଁସ ଟିକିଏ ପାଇଲେ ରୁଟ୍ କରି ଖାଏ ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ –୪
ମୋ–୯୦୪୦୧୫ ୧୪୭୫

# କବିତା

## ଦୋଳରେ ଦୋଳଗୋବିନ୍ଦ...

### ରାମଚନ୍ଦ୍ର ବେହେରା

ଝୁଲି ଝୁଲି ଆସେ କଳା କହ୍ନେଇ
ରାଧିକା ରାଣୀକୁ ସାଥୀରେ ନେଇ
ଦୋଳ ବିମାନରେ ବସି
ଘର ଘର ବୁଲି ଭୋଗ ଖାଏ ସିଏ
ମୁରୁକି ମୁରୁକି ହସି ।
ପୀତ ବସନକୁ ରଙ୍ଗ ଅଧର
ଗଳାରେ ଶୋଭଇ ମୁକୁତା ହାର
ମସ୍ତକେ ମୟୂର ଚୂଳ
ବାଙ୍କ ଚାହାଣୀ ତା' ଭାରି ମନୋହର
ପ୍ରାଣକୁ କରେ ଶୀତଳ ।
ହାତେ ଥାଏ ତାର ମୋହନ ବଂଶୀ
ନାମ ସଂକୀର୍ତ୍ତନ ଆସଇ ଭାସି
ଶୁଭେ ଶଙ୍ଖ ହୁଳହୁଳି
ମୃଦଙ୍ଗ କାହାଳୀ ଅପୂର୍ବ ଧ୍ୱନିରେ
ଦାଣ୍ଡ ପଡଇ ଉଚ୍ଛୁଳି ।
ଫଗୁଣରେ ଫଗୁ ଖେଳଇ ସିଏ
ଦୀନ ଦରିଦ୍ରଙ୍କୁ ଆଶିଷ ଦିଏ
ଶ୍ରଦ୍ଧାଭାବ ଜାଗେ ପ୍ରାଣେ
ଭକ୍ତଙ୍କ ଗହଣେ ଦୋଳ ମଣ୍ଡପରେ
ଝୁଲେ ସେ ହରଷ ମନେ ।
ଦୋଳପର୍ବ ଆମ ଭାରି ପବିତ୍ର
ପାଳନ୍ତି ସଭିଏଁ ହୋଇ ଏକତ୍ର
ଫଗୁଣର ହୁଏ ଅନ୍ତ
ଅପୂର୍ବ ସେ ସ୍ମୃତି ଭୁଲି ହୁଏ ନାହିଁ
ଦୋଳରେ ଦୋଳଗୋବିନ୍ଦ ।

ତେନ୍ତୁଳିପଦା,
ଜଗତସିଂହପୁର
ମୋ–୭୩୫୫୬୩୪୩୪୬

## ହୋଲି

### ସୁହଂସ ଭୋଇ

ଫଗୁଣ ସକାଳ ଅଳପ ଶୀତଳ
ନଭେ ନିରିମଳ ହସ
ନାରଙ୍ଗୀ ପଳାଶ ଭାଙ୍ଗୁଛି ଅଳସ
ପବନ ମହୁଲି ବାସ
ଆସିଛି ଓହ୍ଲେଇ ହରଷରେ ହୋଲି
ଆଣିଛି ବିବିଧ ରଙ୍ଗ
ସବୁଜ ସୁନେଲି ଧୂସର ରୂପେଲି
ଝଟକଇ ତାର ଅଙ୍ଗ
ଅନୁରାଗ ଭରା ବର୍ଣ୍ଣର ପସରା
ଭାବ ତହିଁ ଭରପୁର
ପ୍ରେମର ଅବିର ରଖିଛି ସାଇତି
ହୃଦୟେ ଟାଣିବ ଗାର
ଅଭିମାନ ଦାଗ ମନରୁ ହଟିବ
ମନାନ୍ତର ହେବ ଦୂର
ଛୁଇଁ ଛୁଇଁ ଯିବ ପ୍ରୀତି ନଈ ଧାର
ଝରିବ ସ୍ନେହର ଝର
ହାତେ ପିଚକାରୀ ରଙ୍ଗ ଝୁଲା ଧରି
ଅସିଛିରେ ଆଜି ହୋଲି
ଖେଳିବା ସଭିଏଁ ହୋଇ ଏକ ମେଳି
ରାଗ ରୋଷ ମାନ ଭୁଲି ।

ପହଣ୍ଡି,ବରଗଡ଼
ମୋ–୯୪୩୭୫୨୨୪୫୫

## ଫଗୁଣର ପଟୁଆର...

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ପାଗଳ ସାଜିଛି ପରଜାପତି
ଦେଖି ଫଗୁଣର ପଟୁଆର
ମହୁଭରା ଏବେ ମାଳ ମାଳ
ଫୁଲ ମିଠା ମହକରେ ବିଭୋର
ନଈ ପଠା ଠାରୁ ଗାଁ ଗୋଟା
ସାରା ସବୁଠି ମାତାଲ ମଳୟ
କାହା ପାଇଁ ଏ ଉଜୁଡ଼ା ସପନ
କାହା ଆଖି ସାଜେ ସ୍ୱପ୍ନମୟ ।
ଫଗୁଣ ତ ଗୋଟେ ଚିତ୍ରିତ
ପୃଥିବୀ ମନ ଅଙ୍ଗନରେ କାର
ଫେନିଳ ଯୌବନ ତଟ ପରେ
ଆଙ୍କେ ଜୀବନର ଇସ୍ତାହାର
ପତ୍ରଝଡା ଋତୁ ପଲ୍ଲବିତ ଅଙ୍ଗେ
ଆଶାର ସ୍ୱାକ୍ଷର ବାଢେ
ଫେରିପାଇବାକୁ ହଜିଲା ସପନ
ଶଙ୍କିତ ହୃଦୟ ଝାଡ଼େ ।
କୃଷ୍ଣଚୂଡ଼ା ରଙ୍ଗେ ଫଗୁଣ ସାଜଇ
ରୂପବତୀ ରାଜଜେମା
କୋଇଲି ଦିଅଇ ଶୁଭଶଙ୍ଖ ଧ୍ୱନି
କରିବାକୁ ରାଜିନାମା
ଆମ୍ବ ବଉଳର ମହକ ଆବୋରି
ଚତୁରୀ ମଳୟ ହସେ
ଆନମନା କରି ହୃଦୟକୁ କାର
ବିପଣୀ ତା' ଖୋଲି ବସେ ।
ଅସାର ଜୀବନ ଯୌବନକୁ
ଭୁଲି ରଙ୍ଗ ଅବିରରେ ମାତି
ଆଖି ଲୋଡୁଥାଏ କ୍ଷଣିକ ସପନ
ତନ୍ଦ୍ରା ବିମୋହିତ ରାତି ।

ଦଶରଥପୁର, ଯାଜପୁର,
ମୋ–୭୩୭୭୩୧୮୭୮୯

## ହେ ପ୍ରିୟା ! କି ରଙ୍ଗ ବୋଳିବି ତୋ ଅଙ୍ଗେ

### କବିରତ୍ନ ନୂତନ କୁମାର ବେହେରା

ହେ ପ୍ରିୟା ! କି ରଙ୍ଗ ବୋଳିବି ତୋ ଅଙ୍ଗେ...
ଜୀବନର ହୋଲି ଖେଳୁଥିବି ତୋ ସଙ୍ଗେ
ଫୁଲର ଫଗୁଣରେ ତୁ ମନ ହରଷେ
କେତେ ରଙ୍ଗରେ ସଜେଇ ରଙ୍ଗେଇ ହେଉ
ବସନ୍ତର ମଧୁମଳୟ ବହେ ତୋ ସକାଶେ
ତୋ ରୂପ ଲାବଣ୍ୟର ସାତରଙ୍ଗୀ
ଇନ୍ଦ୍ରଧନୁ ଚହଟେ ମୋ ମନ ଆକାଶେ
ହୁଏ ମୁଁ ଆତ୍ମବିଭୋର ସପନ ତରଙ୍ଗେ
ହେ ପ୍ରିୟା ! କି ରଙ୍ଗ ବୋଳିବି ତୋ ଅଙ୍ଗେ...
ଏମିତିରେ ଆକର୍ଷି ନେଉ କେତେ ଢ଼ଙ୍ଗେ
ବାଇଗଣୀ ରଙ୍ଗ ବୋଳିଦେଲେ ତୋ ଦେହେ
ଶୁଦ୍ଧ ମନରେ ପବିତ୍ର ହୃଦୟ ଦେଇ
ତୁ ଲୋ ଭଲ ପାଉଥିବୁ ପ୍ରେମର ପ୍ରବାହେ
ବୋଳି ଦେଲେ ଘନନୀଳ ତୋ ମୁଖେ
ବୁଦ୍ଧି ବିଚାରର ଜ୍ଞାନ ରଖି ତୋ ବିବେକରେ
ମୋ ସାଥେ ଜୀବନ କାଟିବୁ ସୁଖେ
ଲଗାଇ ଦେବି ଯଦି ନୀଳ ରଙ୍ଗ ସରାଗେ
ତୋ ତନୁଲତାର ଶୋଭା ଶିରୀରେ
ଆକାଶ ସାଗର ପରି ନମ୍ର ଗଭୀର ହେବ
ଆମ ପ୍ରେମର ସଂପର୍କ ଅନୁରାଗେ
ହେ ପ୍ରିୟା ! କି ରଙ୍ଗ ବୋଳିବି ତୋ ଅଙ୍ଗେ...
ଲଗାଇ ଦେଲେ ସବୁଜ ରଙ୍ଗ ତୋର ମନେ
ସପନ ଦେଖିବୁ ମୋତେ ଶୁଭ ଲଗନେ
ପ୍ରେମ ପ୍ରୀତି ପ୍ରଣୟରେ ଗଢ଼ିବା ଜୀବନ
ଭୁଲ୍ ବୁଝିବୁନି ଲୋ ମୋତେ ମାନ ଅଭିମାନେ
ବୋଳି ଦେବି ଯେବେ ହଳଦିଆ ରଙ୍ଗ
ଦିଶିବୁ ତୁ ହଳଦୀ ବସନ୍ତ ଭଳି
ଶାନ୍ତି ତୃପ୍ତି ସୁଖ ସନ୍ତୋଷରେ ଗାଇବୁ ଗୀତ
ମୋ ଘର ଅଗଣାରେ ଖେଳି ଖେଳି
ବିଧିର ବିଧାନେ ପାଇବି ତୋତେ ସଂଯୋଗେ
ହେ ପ୍ରିୟା ! କି ରଙ୍ଗ ବୋଳିବି ତୋ ଅଙ୍ଗେ...
ଲାଲ୍ ରଙ୍ଗ ଯେବେ ଲଗାଇ ଦେବି ମୁଁ
ତୋ ସୁନ୍ଦର କପାଳ ଓ ସୀମନ୍ତୀରେ
ହେବୁ ଲୋ ମୋ ହୃଦୟରାଣୀ ପ୍ରାଣସଙ୍ଗିନୀ
ଶୁଭ ମନାସୁ ଥିବୁ ନିତି ସଞ୍ଜ ସକାଳରେ
ନାରଙ୍ଗୀ ବୋଳିଲେ ତୋ ବଦନରେ
ତୁ ଫୁଟି ହସିଥିବୁ ସଦା ସଜଫୁଲ ପରି
ଶୁଦ୍ଧ ପବିତ୍ରତାର ମହକ ଦେଉଥିବୁ ବିତରି
ଆମ ମଧୁ ମିଳନ ରହିଥିବ ଯୁଗେ ଯୁଗେ
ହେ ପ୍ରିୟା ! କି ରଙ୍ଗ ବୋଳିବି ତୋ ଅଙ୍ଗେ...?

କୋହି,ବାରିପଦା,
ମୟୂରଭଞ୍ଜ
ମୋ– ୮୦୧୮୩୫୩୩୨୨

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୪୩ ମୃତ...

ଭିତରେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ । ଗୁଳିରୁ ବଞ୍ଚିବା ପାଇଁ ହଲ୍‌ର ପ୍ରବେଶ ପଥରେ ପ୍ରବଳ ଭିଡ ହୋଇଥିଲା । ୟୁରୋପିଆନ୍ ସମୁହ, ଫ୍ରାନ୍ସ, ସ୍ପେନ୍, ଇଟାଲୀ ସମେତ ଅନେକ ଦେଶ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଆମେରିକା ପକ୍ଷରୁ ଏହାକୁ ଭୟଙ୍କର ବୋଲି କୁହାଯାଇଛି । ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି ଯେ ରୁଷ୍ ଦୁଇ ସପ୍ତାହ ପୂର୍ବରୁ ଆତଙ୍କବାଦୀଙ୍କ ଦ୍ୱାରା ଏଭଳି ଏକ ଘଟଣା ଘଟିବ ବୋଲି ସୂଚନା ଦିଆଯାଇଥିଲା । ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଆହତମାନଙ୍କର ଶୀଘ୍ର ଆରୋଗ୍ୟ ଲାଗି କାମନା କରିଛନ୍ତି । ସେ ଡାକ୍ତରମାନଙ୍କୁ ଏନେଇ ପରାମର୍ଶ ଦେଇଛନ୍ତି ।

## ରାଜ୍ୟରେ...

କାଳବୈଶାଖୀ ଜନିତ ବର୍ଷାରେ ବ୍ରେକ୍ ଲାଗିବା ପରେ ଏବେ ସାରା ରାଜ୍ୟରେ ତାତି ବଢିଛି । ଆସନ୍ତାକାଲି ରାଜ୍ୟର ଅଧିକାଂଶ ସହରର ତାପମାତ୍ରା ୩୫ ରୁ ୩୯ ଡିଗ୍ରୀ ପହଞ୍ଚିବ । ବିଶେଷ କରି ସୋନପୁର, ବୌଦ୍ଧ, ବଲାଙ୍ଗିର, ସମ୍ବଲପୁର, ବରଗଡ, ଝାରସୁଗୁଡା, ମାଲକାନଗିରି ଏବଂ କଳାହାଣ୍ଡିରେ ତାତି ବଢିବ ।

୨୫ ଏବଂ ୨୬ ତାରିଖରେ ପୁଣି ସକ୍ରୀୟ ହେବ ପଶ୍ଚିମା ଝଡ । ଏହା ପ୍ରଭାବରେ ବଡ ବର୍ଷା ନହେଲେ ମଧ ଉତ୍ତର ଓଡ଼ିଶାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ସୁନ୍ଦରଗଡ ଏବଂ ଯାଜପୁର ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ବାକି ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପାଗ ଶୁଖିଲା ରହିବା ସହ ତାତି ଅନୁଭୂତ ହେବ । ବାୟୁମଣ୍ଡଳରେ ଶୁଷ୍କତା ବୃଦ୍ଧି ହେତୁ ଉପକୂଳ ଓଡ଼ିଶା ଅପେକ୍ଷା ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୪୦ କିମ୍ବା ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ ହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି ।

## ବାପା...

ମାମୁଁ ଘର ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା କେନାଡିପା ଗାଁକୁ ପଳାଇ ଯାଇଥିଲେ । ଠିକ୍ ସେହି ସମୟରେ ଅଜାଙ୍କ ଘରକୁ ଦୁଇ ନାତିଙ୍କ ନାଁରେ ଆସିଲା କୋର୍ଟ ନୋଟିସ୍। ଏ ନୋଟିସ୍ ପଠାଇଥିଲା ଏସବିଆଇ ବରଗଡ଼ ଶାଖା । ୨୦୨୪ ଜାନୁଆରୀ ୩୦ ତାରିଖରେ ହାଜର ହେବା ପାଇଁ କୁହାଯାଇଥିଲା। କ୍ୱାଇଁ ବିଧୁଭୂଷଣ ଋଣ ଟଙ୍କା ସୁଝି ନଥିବାରୁ ଏହି ନୋଟିସ୍ ପଠାଇଛି ଏସବିଆଇ। ତେଣୁ ଚିନ୍ତାରେ ପଡ଼ି ଯାଇଛନ୍ତି ସାରଥୀ। ବହୁ ବୁଝାବୁଝି କରି ଦୁଇ ନାତିଙ୍କୁ ଧରି ଗତ ୩୦ ତାରିଖରେ ବରଗଡ଼ କୋର୍ଟରେ ହାଜର ହୋଇଥିଲେ ଅଜା ସାରଥୀ ଧୂରୁଆ । ହେଲେ କ୍ୱାଇଁ କରିଥିବା ଋଣ କେମିତି ସୁଝିବେ ସେହି ଚିନ୍ତାରେ ପଡ଼ି ଯାଇଛନ୍ତି। ଦୁଇ ଅନାଥ ପିଲାଙ୍କର କେହି ନାହାନ୍ତି । ବାପା, ମାଆ, ଜେଜେବାପା ଓ ଜେଜେମାଆଙ୍କର କେବେଠାରୁ ମୃତ୍ୟୁ ହୋଇଛି । ଏକଥା ସବୁ ଜାଣି ଏସବିଆଇ ନୋଟିସ୍ କରୁଛି ବୋଲି ସାରଥୀ କ୍ଷୋଭର ସହ କହିଛନ୍ତି । ଏଥିରେ କୋହଳ କରିବା ପାଇଁ ସେ ମାନବାଧିକାର କମିଶନ, ରାଷ୍ଟ୍ରପତି, ରାଜ୍ୟପାଳଙ୍କୁ ଚିଠି ଲେଖିଛନ୍ତି।

## ହୀରାକୁଦରେ...

ଝାଡାବାନ୍ତି ଯୋଗୁଁ ରୋଗୀଙ୍କ ଜଳୀୟ ଅଂଶ ବହୁ ମାତ୍ରାରେ କମିଯାଉଛି । ଏଥିସହ ରୋଗୀଙ୍କ ତରଳ ଝାଡା ମଧ୍ୟ ହେଉଛି । ଫଳରେ ରୋଗୀ ତୁରନ୍ତ ଗୁରୁତର ହୋଇ ପଡୁଛି । ପ୍ରଦୂଷିତ ପାନୀୟ ଜଳ ପିଇବା ଯୋଗୁଁ ପେଟରେ ଜୀବାଣୁ ସଂକ୍ରମଣ ହୋଇ ଝାଡାବାନ୍ତି ହେଉଥିବା ଡାକ୍ତର ଅନମୋଲ ମିଞ୍ଜ ସୂଚନା ଦେଇଛନ୍ତି ।

## କେଜରିୱାଲଙ୍କ...

ଏହି ଅଭିଯୋଗ ମଧ ଜର୍ମାନକୁ ଜଣାଇ ଦିଆଯାଇଛି । ଅପରପକ୍ଷରେ କେଜରିୱାଲଙ୍କ ଗିରଫକୁ ନେଇ ଜର୍ମାନ ବୈଦେଶିକ ମନ୍ତ୍ରଣାଳ ପକ୍ଷରୁ କୁହାଯାଇଥିଲା ଯେ ଆମେ ଆଶା କରୁଛୁ ଏହି ମାମଲାରେ ନ୍ୟାୟପାଳିକାର ସ୍ୱତନ୍ତ୍ରତା ଏବଂ ଗଣତାନ୍ତ୍ରିକ ସିଦ୍ଧାନ୍ତ ପ୍ରତି ଧ୍ୟାନ ରଖାଯିବ । ମାମଲାର ନୀରପେକ୍ଷ ଶୁଣାଣି ହେବ ଓ କେଜରୀୱାଲଙ୍କୁ ନିଜର ପକ୍ଷ ରଖିବାକୁ ସୁଯୋଗ ମିଳିବ । କୌଣସି ବ୍ୟକ୍ତିକୁ ନିର୍ଦୋଷ ପ୍ରମାଣ କରିବା ଲାଗି ନ୍ୟାୟ ପ୍ରଣାଳି ଅପରିହାର୍ଯ୍ୟ ବୋଲି କୁହାଯାଇଥିଲା । ତେବେ କେଜରିୱାଲଙ୍କ ଗିରଫ ମଧ ଅନ୍ତର୍ଜାତୀୟ ଗଣମାଧମରେ ମୁଖ୍ୟ ସମ୍ବାଦ ହୋଇଛି । ୱାସିଂଟନ୍ ପୋଷ୍ଟ ଠାରୁ ବିବିସି ପର୍ଯ୍ୟନ୍ତ ଏହି ସମ୍ବାଦକୁ ପରିବେଶଣ କରିଛନ୍ତି । ୱାସିଂଟନ୍ ପୋଷ୍ଟ ଲେଖିଥିଲା ଯେ କେଜରିୱାଲଙ୍କ ଗିରଫ ହେଉଛି ନିକଟ ଅତିତରେ କୌଣସି ବିରୋଧୀ ଦଳର ଦ୍ୱିତୀୟ ବୃହତ୍ତମ ଗିରଫ । ଏଥିରେ ହେମନ୍ତ ସୋରେନ୍‌ଙ୍କ ମାମଲା ମଧ ଉଲ୍ଲେଖ କରାଯାଇଥିଲା ।

## ବ୍ରାଉନ୍‌ସୁଗର...

ଗ୍ରାମ ବ୍ରାଉନସୁଗର ଜବତ କରିଛି । ବ୍ରାଉନସୁଗରର ମୂଲ୍ୟ ଆନୁମାନିକ ୨୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି ।

ଖଣ୍ଡଗିରି ଥାନା ଅଞ୍ଚଳ ଯଦୁପୁର ଗ୍ରାମରେ ଭଡ଼ାକୁ ରୁହନ୍ତି ପ୍ରଜ୍ଞାନ ପ୍ରିୟା ସ୍ୱାଇଁ (୩୦) ଓ କରିସ୍ମା ରାଉତ (୨୩) । କରିସ୍ମା ଘର ଭଦ୍ରକ ଜିଲ୍ଲାରେ ହୋଇଥିବାବେଳେ ପ୍ରଜ୍ଞା ଘର ପୁରୀ ଜିଲ୍ଲା କୋଣାର୍କ ଥାନ ଅଞ୍ଚଳରେ । ଦୁହେଁ ଘରୋଇ କମ୍ପାନୀରେ ଚାକିରି କରିବା ସହ ବ୍ରାଉନସୁଗର କାରବାର କରନ୍ତି । ଏପରିକି ଚନ୍ଦ୍ରଶେଖରପୁର, ପୋଖରୀପୁଟ ଓ କର୍ପୋରେଟ କାର୍ଯ୍ୟାଳୟ କର୍ମଚାରୀଙ୍କୁ ମଧ୍ୟ ଯୋଗାଇଥାନ୍ତି । ଖୁଚୁରା ପୁଡ଼ିଆ କାରବାର ପାଇଁ ଗ୍ୟାଙ୍ଗ୍‌ର କିଙ୍ଗପିନ ତାଙ୍କୁ ପୁଡ଼ିଆ କରି ଦେଇଥାଏ । ପୁଡ଼ିଆର ମୂଲ୍ୟ ୮ଶହରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଦୁଇ ଯୁବତୀ ମୁଖ୍ୟତଃ କଲେଜ ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ କରି ବ୍ୟବସାୟ କରନ୍ତି । ଏହି ର୍ୟାକେଟରେ ୭ ଜଣ ମହିଳା ବ୍ରାଉନସୁଗର ବିକ୍ରି କରୁଥିବା ଜଣାପଡ଼ିଛି । ପୋଲିସ କମିଶନରଙ୍କ କହିବା ଅନୁଯାୟୀ ର୍ୟାକେଟର କିଙ୍ଗପିନ ସମ୍ପର୍କରେ ସୂଚନା ମିଳିଛି । ଖୁବଶୀଘ୍ର ସେ ଗିରଫ ହେବ ।

ଗଞ୍ଜେଇ ଓ ବ୍ରାଉନସୁଗର କାରବାରରେ ମାଫିଆମାନେ ମହିଳା ଓ ଯୁବତୀମାନଙ୍କୁ ବ୍ୟବହାର କରି ସେମାନେ ଆଢୁଆଳରେ ରହୁଛନ୍ତି । ସହଜରେ ଟଙ୍କା ରୋଜଗାର ପାଇଁ ସେମାନେ କାରବାରକୁ ଆପଣାଇ ନେଉଛନ୍ତି । ଗିରଫ ହୋଇଥିବା ଭଦ୍ରକର କରିସ୍ମା ମଧ ତାଙ୍କ ଘର ପାଖରୁ ବ୍ରାଉନସୁଗର ଆଣି ମାଫିଆଙ୍କୁ ଦେଇ ଖୁଚୁରା କାରବାର କରିବାରେ ସହଯୋଗ କରେ । ଗିରଫ ଦୁଇ ଯୁବତୀଙ୍କ ସମ୍ପର୍କରେ କମିଶନରେଟ ପୋଲିସ ସ୍ପେଶିଆଲ କ୍ରାଇମ ୟୁନିଟ ଖବର ପାଇବା ପରେ ତାଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ଟ୍ରକ୍‌ରେ...

ଉଦ୍ଧାର କରିବା ସହ ୬୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ତୁରନ୍ତ ଟ୍ରକକୁ ଜବତ କରି ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଉତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ମୃତୟନ କରାଯାଇଛି। ସେପଟେ କଳିଙ୍ଗନଗର ପୁଲିସ ମୃତ୍ୟୁ ବରଣ କରିଥିବା ୩ ଯୁବକଙ୍କ ମୃତଦେହ ଜବତ୍ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ମେଣ୍ଟ...

ପୌରାଞ୍ଚଳରେ ୮୦% ଆସନ ବିଜେଡି ଜିତିଥିବାବେଳେ ପ୍ରାୟ ୯୦% ଜିଲ୍ଲାପରିଷଦ ଆସନ ଜିତିଥିଲା । ଲୋକପ୍ରିୟତା ଆଧାରରେ ବିଜେଡି ଏବେ ନିଜକୁ ମଜଭୁତ ସ୍ଥିତିରେ ରଖିଛି ବୋଲି ଆକଳନ କରିବା ସହ ଷଷ୍ଠ ଥର ଲାଗି ସରକାର ଗଢ଼ିବା ନେଇ ବେଶ୍ ଆଶାବାଦି ହୋଇଛି ।

ଅପରପକ୍ଷରେ ବିଜେପି ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ଯୋଜନାକୁ ନେଇ ଲୋକଙ୍କ ପାଖକୁ ଯିବ ବୋଲି ସ୍ଥିର କରିଛି । ଦଳ ପକ୍ଷରୁ ଏନେଇ କସରତ ଆରମ୍ଭ ହୋଇଛି । ଟିକେଟ ଚୂଡାନ୍ତ ପରେ ଦଳ ମୈଦାନକୁ ଓହ୍ଲାଇବ ବୋଲି ସୂଚନା ମିଳିଛି । କଂଗ୍ରେସ ଉଭୟ ବିଜେଡି ଓ ବିଜେପିକୁ ଟାର୍ଗେଟ କରି ନିର୍ବାଚନ ଲଢ଼ିବାକୁ ସ୍ଥିର କରିଛି । ଉଭୟ ଦଳ ମଧରେ ମେଣ୍ଟ ନେଇ ଘୋଷଣା ହୋଇନଥିଲେ ବି ଏକ ଅଲିଖିତ ମେଣ୍ଟ ରହିଛି ବୋଲି କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ କହିଛନ୍ତି । କଂଗ୍ରେସ ମଧ ମୋଦି ସରକାରଙ୍କର ବିଭିନ୍ନ ଦୁର୍ନୀତି, ଜନ ବିରୋଧୀ କାର୍ଯ୍ୟ ଓ ନିର୍ବାଚନୀ ବଣ୍ଡକୁ ପ୍ରସଙ୍ଗ କରୁଥିବାରୁ ଲକ୍ଷ୍ୟ କରାଯାଉଛି ।

## ନିର୍ବାଚନୀ...

ବଣ୍ଡ ଯୋଜନା । ଏହାକୁ ସେ ମଧ ଲାଞ୍ଚ ଦିଅ ଓ ହପ୍ତା ଅସୁଲି ବୋଲି ସେ ବର୍ଣ୍ଣନା କରିଛନ୍ତି । ନିର୍ବାଚନୀ ବଣ୍ଡ ତଥ୍ୟ ପ୍ରକାଶ କରିଥିବାରୁ ସୁପ୍ରିମ୍‌କୋର୍ଟକୁ ସେ ଧନ୍ୟବାଦ ଦେଇଛନ୍ତି । ଏବେ ନାଗରିକମାନେ ୪ ପର୍ଯ୍ୟାୟରେ କ୍ରମିକ ସଂଖ୍ୟା ଲଗାଇ ଟଙ୍କା ପ୍ରଦାନ କରିଥିବା ସଂସ୍ଥାକୁ ଅନୁଭବ କରୁଛନ୍ତି । ୬୨ ହଜାର କୋଟି ଟଙ୍କାର ଠିକା କେନ୍ଦ୍ର ଓ ବିଜେପି ଶାସିତ ରାଜ୍ୟରେ ଏହି କମ୍ପାନୀକୁ ଦିଆଯାଇଛି । ଯେଉଁମାନେ ପୂର୍ବରୁ ୫୮୦ କୋଟି ଟଙ୍କା ନିର୍ବାଚନୀ ବଣ୍ଡ ମାଧମରେ ଠିକା ପାଇବା ପୂର୍ବରୁ ବିଜେପିକୁ ଦେଇଥିଲେ । ଟଙ୍କା ଦେବାର ୩ ମାସ ପରେ ଏହି ଠିକା ମିଳିଛି । ସେହିଭଳି ବିଜେପିକୁ ଟଙ୍କା ଦେଇଥିବା ୪୧ କର୍ପୋରେଟ୍ ସଂସ୍ଥା ୫୬ ଥର ଇଡି, ସିବିଆଇ, ଆଇଟି ଚଢ଼ାଉର ସମ୍ମୁଖୀନ ହୋଇଛନ୍ତି । ସେମାନେ ୨୫୯୨ କୋଟି ବିଜେପିକୁ ଦେଇଛନ୍ତି । ଚଢ଼ାଉ ପରେ ୧୮୫୩ କୋଟି ଦେଇଛନ୍ତି । ୧୬ ଜାଲ୍ କମ୍ପାନୀ ୫୪୩ କୋଟି ଟଙ୍କା ନିର୍ବାଚନୀ ବଣ୍ଡ ଆକାରରେ ବିଜେପିକୁ ଦେଇଛନ୍ତି । ଏହି କମ୍ପାନୀଗୁଡିକ ଆର୍ଥିକ ମନ୍ତ୍ରଣାଳୟ ସହ ଲେଣଦେଣ କରୁଥିବାର ଅଭିଯୋଗ ରହିଛି ।

# ବ୍ୟାପକ ମଦ ଜବତ,ବିହାରୀ ବିକ୍ରେତା ଗିରଫ

ଖଇରା, (ସବ୍ୟୁ) : ଖଇରା ଥାନା ଅଧୀନ ବର୍ଡ଼ନା ଓ କୁପାରୀ ଅଞ୍ଚଳରେ ଘରେ ଘରେ ଦେଶୀ ଓ ବିଦେଶୀ ମଦ ଯୋଗାଇ ଆସୁଥିବା ବିହାରୀ ମଦ ବିକ୍ରେତା ରଣଜିତ ଗୁପ୍ତାଙ୍କୁ କାବୁ କରିଛି ଖଇରା ଅବକାରୀ ବିଭାଗ । ବର୍ଡ଼ନାରେ ମଦ ଆଡ୍ଡା ଚଳାଇଥିବା ଏହି ବିକ୍ରେତା ଅବକାରୀ ପୋଲିସ ଆଖିରେ ଧୂଳି ଦେଇ ଖଇରା ଅଞ୍ଚଳର ଗାଁଗାଁକୁ ମଦ ଯୋଗାଇ ଆସୁଥିଲା । ଶନିବାର ଗାଡିରେ ମଦ ନେଇ କୁପାରୀ ଅଭିମୁଖେ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଥାନା ଓଆଇସି ସୁରଜ କୁମାର ଟିଗା ସଦଳ ବଳେ ବିପୁଳ ପରିମାଣର ମଦ ଜବତ କରିବା ସହ ବିକ୍ରେତା ଗୁପ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ପତ୍ନୀଙ୍କ ମୃତ୍ୟୁ ପରେ କୁନି ପୁଅକୁ ଘରେ ଶୁଆଇ ଝୁଲି ପଡ଼ିଲେ ସ୍ୱାମୀ

ସୁନ୍ଦରଗଡ଼,(ସବ୍ୟୁ): ସାତ ଜନମର ସାଥୀ ହେବେ ବୋଲି ସାତ କଳସ, ଆଠ ଦୀପକୁ ସାକ୍ଷୀ ରଖି ବିବାହ ବେଦୀରେ କଥା ଦେଇଥିଲେ। ବୋଧହୁଏ ସେଇଥିପାଇଁ ସାଥୀଙ୍କ ମୃତ୍ୟୁର ୩ ଦିନ ପରେ ଝିଅକୁ ଘରେ ଶୁଆ ଝୁଲି ପଡ଼ିଲେ ପତି। ଆଉ ପତ୍ନୀଙ୍କ ହାତ ଧରି ଚାଲିଗଲେ ଅଫେରା ପଥରେ। ଏପରି ହୃଦୟବିଦାରକ ଘଟଣା ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଅଞ୍ଚଳରେ ଘଟିଛି। ପତ୍ନୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ପତି ଝୁଲି ପଡ଼ିଥିବା ଅଭିଯୋଗ ହୋଇଛି। କୋଇଡା ବ୍ଲକ୍ ଟେନସା ଫାଣ୍ଡି ଜିରୋ ପଏଣ୍ଟ ଅଞ୍ଚଳରେ ବାସ କରନ୍ତି ନନ୍ଦଲାଲ ଚାମ୍ପିଆ । ଦେଢ଼ ବର୍ଷ ତଳେ ଜିନେସ କାଣ୍ଡୁଲାନାଙ୍କୁ ସେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ୪ ମାସ ତଳେ ତାଙ୍କର ଏକ ପୁଅ ସନ୍ତାନ ଜନ୍ମ ହୋଇଥିଲା। ପୁଅ ଜନ୍ମ ପରେ ବେଶ୍ ହସଖୁସିରେ ଥିଲେ। ନନ୍ଦଲାଲ୍ କାମଦାମ କରି ଯାହା ରୋଜଗାର କରନ୍ତି, ସେଥିରେ ଚଳୁଥିଲା ପୂରା ପରିବାରଛ ପ୍ରବଳ ଶୀତ ଯୋଗୁ ଜାନୁଆରୀ ୨୬ ତାରିଖରେ ଜିନେସ କାଣ୍ଡୁଲାନା ନିଆଁ ପୁଇଁ ହେଉଥିଲେ। ଅସାବଧାନତା ଯୋଗୁ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଯେଉଁଥିପାଇଁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ ନନ୍ଦଲାଲ୍। ଜିନେସ କାଣ୍ଡୁଲାନାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ରାଉରକେଲାରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦ ତାରିଖରେ ଆଖି ବୁଜିଥିଲେ ଜିନେସ କାଣ୍ଡୁଲାନା। ପତ୍ନୀଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ିଥିଲେ ନନ୍ଦଲାଲ୍। କୋଳରେ କୁନି ପୁଅ । କ'ଣ କରିବେ? କ'ଣ ଖାଇବାକୁ ଦେବେ? ଅଭାବୀ ଦୁନିଆରେ କୁନି ପୁଅକୁ ଧରି କେମିତି ଚଳିବେ ନନ୍ଦଲାଲ୍? ସେହି ଚିନ୍ତାରେ ସେ ଭାଙ୍ଗି ପଡ଼ିଥିଲେ। ଆଜି ପୁଅକୁ ଘରେ ଶୁଆଇ ଦେଇଥିଲେ। ସନ୍ଧ୍ୟା ବେଳେ ଘର ପାର୍ଶ୍ୱ ଆମ୍ବ ଗଛରେ ଝୁଲି ପଡ଼ିଥିଲେ। ପୁଅ କାନ୍ଦ ଶୁଣି ସାହି ପଡ଼ିଶା ଧାଇଁ ଆସିଥିଲେ। ସେତେବେଳେ ନନ୍ଦଲାଲ୍ ଆମ୍ବ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସାହି ପଡ଼ିଶା ଏନେଇ ମୃତ ନନ୍ଦଲାଲ୍‌ଙ୍କ ଶାଶୁ ଓ ଶ୍ୱଶୂର ଏବଂ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଅନ୍ୟପକ୍ଷରେ ୩ ମାସର କୁନି ପୁଅ ଏବେ ତା' ଅଜା ଓ ଆଈଙ୍କ ପାଖରେ ରହିଛନ୍ତି।

# ପତ୍ରପଡା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ଠାକୁରମୁଣ୍ଡା , (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ଚମ୍ପାର ସ୍ଥିତ ପତ୍ରପଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି ।ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ଓ ମୁଖ୍ୟ ବକ୍ତା ବିଇଓ ରାମଚନ୍ଦ୍ର ନାଏକ, ବିଶିଷ୍ଟ ସମ୍ମାନିତ ଅତିଥି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ,ସମାଜ ସେବୀ ପଦ୍ମଲୋଚନ ନନ୍ଦ ଯୋଗଦେଇ ଉଦବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଜଗନ୍ନାଥ ବେହେରା ଅତିଥି ପରିଚୟ କରିଥିଲେ ।ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବିଶ୍ୱ ଡ଼ାଉନ ସିଣ୍ଡ୍ରୋମ ଦିବସ ପାଳିତ

ଭଦ୍ରକ,(ସବ୍ୟୁ):ପୁର୍ନବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର),ଜିଲ୍ଲା ଭିନକ୍ଷମ ପୁର୍ନବାସ କେନ୍ଦ୍ର (ଡିଡିଆରସି) ଓ ସିଆରଏସ୍ଆର ସ୍ୱତନ୍ତ୍ର ବିଏଡ଼ କେଲେଜ (ଆଇଡ଼ି) ମିଳିତ ଆନୁକୁଲ୍ୟରେ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ବିଶ୍ୱ ଡ଼ାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼.ଭଗବାନ ପରିଡ଼ା ଯୋଗଦାନ କରିବା ସହିତ ଅନ୍ୟାନ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଯୁଗ୍ମ ସଚୀବ,ଏସ୍ଏସ୍ଇପିଡ଼ି,ଓଡ଼ିଶା, ଅମ୍ବିକା ପ୍ରସାଦ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ,ଅଧାପକ ଅରୁଣ କୁମାର ଲେଙ୍କା,ଅବସରପ୍ରାପ୍ତ ଅଧାପିକା ବାସନ୍ତି ନାୟକ,ଡ଼ା.ଦେବରାଜ ପାଣିଗ୍ରାହୀ ଓ ସିଆରଏସ୍ଆରର ପ୍ରକଳ୍ପ ସଂଯୋଜକ ପ୍ରମୋଦ କୁମାର ନାୟକ ଯୋଗଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଟେକ୍ନିକାଲ୍ ସେସନ୍‌ର,ପ୍ରଫେସନାଲ ଫିଜିଓଥେରାପିଷ୍ଟ ସଞ୍ଜଜ କୁମାର ବେହେରା,କ୍ଲିନିକାଲ୍ ସାଇକୋଲଜିଷ୍ଟ ସୁମନ୍ ଜେନା,ସ୍ୱତନ୍ତ୍ର ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଏହି ଡ଼ାଉନ ସିଣ୍ଡ୍ରୋମ ଦିବସ ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ଭାବରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଶାରିରୀକ ଶିକ୍ଷକ ରୋଜନ୍ଦ୍ର କୁମାର ବିଶ୍ୱାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼.ପରିଡ଼ା ଡ଼ାଉନ ସିଣ୍ଡ୍ରୋମ କଣ ଓ ଏହାର କାରଣ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରିଥିଲେ। ଶ୍ରୀପଟ୍ଟନାୟକ ଡ଼ାଉନ ସିଣ୍ଡ୍ରୋମର ନିରାକରଣ ଉପେର ଆଲୋକପାତ କରିଥିଲେ। ଶ୍ରୀରାୟ ଡ଼ାଉନ ସିଣ୍ଡ୍ରୋମ ପିଲାମାନଙ୍କର କିପରି ଥଇଥାନ କରିବା ସହିତ ସେମାନଙ୍କୁ କିପରି ଅନ୍ୟ ପିଲାମାନଙ୍କ ସହିତ ସାମିଲ ହୋଇପାରିବେ ତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅଧାପକ ଶ୍ରୀଲେଙ୍କା ଡ଼ାଉନ ସିଣ୍ଡ୍ରୋମ ପିଲାମାନଙ୍କ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବାପାଇଁ ପ୍ରାଧାନ୍ୟ ଦେଇଥିଲେ। ଅଧାପିକା ଶ୍ରୀମତୀ ନାୟକ,ବିଜ୍ଞାନ ସମ୍ମତ କାରଣ ଉପରେ ଆଲୋଚନା କରି ଡ଼ାଉନ ସିଣ୍ଡ୍ରୋମ ପିଲାମାନଙ୍କୁ ସଶକ୍ତିକରଣ କରିବା ପାଇଁ ପରିବାରର ମୁଖ୍ୟ ଭୂମିକା ରହିଛି ବୋଲି ମତପୋଷଣ କରିଥିଲେ। ଡ଼ା ପାଣିଗ୍ରାହୀ ଏହି ଶ୍ରେଣୀର ପିଲାମାନଙ୍କୁ କିପରି ଭାବରେ ଯତ୍ନ,ସେବା ଓ କିଭଳି ଚିକିତ୍ସା ପ୍ରଦାନ କରାଯାଇପାରିବ ତାହା ଉପରେ ବର୍ଣ୍ଣନା କରିଥିଲେ। ପରିଶେଷରେ ଶ୍ରୀଗୋପାଳ ଚନ୍ଦ୍ର ନାୟକ ଉପସ୍ଥିତ ଅତିଥି,ଭିନକ୍ଷମ ପିଲା ମାନଙ୍କର ଅଭିଭାବକ, ବିଭିନ୍ନ ସାମାଜିକ ସଂଗଠନରୁ ଆସିଥିବା ପ୍ରତିନିଧି ଓ କର୍ମକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମକୁ ସିଆରଏସ୍ଆରର ସମସ୍ତ କମର୍ଚାରୀ ପରିଚାଳନା କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ସହର ନିକଟବର୍ତ୍ତୀ ଯୁଧିଷ୍ଠିରପୁର ଠାରେ ଥିବା ପଦ୍ମାବତୀ ୱାଟର ପାର୍କ ପରିସରରେ ଆୟୋଜିତ ଜାତୀୟ ସଂହତି ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଓଡ଼ିଶା ସମେତ ଭାରତର ୨୦ଟି ରାଜ୍ୟରୁ ୨୩୬ଜଣ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ୩୨ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ । ଏହି ଶିବିରରେ ୭ଦିନ ମଧ୍ୟରେ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଆଲୋଚନା ହେବା ସହ ନୃତ୍ୟ , ସଂଗୀତ, ତର୍କ, ରଙ୍ଗୋଲି ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱରର ଚାନ୍ଦିପୁରସ୍ଥିତ ଡିଆରଡ଼ିଓ, ଇମାମୀ ଜଗନ୍ନାଥ ମନ୍ଦିର ସମେତ ଫକୀରମୋହନ ବିଶ୍ୱବିଦ୍ୟାଳୟର ୬ଟି ସଂଗ୍ରହାଳୟ ପ୍ରଭୃତି ସ୍ଥାନକୁ ସ୍ୱେଚ୍ଛାସେବୀମାନେ ଭ୍ରମଣରେ ଯାଇ ବାସ୍ତବ ଜ୍ଞାନ ସଂଗ୍ରହ କରିଥିଲେ । ଏହି ଶିବିରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏନ୍‌ଏସ୍‌ଏସ୍, ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୁବ ଅଧିକାରୀ ଅଜିତ କୁମାର କୁସୱା, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରଫେସର ବିଷ୍ଣୁପ୍ରସାଦ ଦାସ, ଡିଆଇଜିଓର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ନିଳାଦ୍ରୀ ରାୟ, ଡକ୍ଟର ସ୍ମିତି ରଞ୍ଜନ ଦାସ, ଡକ୍ଟର ଜଗବନ୍ଧୁ ମିଶ୍ର, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା, ଭଦ୍ରକର କମଳାକାନ୍ତ ଓଝାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ପ୍ରତିମା ପ୍ରଧାନ, ଡକ୍ଟର ଜଗନ୍ନାଥ ବେହେରା, ଶ୍ରୀ ହରିଶଙ୍କର ପାଣିଗ୍ରାହୀ, ଡକ୍ଟର ଅନାମଚରଣ ରାଉଳ, ଡକ୍ଟର ଲେଖାରାଣୀ ଦାସ, ରସାନନ୍ଦ ବାଗ, ମାନସ କୁମାର ପଣ୍ଡା, ଜେନାମଣି ସାହୁ, ଅଶ୍ରୁମୋଚନ ବାରିକ,ନିଖିଲ ପାଣିଗ୍ରାହୀ, ପ୍ରଦୀପ କୁମାର ମୁଦୁଲି, ତାପସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨ ଗୋରୁ ବୋଝେଇ ପିକଅପ୍ ଜବତ : ଜଣେ ଗିରଫ

ସୋର, (ସବ୍ୟୁ) : ସୋର ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅସିମିଳା ଛକ ନିକଟରେ ଚଢ଼ାଉ କରାଯାଇ ଦୁଇଟି ପିକଅପ୍ ଭ୍ୟାନ ଜବତ କରାଯିବା ସହିତ ୩୮ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗତକାଲି ରାତିରେ ଓଡ଼ି୦୧ ପି ୫୬୨୬ ଓ ଓଆର ୦୧ ଟି ୨୧୬୪ ନମ୍ବର ବିଶିଷ୍ଟ ଦୁଇଟି ପିକଅପରେ ବେଆଇନ ଭାବେ ବେଲପୁରରୁ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବାର ଖବର ପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ଶୁଭସ୍ମିତା ପାଲ,ଏଏସଆଇ ନନ୍ଦକିଶୋର ବିଶ୍ୱାଳ, କେଶବ ଚନ୍ଦ୍ର ବେଶ୍ରା, କନେଷ୍ଟବଳ ରାଜେନ୍ଦ୍ର ହାଁସଦା, ମାହା ହେମ୍ବ୍ରମ,ଜୟସେନ ମୁଦୁଲି ପ୍ରମୁଖ ଅସିମିଳା ଛକ ନିକଟରେ ଚଢ଼ାଉ କରିଥିଲେ। ପରେ ଉକ୍ତ ଗାଡିରେ ୩୮ ଟି ଗୋରୁ ବେଆଇନ ଭାବେ ଚାଲାଣ ହେଉଥିବା ଜାଣିପାରି ଗାଡି ଦୁଇଟିକୁ ଜବତ କରି ଥାନାରେ ରଖିବା ସହିତ ୩୬ଟି ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛଡା ଯାଇଥିବା ଜଣାପଡିଛି। ଅନ୍ୟ ଦୁଇଟି ଗୋରୁ ମୃତ୍ୟୁ ବରଣ କରିଥିବା ପୁଲିସ ସୂଚନା ଦେଇଛି। ଏହି ଚଢ଼ାଉ ସମୟରେ ଅନ୍ୟମାନେ ଖସି ଯାଇଥିବା ବେଳେ ବେଲପୁର ଗ୍ରାମରଏସକେ ସଲ୍ଲାମୁଦ୍ଦିନକୁ ପୁଲିସ କାବୁ କରି ଥାନାରେ ଅଟକ ରଖିଥିଲେ। ଏ ବାବଦରେ ପୁଲିସ ୨୪୦/୨୪ରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ନ ରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ସଲ୍ଲାମୁଦ୍ଦିନକୁ କୋର୍ଟ ଚାଲାଣ କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ନବନିର୍ମାଣ କୃଷକ ସଂଗଠନର ବଡ଼ସାହି ନିର୍ବାଚନ ମଣ୍ଡଳୀସ୍ତରୀୟ ସଭା

ବେତନଟୀ , (ସବ୍ୟୁ) : ବୈଶିଙ୍ଗା ଥାନା ଅଧୀନ ଶାଳ ଗାଁ ପଞ୍ଚାୟତ ର ବାତ୍ୟା ଆଶ୍ରୟ ସ୍ଥଳୀରେ ନବର୍ନିମାଣ କୃଷକ ସଂଗଠନ ତରଫରୁ ବଡ଼ସାହି ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଭା ଆୟୋଜନ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟତଃ ଧାନର ମୂଲ୍ୟ ବୃଦ୍ଧି, ଚାଷୀଙ୍କ ସୁରକ୍ଷା ଭତ୍ତା, ଭାଗ ଚାଷୀ ମାନଙ୍କ ସମସ୍ୟା ସହିତ ଧାନ ମଣ୍ଡିରେ ଦୁର୍ନୀତି ବନ୍ଦ ସହିତ ଅନେକ ଦାବି ପାଇଁ ଆଉ ସରକାର ପାଖରେ ହାତ ନ ପତେଇ ନିଜେ ଚାଷୀ ସରକାର କରିବାକୁ ଉକ୍ତ ସଭାରେ ଆଲୋଚନା ହୋଇଥିଲା। କୌଣସି ଦଳର ପତାକା ନଧରିବାକୁ ଚାଷୀ ଭାଇ ଓ ମା ମାନେ ସଂଗଠନ ତରଫରୁ ସଂଙ୍କଳ୍ପ ମଧ ନେଇଥିଲେ । ଆମର ଦରକାର-ଚାଷୀ ସରକାର କୁ ସଫଳ କରିବା ଉଦ୍ଦେଶ୍ୟରେ ବେତନଟୀ ବ୍ଲକ ସଭାପତି ପ୍ରଶାନ୍ତ କରଣ, ଉପସଭାପତି ପଦ୍ମଲୋଚନ ମହାନ୍ତ, ବଡ଼ସାହି ବ୍ଲକ ସଭାପତି ରାମକୃଷ୍ଣ ନାଏକ, ଉଦଳା ମହିଳା ସଭାପତି ରାଇମଣୀ ବିଶ୍ୱାଳ ସହିତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।ପଞ୍ଚାୟତ ଦାଇତ୍ୱରେ ମହିଳା ସଭାପତି ରଞ୍ଜିତା ସାସମଲ, ଉପସଭାପତି ପୁଷ୍ପଲତା ଗିରି, କୋଷାଧକ୍ଷ ସବିତା ଗିରି, ଭଗବାନ ଅଧିକାରି, ଶ୍ରୀନାଥ ସିଂ,ଶୁସିଳା ସିଂ ଶ୍ରବଣ ଛାଟିଆ ପରି ଅନେକ ନେତୃତ୍ୱ ଚାଷୀ ଦଳରେ ସାମିଲ ମଧ ହୋଇଥିଲେ।

# ରାଷ୍ଟ୍ରୀୟ କଳା ମଞ୍ଚର ଜିଲ୍ଲାସ୍ତରୀୟ ପ୍ରତିଭା ସଂଗମ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ତରଫରୁ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ କଳାମଂଚ ପ୍ରତିଭା ସଂଗମ କାର୍ଯ୍ୟକ୍ରମ ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ କଳାମଂଚର ରାଷ୍ଟ୍ରୀୟ ସହସଂଯୋଜକ ପ୍ରିୟରଂଜନ ରାଉତ, ମୁଖ୍ୟ ବକ୍ତାଭାବେ ରାଜ୍ୟ ସହସମ୍ପାଦକ ଶୁଭ୍ରସମ୍ବିତ ନାୟକ,ସମ୍ମାନୀତ ଅତିଥିଭାବେ ବାଲେଶ୍ୱର ନଗର ସଭାପତି ଡକ୍ଟର ଲେଖାରାଣୀ ଦାସ, ଜିଲ୍ଲା ସହସଂଯୋଜକ ସଂଜୀବ କୁମାର ମହାରଣା, ବିଭାଗ ସଂଗଠନ ସମ୍ପଦକ ସମ୍ବିତ ପ୍ରସାଦ ରାଉତ, ବିଚାରକ ଭାବରେ ସଂଗୀତଜ୍ଞ ବିଶ୍ୱମ୍ବର ପ୍ରହରାଜ ନୃତ୍ୟଶିଳ୍ପୀ ରାମ୍ୟା ହୁଇ, ଚିତ୍ରକାର ଦେବାଶିଷ ସାହୁ ପ୍ରମୁଖ ଏବଂ ପ୍ରତିଭା ସଂଗମ ସଂଯୋଜିକା ଗୀତାଞ୍ଜଳୀ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସଂଗୀତ ନୃତ୍ୟ, ନାଟକ, ରଙ୍ଗୋଲୀ, କବିତା ଆବୃତ୍ତି, ପାରମ୍ପରିକ ବେଶଭୂଷା ପ୍ରଦର୍ଶନ ଆଦି, କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରତିଯୋଗୀମାନେ ପ୍ରଥମ ଓ ଦ୍ୱିତୀୟସ୍ଥାନ ଯେଉଁମାନେ ଅଧିକାର କରିଛନ୍ତି ସେମାନେ ମାର୍ଚ୍ଚ ୧୯ରୁ ୨୧ ତାରିଖ ମଧରେ ଭୂବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ସଂଗମ କାର୍ଯ୍ୟକ୍ରମରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି।

# ଲଣ୍ଡାପଦରରେ ଷୋହଳ ପ୍ରହର ନାମଯଜ୍ଞ

ଘଣ୍ଟାପଡା, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତର ଲଣ୍ଡାପଦର ଗ୍ରାମରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବହୁ ଆଡ଼ମ୍ବରରେ ଷୋହଳ ପ୍ରହର ନାମଯଜ୍ଞ ଶନିବାର ଆରମ୍ଭ ହୋଇଯାଇଛି। ସେଥିପାଇଁ ଶୁକ୍ରବାର ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ମାଧମରେ ଗ୍ରାମର ଶ୍ରଦ୍ଧାଳୁ ମହିଳାମାନଙ୍କୁ ନେଇ ଏକ କଳସ ଯାତ୍ରା ଗ୍ରାମ୍ୟ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରି ଶନିବାର ନାମଯଜ୍ଞ ସକାଳୁ ଆରମ୍ଭ କରାଯାଇଛିଛ ଆସନ୍ତା ସୋମବାର ଦିନ ପୂର୍ଣ୍ଣାହୁତି ହେବା ନେଇ କମିଟି ସଦସ୍ୟ ଯୋଗୀରାମ ରଣା ପ୍ରକାଶ କରିଛନ୍ତି। ଉକ୍ତ ନାମଯଜ୍ଞରେ ଯଜ୍ଞାଚାର୍ଯ୍ୟ ଭାବେ ପଣ୍ଡିତ ପ୍ରତାପ ପାଣିଗ୍ରାହୀ ଏବଂ ପୁରୋହିତ ଭାବେ ପପୁନ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିବା ସ୍ଥଳେ ବଶିଷ୍ଟ ରଣା ଓ ପତ୍ନୀ ପଦ୍ମାଳୟା ରଣା କାର୍ଯ୍ୟ କର୍ତ୍ତା ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ । ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିକାଶ ରେସିଡେନ୍ସିଆଲ କଲେଜ ପକ୍ଷରୁ ଭାଟ୍ ପରୀକ୍ଷା

ଭବାନୀପାଟଣା (ସବ୍ୟୁ) : ଭବାନୀପାଟଣା ବିକାଶ ଉଇସଡମ ପାର୍କରେ ସିବିଏସ୍ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଭାଟ୍ ବିକାଶ ଆପଟିଚ୍ୟୁଡ୍ ଟେଷ୍ଟ ଅନୁଷ୍ଠିତ ହୋଇଥିଲାଛ ଏଥିରେ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଭବାନୀପାଟଣାର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମିକ ଇନ୍‌ଚାର୍ଜ ଡି. ବିଜୟା, ବିକାଶ ଉଚ୍ଚମାଧମିକ ସ୍କୁଲର ଅଧକ୍ଷ ଯୁବରାଜ ନାୟକ ଓ ବିକାଶ ଆବାସିକ ସ୍କୁଲର ଅଧକ୍ଷା ଆରତୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଭାଟ୍ ପରୀକ୍ଷାରେ କଳାହାଣ୍ଡି ସମେତ ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ପ୍ରଭୃତି ଜିଲ୍ଲାରୁ ପ୍ରାୟ ୩ଶହରୁ ଅଧିକ ବିଦ୍ୟାର୍ଥୀ ଭାଗ ନେଇଥିଲେ ଅଧକ୍ଷା ଆରତି ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ ।

**ହଜିଯାଇଛି**

ମୁଁ ଶ୍ରୀ ସନ୍ତୋଷ କୁମାର ସାମନ୍ତରା, ପିତା: ସ୍ୱ ଉଦୟନାଥ ସାମନ୍ତରା, ବୟସ: ପ୍ରାୟ ୩୮ ବର୍ଷ, ବାସସ୍ଥାନ: ଫ୍ଲାଟ ନଂ.୨୦୧, ବୃନ୍ଦାବନ ଆପାର୍ଟମେଣ୍ଟ, ବରାଳ ଲେନ୍, ବିକାଶ ନଗର, ବାଦାମବାଡ଼ି, ପୋ.ଅ: ଏ.ଡି. ମାର୍କେଟ, ଥାନା: ବାଦାମବାଡ଼ି, ଜିଲ୍ଲା: କଟକ ଏତଦ୍ୱାରା ଘୋଷଣା କରୁଛି ଯେ, ଏକ ଅସଲି କବଲା, ଯାହାର ନମ୍ବର ୧୦୩୯୧୩୦୩୦୦୬, ତା.୧୦.୦୪.୨୦୧୩, ଖାତା ନମ୍ବର-୪୫୪ ଏବଂ ୪୫୫, ପ୍ଲଟ୍ ନମ୍ବର-୧୫୫/୬୭୧ ଏବଂ ୧୫୫/୬୭୨, ଏରିଆ : ୦.୦୫୩ ଡିସିମିଲ, ମହଲା: ୟୁନିଟ୍ ନମ୍ବର ୩୭, ବାଦାମବାଡ଼ି, କିସମ: ଘରବାରି, ଯାତାୟାତ ବେଳେ ହଜିଯାଇଛି । ମୁଁ ଆହୁରି ଜଣାଉଛି ଯେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆର୍ଏଏସ୍ଏମ୍ଇସି, କଟକ କୋଡ୍-୧୦୦୮୨ରୁ ଗୃହ ଋଣ ପ୍ରାପ୍ତ କରିବା ପାଇଁ ଉକ୍ତ ସମ୍ପତ୍ତିକୁ ବନ୍ଧକ ରଖିବାକୁ ଇଚ୍ଛା କରୁଅଛି । ଯଦି କୌଣସି ବ୍ୟକ୍ତି ଏହା ପାଇଛନ୍ତି, ଦୟାକରି ଅସଲି କବଲାଟିକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆର୍ଏଏସ୍ଏମ୍ଇସି, କଟକକୁ ଫେରସ୍ତ କରନ୍ତୁ କିମ୍ବା ମୋବାଇଲ ନମ୍ବର ୯୮୫୩୩୩୩୪୮୮୯ ରେ ମୋ ସହିତ ଯୋଗାଯୋଗ କରନ୍ତୁ ।

Leadership and beyond

ଦି ନ୍ୟୁ ଇଣ୍ଡିଆ ଏସ୍ୟୋରେନ୍ସ କମ୍ପନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

**ଟେଣ୍ଡର ରେଫ. ସଂ: ବିବିଏସ୍ଆରଓ/କଟକ ଡିଷ୍ଟ ଓଓ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୪୦୧**

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର କଟକ ଜିଲ୍ଲା ଶାଖା କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ **୧୦୦୦-୧୨୦୦ ବର୍ଗଫୁଟ** କାର୍ପେଟ ଏରିଆର ବ୍ୟବସାୟିକ ଗୃହ ତଳ କିମ୍ବା ପ୍ରଥମ ମହଲାରେ ଲିଜ୍ ଭିତ୍ତିରେ ଜଉମୁଦ ଦିଆ ଲଫାପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି।

**ଅବସ୍ଥିତି:** ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ରାସ୍ତା ପାର୍ଶ୍ୱରେ ହୋଇଥିବା ଆବଶ୍ୟକ, ଯାହାକି ଲିଙ୍କ ରୋଡ କିମ୍ବା ବକ୍ସିବଜାର ରୋଡରେ ହୋଇଥିବା ଆବଶ୍ୟକ।

ଟେଣ୍ଡର କାଗଜପତ୍ର (କଟକ ଜିଲ୍ଲା ଶାଖା କାର୍ଯ୍ୟାଳୟ, ଅରୁଣୋଦୟ ମାର୍କେଟ ବିପରୀତ, ଲିଙ୍କ ରୋଡ, କଟକ-୭୫୩୦୧୨) କାର୍ଯ୍ୟାଳୟରୁ **ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦** ମଧରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ୍ **www.newindia.co.in (public notice section)**ରୁ ମଧ ଡାଉନଲୋଡ୍ କରାଯାଇପାରିବ।

**ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୦୧.୦୪.୨୦୨୪ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।**

ସ୍ୱା/- ଉପ ମହା-ପ୍ରବନ୍ଧକ

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।



ଭାରତ ସରକାର ଙ୍କ ଇସ୍ପାତ ମନ୍ତ୍ରାଳୟ ଅଧିନସ୍ଥ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରିତମ୍ ପୁରକାୟସ୍ଥଙ୍କ 'ନାଲୋକ'ର ମାନବ ସମ୍ବଳ ନିର୍ଦ୍ଦେଶକ ଜଗଦୀଶ ଆରୋରାଙ୍କ ସହ ସୋଜନ୍ୟମୂଳକ ସାକ୍ଷାତ ।

# ଜଟଣୀ କଲେଜ ଦୁଇ ଅଧ୍ୟାପକଙ୍କ ମଧ୍ୟରେ ପିଟାପିଟି

ଜଟଣୀ(ସ.ବ୍ୟୁ): ଜଟଣୀ କଲେଜ ପଦାର୍ଥ ବିଜ୍ଞାନ ବିଭାଗର ଦୁଇ ଅଧ୍ୟାପକଙ୍କ ମଧ୍ୟରେ ଶନିବାର ଧୁମ୍ ପିଟାପିଟି ହୋଇଥିଲା। କଲେଜ ପରିସରରେ ବିଭାଗର ଥିବା ଲାବରୋଟରୀ ମଧ୍ୟରେ ଦିନପ୍ରାୟ ସାଢ଼େ ୧୧ଟାରେ ଏହା ଘଟିଥିଲା । ଏଥିରେ ଜଣେ ଅଧ୍ୟାପକ ଆହତ ହୋଇଛନ୍ତି । ବିଭାଗର ଦୁଇ ଅଧ୍ୟାପକ ଆଶ୍ଚର୍ଯ୍ୟ କର ଓ ଶୁଭାଶିଷ ନନ୍ଦଙ୍କ ମଧ୍ୟରେ ଏପରି ଘଟିଛି । ଏଥିରେ ଶୁଭାଶିଷଙ୍କ ମୁଣ୍ଡ ଫାଟିଯିବା ସହିତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ସେ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ଆଜି ତାଙ୍କ ଉପରେ ହୋଇଥିବା ଆକ୍ରମଣ ନେଇ ସେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି । ଇନ୍ସପେକ୍ଟର ସୌମ୍ୟକାନ୍ତ ବଳିଆରସିଂହ କହନ୍ତି ଉଭୟ ଅଭିଯୋଗକୁ ଆଧାର କରି ତଦନ୍ତ କରାଯାଉଛି ।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରବାସୀ ଯୁବ ଓଡ଼ିଆ ସମ୍ମିଳନୀ

# ଓଡିଶାରେ 'ଡବଲ ଇଞ୍ଜିନ ସରକାର' ଗଠନ ପାଇଁ ସଂକଳ୍ପ ନେଲେ ପ୍ରବାସୀ ଯୁବ ଓଡ଼ିଆ



ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳ ସରକାର ଓଡ଼ିଶାରେ ୨୪ବର୍ଷ ଶାସନରେ ରହି ମଧ ଓଡ଼ିଶାର ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି ।ମୋଦି ସରକାରଙ୍କ ଗ୍ୟାରେଂଟି ମାଧ୍ୟମରେ ଅନ୍ୟ ରାଜ୍ୟର ଯୁବକ, ଯୁବତୀମାନେ ବିକାଶର ସୁସ୍ୱାଦୁ ଚାଖୁଥିବାବେଳେ ଓଡ଼ିଆ ଏଥିରୁ ବଂଚିତ ହେଉଛି। ଓଡ଼ିଶାରେ ଆଇଟି ତଥା ପ୍ରଯୁକ୍ତି ବିଜ୍ଞାନ ପାଇଁ ଅପାର ସମ୍ଭାବନା ଓ ସୁଯୋଗ ଥିବାବେଳେ ନବୀନ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସାଧାରଣ ଓଡ଼ିଆ ଯୁବକଙ୍କ ନିଯୁକ୍ତି ସୁଯୋଗରୁ ବଂଚିତ ହେଉଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ଆଇଟି ତଥା ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଭାରତବର୍ଷରେ ଏକ ବୈପ୍ଳବିକ ପରିବର୍ତନ ଆସିଛି। ମୋଦିଜୀ ଆଣିଥିବା 'ଡିଜିଟାଲ କ୍ରାନ୍ତି ଜରିଆରେ ଦେଶବାସୀ ଏବଂ ବିଶେଷ ଭାବେ ଯୁବବର୍ଗଙ୍କ ମଧ୍ୟରେ ଶାନ୍ତି ଆଣି ଦେଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସ୍ୱାକ୍ଷରତା ଅଭିଯାନ, ଡିଜିଟାଲ ଇଣ୍ଡିଆ ପାଇଁ ଦକ୍ଷତା ବିକାଶ ଯୋଜନା ଜରିଆରେ ଛାତ୍ରଛାତ୍ରୀ ତଥା ଯୁବବର୍ଗ ଲାଭାନ୍ୱିତ ହେଉଛନ୍ତି । ଓଡ଼ିଶାରେ 'ଡବଲ ଇଞ୍ଜିନ ସରକାର' ଗଠନ ହେଲେ ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ଅଗ୍ରାଧିକାର ଦିଆଯିବ। ଏଣୁ ଆଗାମୀ ଦିନରେ ଓଡ଼ିଆଯୁବ ନିଜ ବୃଦ୍ଧ ମାତା ପିତା ତଥା ନିଜ ପରିବାର ଜନଙ୍କୁ ଛାଡି ଅନ୍ୟ ରାଜ୍ୟକୁ ନିଯୁକ୍ତି ପାଇଁ ଯିବେ ନାହିଁ ଏହାହିଁ 'ମୋଦି ଗ୍ୟାରେଣ୍ଟି । ଅଦ୍ୟାବଧି ମୋଦିଜୀଙ୍କ ନେତୃତ୍ୱରେ ଓଡ଼ିଶାକୁ ଯେତିକି ଆଇଟି କମ୍ପାନୀ ଆସିଛନ୍ତି ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ହେଲେ ଏହା ଦିଗୁଣିତ ହେବ । ଆଜି ରାଜ୍ୟ କାର୍ଯ୍ୟାଳୟରେ ପ୍ରବାସୀ ଯୁବ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପ୍ରବାସୀ ଯୁବ ଓଡ଼ିଆ ଓଡିଶାରେ 'ଡବଲ ଇଞ୍ଜିନ ସରକାର' ଗଠନ ପାଇଁ ସଂକଳ୍ପ ନେଇଛନ୍ତି । ଏହି ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ପ୍ରବାସୀ ଓଡ଼ିଆ ସଂଯୋଜକ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସଜେଇ ହେଲାଣି ପାତ୍ରପଡ଼ା ମେଳଣ ପଡ଼ିଆ

## ସୋମବାର ରାଜଧାନୀ ଅପେରାର ଯାତ୍ରା



ଭୁବନେଶ୍ୱର (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ା ଗ୍ରାମରେ ଆସନ୍ତା ଦୋଳ ଓ ହୋଲି ଉତ୍ସବ ପାଇଁ ମେଳଣ ପଡ଼ିଆ ସଜେଇ ହେବାରେ ଲାଗିଛି । ପାତ୍ରପଡ଼ାର ଗୋପୀନାଥ ଦେବ ଓ ଭଗବାନପୁରର ମଦନମୋହନ ଫଗୁ ଦଶମୀଠାରୁ ଗାଁରେ ସାହି ସାହି ବୁଲି ଭୋଗ ଖାଉଛନ୍ତି । ରବିବାର ଦିନ ଭୋଗଖିଆ କାର୍ଯ୍ୟକ୍ରମ ସରିବା ପରେ ଜମାଣ ଯାତ୍ରା ଅନୁଷ୍ଠିତ ହୋଇ ଗୋପୀନାଥ ଦେବ, ମଦନମୋହନ, ଚନ୍ଦ୍ରଶେଖର, ରାଧାକୃଷ୍ଣ ଆସି ସ୍ଥାନୀୟ ମେଳଣ ପଡ଼ିଆରେ ଏକତ୍ରୀତ ହେବେ । ରାତି ସୁଦ୍ଧା ପାଖାପାଖି ଗାଁରୁ ବିମାନରେ ଠାକୁର ଆସି ପହଞ୍ଚିବେ । ଏଥିପାଇଁ ବାଜା, ବାଣ ଓ ଡିଜେ ପ୍ରସ୍ତୁତ ସରିଛି । ଘରେ ଘରେ କୁଣିଆ ପହଞ୍ଚିବାରେ ଲାଗିଛନ୍ତି । ସୋମବାରଠାରୁ ବୁଧବାର ୩ ଦିନ ପର୍ଯ୍ୟନ୍ତ ରାଜଧାନୀ ଅପେରାର ଯାତ୍ରା ପରିବେଷଣ କାର୍ଯ୍ୟକ୍ରମ ରହିଛି । ମେଳଣ ପଡ଼ିଆରେ ଜଳଖିଆ ଦୋକାନ, ମନୋହରୀ ଦୋକାନ, ପିଲାମାନଙ୍କ ପାଇଁ ଦୋଳିର ଆୟୋଜନ କରାଯାଇଛି । ସ୍ଥାନୀୟ କର୍ପୋରେଟର ରଶ୍ମୀରଞ୍ଜନ ପାଟଶାଣୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆଗେଇ ଚାଲିଛି ଓ ଏହି ଯାତ୍ରାରେ ବହୁ ସଂଖ୍ୟାରେ ଯୋଗଦେବାକୁ ଗୋପୀନାଥ ମେଳଣ କମିଟି ପକ୍ଷରୁ ଅସୁରୋଧ ଜଣାଇଛନ୍ତି ।

# ଜୀ ସାର୍ଥକରେ ହୋଲି ସ୍ପେଶାଲ ପ୍ରୋଗ୍ରାମ ରଙ୍ଗ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ସବୁଥର ପରି ଜୀ ସାର୍ଥକର ଏଥର ହୋଲି ମଧ ହେବ ସ୍ମରଣୀୟ କାରଣ ଆପଣଙ୍କୁ ବୋଳିବ ସମ୍ପର୍କର ଭିନ୍ନ ଏକ ରଙ୍ଗ । ପ୍ରଥମଥର ପାଇଁ ଓଡ଼ିଶା ଟେଲିଭିଜନ ଜଗତରେ ଏଥର ହୋଲିରେ ଦର୍ଶକ ଦେଖିବେ ତିନି ଘଣ୍ଟାର ଏକ ନିଆରା କାହାଣୀ ଯେଉଁଥିରେ 'ସୁନା ଝିଅ', 'ଶ୍ରୀ' ଓ 'ତୁ ଖରା ମୁଁ ଛାଇ' ପରି ଲୋକପ୍ରିୟ ମେଗା ଧାରାବାହିକର ପ୍ରିୟ ଚରିତ୍ରମାନଙ୍କର ମିଳନ ହୋଇଛି ଶ୍ରୀଚନ୍ଦନପୁରରେ ସର୍ବ ପୁରାତନ ରାଧାକୃଷ୍ଣ ମନ୍ଦିରର ପୁନଃ ପ୍ରତିଷ୍ଠା ଉତ୍ସବରେ । ଅପ୍ରତ୍ୟାଶିତ ଭାବରେ ପ୍ରିୟା, ମାନିନୀ ଓ ଶ୍ରୀ ଙ୍କ ଚରିତ୍ର ଶ୍ରୀଚନ୍ଦନପୁରର କାହାଣୀରେ ଯୋଡି ହୋଇଯାଇଛନ୍ତି । ଗାଁର ମୁଖ୍ୟ ଦର୍ପନାରାୟଣ ଓ ଗ୍ରାମବାସୀ ମିଶି ମନ୍ଦିରର ପୁନଃ ଉଦ୍ଧାର କରିବା ସହ ମନ୍ଦିର ପାଇଁ ସୁନା ଓ ହୀରା ଅଳଙ୍କାର, ମୂର୍ତ୍ତି ପାଇଁ ପାଣ୍ଠି ଯୋଗାଇବାକୁ ଯୋଜନା କରିଛନ୍ତି । କିନ୍ତୁ ଏହାକୁ ଦର୍ପନାରାୟଣଙ୍କ ଭାଇ ରବିନାରାୟଣ ବିରୋଧ କରୁଛନ୍ତି ଓ ସେପଟେ ମନ୍ଦିରରେ ପୂଜା ପାଇଁ ସମସ୍ତେ ପ୍ରସ୍ତୁତ ହେଉଥିବା ବେଳେ, ପର୍ବ ଦିନ ଅର୍ଥାତ ଦୋଳ ଉତ୍ସବ ଦିନ ହିଁ ମନ୍ଦିରରୁ ସମସ୍ତ ଅଳଙ୍କାର ଏବଂ ଦେବତାଙ୍କ ମୂର୍ତ୍ତି ନିଖୋଜ ହୋଇଯାଇଛି । ଗାଁରେ ବିଶୃଙ୍ଖଳା ଆରମ୍ଭ ହୋଇଯାଇଛି ଓ ପରିସ୍ଥିତି ଏପରି ହୋଇଛି ଯେ ସମସ୍ତଙ୍କ ପ୍ରିୟ ଶିଶୁ କଳାକାର ମିଠି, ଅଂଶୀକା ଏବଂ ବଂଶିକା ମିଶି ପ୍ରକୃତ ଦୋଷୀକୁ ଧରିଛନ୍ତି ହେଲେ କିପରି ଧରିଛନ୍ତି ତାହା ହୋଇଛି ଅତ୍ୟନ୍ତ ରୋଚକ । ସମସ୍ତ ବିଶୃଙ୍ଖଳା ମଧ୍ୟରେ, ଗାଁ ହୋଲିର ପରିବେଶ ପୁରା ରଙ୍ଗୀନ ହୋଇଛି ଓ ପୁରା ଗାଁ ପାଳନ କରିଛି ରଙ୍ଗ ମହୋତ୍ସବ । ଏହି କାର୍ଯକ୍ରମରେ ସମ୍ପର୍କର ବିଭିନ୍ନ ରଙ୍ଗକୁ ଏକ ନୂଆ ଢଙ୍ଗରେ ପରିବେଷଣ କରାଯାଇଛି । ଏହି ସ୍ପେଶାଲ ହୋଲି ପ୍ରୋଗ୍ରାମରେ ଜୀ ସାର୍ଥକର ବଡ ବଡ ସେଲିବ୍ରିଟି ଅଭିନୟ କରିବା ସହ ରଙ୍ଗ ମହୋତ୍ସବ ମାଧ୍ୟମରେ ଆପଣଙ୍କୁ ଆମୋଦିତ କରିବେ, ଯେଉଁଥିରେ ଅଛି ଭରପୁର ମନୋରଞ୍ଜନ ଓ ଏକ ମନଛୁଆଁ କାହାଣୀ । ମାର୍ଚ୍ଚ ୨୪ ତାରିଖ ସନ୍ଧ୍ୟା ସାଢେ ୬.୩୦ମି. ରେ ଦେଖିବାକୁ ପାଇବେ ଆମର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଲି ରଙ୍ଗ ମହୋତ୍ସବ ।



## ନୀଳଗିରିରେ ବେଲଜିୟମ ପର୍ଯ୍ୟଟକ ଥିଏରି

# ଦେମନ୍‌ସେଉ : ଓଡ଼ିଆ ଖାଦ୍ୟକୁ କଲେ ଭୁରି ଭୁରି ପ୍ରଶଂସା

ନୀଳଗିରି, (ସବ୍ୟୁ) : ନୀଳଗିରିକୁ ପ୍ରତ୍ୟେକ ଦିନ ବିଦେଶୀ ପର୍ଯ୍ୟଟକମାନେ ଆସୁଥିବା ଦେଖିବାକୁ ମିଳୁଛି । ନୀଳଗିରି ଅଞ୍ଚଳର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଥିବା ବେଳେ ଏଠାରେ ଥିବା ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଶ ଓ ଶୋଭାରେ ନିଜକୁ ହଜାଇ ଦେବା ନିମନ୍ତେ ବହୁ ପର୍ଯ୍ୟଟକ ସାମୁହିକ ଭାବେ ପରିଭ୍ରମଣରେ ଆସୁଥିବା ଜଣାଯାଏ । ଗତ ଶୁକ୍ରବାର ଦିନ ବେଲଜିୟମ ନାଗରିକ ଥିଏରି ଡେମିନ୍ ସେଉ ଗୁଗୁଲର ସହାୟତା ନେଇ ବାଙ୍ଗାଲୋରରୁ ସାଇକେଲରେ ବାହାରି ବିଭିନ୍ନ ରାଜ୍ୟ ହୋଇ ଓଡ଼ିଶାର କେନ୍ଦୁଝର ଜିଲ୍ଲା ହଦଗଡ଼ ଦେଇ ନୀଳଗିରି ପଞ୍ଚ ଲିଙ୍ଗେଶ୍ୱର ଠାରେ ପହଞ୍ଚିଥିଲେ । ହୋଟେଲ ସାଇ ଈଶ୍ୱରୀ ହିଲ୍ ଭିୟୁ ରିସୋର୍ଟରେ ପହଞ୍ଚି ରାତ୍ରି ଯାପନ କରିଥିଲେ । ତାଙ୍କୁ ରିସୋର୍ଟ ତରଫରୁ ଓଡ଼ିଆ ଖାଦ୍ୟ ରୁଟି, ଡାଲମା,ପନିର, ସାଲାଡ, ମିକ୍ସ ଭେଜ ଖାଇବାକୁ ଦିଆଯାଇଥିଲା । ଏହି ଖାଦ୍ୟ ଖାଇ ପର୍ଯ୍ୟଟକ ଜଣକ ଖୁବ୍ ପ୍ରଶଂସା କରିଥିଲେ । ସକାଳେ ହୋଟେଲ ମାଲିକ ମନରଂଜନ ଦାସଙ୍କ ସହିତ କଥାବାର୍ତ୍ତା ହୋଇ ବାଲେଶ୍ୱରର ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହିତ ଡଗରା ବେଳାଭୂମି ହୋଇ କଲିକତା ଯିବେ ବୋଲି ସୂଚନା ଦେଇଛନ୍ତି । ବିଦେଶୀ ପର୍ଯ୍ୟଟକ ଜଣକ ଦୈନିକ ୮୦ ରୁ ୧୦୦ କି.ମି. ସାଇକେଲରେ ଯାତ୍ରା କରୁଥିବା ସୂଚନା ଦେଇଛନ୍ତି । ଏହିଭଳି ଭାବେ ଆଗାମୀଦିନରେ ଯଦି ନୀଳଗିରି ଅଞ୍ଚଳକୁ ବିଦେଶୀ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସନ୍ତି ତେବେ ନୀଳଗିରି ମାଟି ବିଦେଶରେ ପରିଚିତ ହେବା ସହିତ ବେଶ୍ ଜନାଦୃତ ହୋଇପାରିବେ ।

# ନଏଜ ଓ ମାଷ୍ଟରକାର୍ଡ ସହ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ସହଭାଗିତା



ଭୁବନେଶ୍ୱର (ସବ୍ୟୁ): ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ଟଙ୍କା ପଇଠ କରିବାର ଏକ ନୂତନ ମାଧ୍ୟମ ଉନ୍ମୋଚନ କରିବା ପାଇଁ ଭାରତର ଅଗ୍ରଣୀ ସ୍ମାଟର୍‌ଓାଚ୍ ବ୍ରାଣ୍ଡ ନଏଜ୍ ଏବଂ ପେମେଣ୍ଟ କ୍ଷେତ୍ରର ଏକ ଆର୍ନ୍ତଜାତୀୟ ଟେକ୍ନୋଲୋଜି କମ୍ପାନୀ ମାଷ୍ଟରକାର୍ଡ ସହ ସହଭାଗିତା କରିଛି। ଏୟାରଟେଲ ପେମେଂଟ ବ୍ୟାଙ୍କ ସ୍ମାର୍ଟ ୱାଚର ଉନ୍ମୋଚନ କରିବାକୁ ଏହି ତିନି ସଂସ୍ଥା ଏକତ୍ର ହୋଇଛନ୍ତି । ଏହି ନୂଆ ସ୍ମାଟର୍‌ଓାଚ୍ ବର୍ତମାନ ୨୯୯୯ ଟଙ୍କାରେ କ୍ରୟ ପାଇଁ ଉପଲବ୍ଧ ହେବ । ଏୟାରଟେଲ ପେମେଂଟ୍ସ ବ୍ୟାଙ୍କରେ ଏକ ସେଭିଙ୍ଗ୍ସ ଆକାଉଂଟ୍ ଥିବା ଗ୍ରାହକମାନେ ଏୟାରଟେଲ ଥ୍ୟାଙ୍କସ୍ ଆପ୍‌ରୁ ଏହି ସ୍ମାର୍ଟ ୱାଚ୍ କିଣିପାରିବେ। ସେହିପରି ବ୍ୟାଙ୍କର ନୂଆ ଗ୍ରାହକମାନେ ଡିଜିଟାଲ ମାଧ୍ୟମରେ ଏୟାରଟେଲ ଥ୍ୟାଙ୍କସ୍ ଆପ୍‌ରେ ଏକ ବ୍ୟାଙ୍କ ଆକାଉଂଟ୍ ଖୋଲି ତତ୍କାଳ ସ୍ମାର୍ଟ ୱାଚ୍ ଅର୍ଡର କରିପାରିବେ। ସେମାନେ ଏହି ୱାଚ୍‌କୁ ଥ୍ୟାଙ୍କସ୍ ଆପ୍ ମାଧ୍ୟମରେ ନିଜ ସେଭିଙ୍ଗ୍ସ ବ୍ୟାଙ୍କ ଆକାଉଂଟ୍ ସହ ଲିଙ୍କ୍ କରି କେବଳ ଏକ ମିନିଟ୍‌ରେ ଆକ୍ଟିଭେଟ କରିପାରିବେ। ଥରେ ଲିଙ୍କ୍ ହେବା ପରେ ଉପଭୋକ୍ତାମାନେ ଟ୍ୟାପ୍ ଏନ୍ ପେ' ସୁବିଧା ସହିତ ପଏଂଟ୍ ଅଫ୍ ସେଲ୍ (ପିଓଏସ୍) ମେଶିନ୍‌ଗୁଡିକରେ ୱାଚ୍ ଉପରେ କେବଳ ଟ୍ୟାପ୍ କରି ତତ୍କାଳ ପେମେଂଟ୍ ଆରମ୍ଭ କରିପାରିବେ। ଜଣେ ଗ୍ରାହକ ଏୟାରଟେଲ୍ ପେମେଂଟ୍ସ ବ୍ୟାଙ୍କ ସ୍ମାର୍ଟ ୱାଚ୍‌ର ବ୍ୟବହାର କରି ଦିନକୁ ୧ ଟଙ୍କାରୁ ଆରମ୍ଭ କରି ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଂଟ୍ କରିବାକୁ ସକ୍ଷମ ହେବେ। ଭାରତର ଅଗ୍ରଣୀ ସ୍ମାଟର୍‌ଓାଚ୍ ବ୍ରାଣ୍ଡ ନଏଜ୍ ଦ୍ୱାରା ଏହି ସ୍ମାର୍ଟ ୱାଚ୍‌କୁ ପରିକଳ୍ପନା କରାଯିବା ସହ ଯତ୍ନର ସହିତ ନିର୍ମାଣ କରାଯାଇଛି। ସ୍ୱାସ୍ଥ୍ୟ ଓ ଉତ୍ପାଦକତା ଫିଚରଗୁଡିକର ଏକ ଶୃଙ୍ଖଳା ଏବଂ ଶିଳ୍ପ-ଅଗ୍ରଣୀ ଉଦ୍ଭାବନରେ ସୁସଜ୍ଜିତ ଏହି ସ୍ମାର୍ଟ ୱାଚ୍‌କୁ ସିଧାସଳଖ ୱେୟାରେବୁଲରୁ କଂଟାକ୍ଟଲେସ୍ ପେମେଂଟ୍‌ଗୁଡିକୁ ସକ୍ଷମ କରି ଉପଭୋକ୍ତା ଅନୁଭୂତିକୁ ଅଧିକ ଉନ୍ନତ କରବା ପାଇଁ ଏକ ଆକର୍ଷଣୀୟ ୧.୮୫ ଇଂଚ୍ ସ୍କୋୟାର ଡାଏଲ୍ ସହ ଡିଜାଇନ କରାଯାଇଛି।

## ବରପଦା ବିଏସ୍‌ଇଟି ସୋସାଇଟି

# ସଭାପତି ପଦରୁ ପ୍ରୟାସକାନ୍ତିଙ୍କ ଇସ୍ତଫା

ଭଦ୍ରକ,(ସବ୍ୟୁ) : ଦୀର୍ଘଦିନ ଧରି ବିବାଦୀୟ ସ୍ଥିତି ଲାଗିଥିବା ଭଦ୍ରକ ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଟେକ୍ନୋଲିଜ(ବିଏସ୍‌ଇଟି) ସୋସାଇଟିରୁ ସଭାପତି ପଦରୁ ପ୍ରୟାସକାନ୍ତି ସାମଲ ଶନିବାର ଇସ୍ତଫା ଦେଇଛନ୍ତି। ଏନେଇ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ତାଙ୍କର ଇସ୍ତଫା ଘୋଷଣା କରିବା ସହ ଇସ୍ତଫା ପତ୍ର ସୋସାଇଟିର ସମ୍ପାଦକଙ୍କ ପାଖକୁ ପଠାଇଥିବା କହିଛନ୍ତି। ବର୍ତମାନର ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜର ହିତ ପାଇଁ ସେ ଏହି ନିଷ୍ପତି ନେଇଥିବା କହିଛନ୍ତି। କଲେଜର କେତେକ କର୍ମଚାରୀ ମାନେ ବକେୟା ଦରମା ଓ ବିଏସ୍‌ଇଟି ସୋସାଇଟିକୁ ଭଙ୍ଗ କରିବା ଦାବିରେ ଆନ୍ଦୋଳନ କରି ଆସୁଥିଲେ। ବରପଦା କଲେଜ ଗେଟ୍ ସାମ୍ନାରେ ଆନ୍ଦୋଳନ କରିବା ସହ ପରେ ବରପଦା ବନ୍ଦ ମଧ କରିଥିଲେ। ଏପରିକି ସ୍ଥିତି ନିୟନ୍ତ୍ରଣ ପାଇଁ ଗତ ୨୧ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ କଲେଜ ଗେଟ୍‌ର ଶହେ ମିଟର ପରିଧି ମଧରେ ୧୪୪ ଧାରା ଜାରି କରାଯାଇଛି। ପ୍ରୟାସକାନ୍ତି ଗତ ୨୦୧୦ ମସିହାରୁ ସଭାପତି ପଦରେ ରହିଆସିଥିବା ବେଳେ ସେ ସ୍ୱତଃପ୍ରୋତ ଭାବେ ଏହି ପଦରୁ ଇସ୍ତଫା ଦେଇଥିବା ସମ୍ମିଳନୀରେ ଘୋଷଣା କରିଛନ୍ତି। କଲେଜ, ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି ସେ ଇସ୍ତଫା ଦେଉଛନ୍ତି ବୋଲି କହିଥିବା ବେଳେ ପ୍ରତି ୩ ମାସରେ ଥରେ ଜିଲାପାଳ ପରିଚାଳନା କମିଟି ସହ ବୈଠକ କରି ସମସ୍ତ ଆୟବ୍ୟୟର ତଦାରଖ କରିବାକୁ ସେ ଅନୁରୋଧ କରିଛନ୍ତି। କଲେଜର ସୁନାମ ଫେରିବା ସହ ଶୈକ୍ଷିକ ବାର୍ତାବରଣକୁ ଫେରାଇ ଆଣିବା ପାଇଁ ପରିଚାଳନା କମିଟି ଓ ଶିକ୍ଷା କର୍ମଚାରୀଙ୍କୁ ସେ ଅନୁରୋଧ କରିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଭାରତୀୟ ପୁରୁଷ ହକି ଦଳ

ପୁରୀ (ସବ୍ୟୁ): ପ୍ୟାରିସରେ ଚଳିତ ବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ଅଲମ୍ପିକ ଅନୁଷ୍ଠିତ ହେବ ବୋଲି ଭାରତୀୟ ହକି ଦଳ ପକ୍ଷରୁ ସୂଚନା ମିଳିଛି ।ଭାରତୀୟ ଦଳ ସେଥିରେ ଅଂଶଗ୍ରହଣ ପୂର୍ବରୁ ଚଳିତ ମାସ ୨୯ ତାରିଖରୁ ଦ୍ୱି ପାକ୍ଷିକ ଟେଷ୍ଟ ମ୍ୟାଚ ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏହି ଗସ୍ତ ପୂର୍ବରୁ ଭାରତୀୟ ହକି ଦଳର ସଦସ୍ୟମାନେ ଆଜି ଅପରାହ୍ନରେ ପୁରୀ ରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଯେହେତୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ହକି ଟିମ ର କ୍ୟାମ୍ପ ଚାଲିଥିଲା, ତେଣୁ ସେମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ । ଅପରାହ୍ନ ୨.୩୦ରେ ହକି ଟିମ ପୁରୀ ମାର୍କେଟ ଛକ ଠାରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇ ବେଟେରୀ ଗାଡ଼ିରେ ସେମାନଙ୍କୁ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା । ପରେ ସଦସ୍ୟ ମାନେ ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ । ସେମାନେ ମଧ ମନ୍ଦିର ରେ ପ୍ରସ୍ତୁତ ମହାପ୍ରଭୁଙ୍କ ଖେଚୁଡ଼ି ଖାଇ ଆନନ୍ଦ ପ୍ରକାଶ କରିଥିଲେ । ପରେ ପରେ ସେମାନେ ବ୍ଲୁ ଫ୍ଲାଗ ବିଚ ପରିଦର୍ଶନ କରିଥିଲେ । ହକି ଇଣ୍ଡିଆ ର ସଭାପତି ତଥା ଓଡିଶା ହକି ପ୍ରମୋଶନ କାଉନସିଲର ଅଧ୍ୟକ୍ଷ ଡଃ ଦିଲ୍ଲୀପ ତିର୍କୀ, ଭାରତୀୟ ପୁରୁଷ ସିନିୟର ହକି ଦଳର ମୁଖ୍ୟ କୋଚ କ୍ରେଗ ଫଲଟନ ଓ କ୍ୟାପଟେନ ହରମନପ୍ରିତ ସିଂ ଙ୍କ ସହ ୩୫ ଜଣିଆ ଦଳ ଏହି ଗସ୍ତରେ ସାମିଲ ଥିଲେ । ମନ୍ଦିର ପରିଚାଳନା କମିଟିର ସଦସ୍ୟ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅନ୍ୟାନ୍ୟ ସହଯୋଗୀ ମାନେ ହକି ଟିମ କୁ ସହଯୋଗ କରିଥିଲେ ।



# ଆଇଆଇଟି ଭୁବନେଶ୍ୱରରେ 'କୋଣାର୍କ ମନ୍ଥନ' ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ସୂର୍ଯ୍ୟ ମନ୍ଦିରର ନିର୍ମାଣ ସାମଗ୍ରୀ ଏବଂ ସ୍ଥାପତ୍ୟ ଉତ୍କର୍ଷର ଗୁଡିକର ରହସ୍ୟ ଉନ୍ମୋଚନ ପାଇଁ ଉତ୍ସର୍ଗୀକୃତ 'କୋଣାର୍କ ମନ୍ଥନ' ନାମକ ଏକ ଦିନିଆ ସମ୍ମିଳନୀ ଆୟୋଜନ କରିଥିଲା । ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ମିନେରାଲ୍ସ,, ମେଟାଲର୍ଜିକାଲ୍ ଏବଂ ମ୍ୟାଟେରିଆଲ୍ ଇଞ୍ଜିନିୟରିଂ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ପ୍ରାଚୀନ ଭାରତର ଅନ୍ୟତମ ଉଲ୍ଲେଖନୀୟ ଇଞ୍ଜିନିୟରିଂ ଚମତ୍କାରିତା ସମ୍ବନ୍ଧରେ ଅନୁସନ୍ଧାନ କରି ଏହି ଚିତ୍ତାକର୍ଷକ ବିଷୟ ଉପରେ ବିଶଦ ଆଲୋଚନା କରାଯାଇଥିଲା । ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣ (ଏନଏମଏ), ଅଧକ୍ଷ ପ୍ରଫେସର କିଶୋର କୁମାର ବାସା ଓଡିଶା ସରକାରଙ୍କ ପିଡବ୍ଲ୍ୟୁଡି ବିଭାଗର ଓଏସଡି ତଥା ଇଂଜିନିୟର ଇନ୍ ଚିଫ୍ ଡକ୍ଟର ଏନ.ସି. ପାଲ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କନଭେନର ଡକ୍ଟର ଶୁଭଙ୍କର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଫେସର କର୍ମାଲକର ତାଙ୍କ ବକ୍ତବ୍ୟରେ କେବଳ ସ୍ଥାପତ୍ୟର ଚମତ୍କାର ପ୍ରଦର୍ଶନ ନୁହେଁ ବରଂ ଆମର ପୂର୍ବପୁରୁଷଙ୍କ ବୈଷୟିକ ଚତୁର୍ଯ୍ୟକୁ ପ୍ରଦର୍ଶନ କରିବା ଦିଗରେ ଏହି ସମ୍ମିଳନୀର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ଏହି ଅଞ୍ଚଳର ସମୃଦ୍ଧ ବୈଷୟିକ ଐତିହ୍ୟକୁ ଦର୍ଶାଇ ସୂର୍ଯ୍ୟ ମନ୍ଦିର ନିର୍ମାଣରେ ପଥର ଏବଂ ଲୁହା ବିମ୍ ପରି ସ୍ଥାନୀୟ ଉପଲବ୍ଧ ସାମଗ୍ରୀର ଅଭିନବ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଦିବିଶାଦା ବି. ଗଡନାୟକ, ଡକ୍ଟର ସଙ୍ଗିତା ମିଶ୍ର, ଡକ୍ଟର ସୁନୀଲ କୁମାର ପଟ୍ଟନାୟକ ଏବଂ ଡକ୍ଟର ଶିବ ଶଙ୍କର ପଣ୍ଡାଙ୍କ ପରି ବିଶେଷଜ୍ଞଙ୍କ ନେତୃତ୍ୱରେ ଆୟୋଜିତ ବୈଷୟିକ ଅଧିବେଶନରେ ଲୁହା ତିଆରି ଠାରୁ ଆରମ୍ଭ କରି ସୂର୍ଯ୍ୟ ପୂଜା ଇତିହାସ ପର୍ଯ୍ୟନ୍ତ ଆଲୋଚନା କରାଯାଇଥିଲା । ଉପସ୍ଥିତ ଅଂଶଗ୍ରହଣକାରୀମାନେ ଧାତବ ସମ୍ବନ୍ଧୀୟ ଅଭ୍ୟାସ, ଉତ୍ପାଦିତ ଲୁହାର ଗୁଣ ଏବଂ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟର ମହତ୍ତ୍ୱ ବିଷୟରେ ଜ୍ଞାନ ହାସଲ କରିଥିଲେ । ପ୍ରାଚୀନ ମନ୍ଦିରରେ ବ୍ୟବହୃତ ଇଟା ପ୍ରକାର ଏବଂ ବୌଦ୍ଧ ସ୍ମାରକୀଗୁଡିକରେରେ ଲୁହାର ବ୍ୟବହାର ଉପରେ ଆଲୋଚନା ଏହି ଅଧିବେଶନକୁ ଅଧିକ ବୁଦ୍ଧିମନ୍ତ କରିଥିଲା । ଏଥିରେ ସମ୍ପୃକ୍ତ ସମସ୍ତଙ୍କ ଅବଦାନକୁ ସ୍ୱୀକାର କରି ଡକ୍ଟର ନରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଗବେଷଣା ପ୍ରକଳ୍ପର ଶୀର୍ଷକ: ଫୋର୍ଜିଂ ଦି ପାଷ୍ଟ: ଇନଭେଷ୍ଟିଗେଟିଂ ଦି ମାନୁଫାକଚରିଂ ଅଫ୍ ଆଇରନ୍ ବିମ୍ସ ଇନ୍ କୋଣାର୍କ ସନ୍ ଟେମ୍ପଲ ଆଣ୍ଡ୍ ଆନାଲାଇଜିଙ୍ଗ ଦେୟାର ସୋସିଓ-ଇକୋନୋମିକ ଇମ୍ପାକ୍ଟ ଅନ୍ ଲୋକାଲ କମ୍ୟୁନିଟି ।



## ସୂର୍ଯ୍ୟ ନଗରରେ ଉଦ୍‌ଘାଟିତ ହେଲା

# ଓଭୋ ଫାର୍ମର କେନ୍‌କୋ ଏଗ୍‌ଷ୍ଟ୍ରା ଦ୍ୱିତୀୟ ସ୍ୱତନ୍ତ୍ର ଅଣ୍ଡା ଷ୍ଟୋର୍

ଭୁବନେଶ୍ୱର (ସବ୍ୟୁ): ଅଣ୍ଡା ପ୍ରେମୀଙ୍କୁ ଉଚ୍ଚମାନର ପୃଷ୍ଟିକର ଅଣ୍ଡା ଯୋଗାଇବାର ଲକ୍ଷ୍ୟ ନେଇ ଓଭୋ ଫାର୍ମ ସୂର୍ଯ୍ୟନଗର(ଭେନସ୍ ହୋଟେଲ୍, ଗଭର୍ଣ୍ଣର ହାଉସ୍ ସ୍କୋୟାର) ନିକଟ ଭୁବନେଶ୍ୱର ରେ ଏହାର ଦ୍ୱିତୀୟ ଅଣ୍ଡା ରିଟେଲ୍ ଷ୍ଟୋର୍‌ର ଉଦ୍‌ଘାଟନ କରିଛି। ଭୁବନେଶ୍ୱର ନୟାପଲ୍ଲୀର କେନ୍‌କୋ ଏଗ୍‌ଷ୍ଟ୍ରାର ସଫଳତା ପରେ ଏହା ଓଡିଶାର ଦ୍ୱିତୀୟ ସ୍ୱତନ୍ତ୍ର ଅଣ୍ଡା ରିଟେଲ୍ ଭାବରେ ଏହାର ଯାତ୍ରା ଆରମ୍ଭ କରିଛି। ୭୦୦ବର୍ଗଫୁଟ୍ ର ଏହି ନିଆରା ଅଣ୍ଡା ଷ୍ଟୋର୍‌ରେ ବିଭିନ୍ନ ଉପକାରିତା ସମ୍ପର୍ଣ୍ଣ ଅଣ୍ଡା ଯଥା-ହାଇ ପ୍ରୋଟିନ୍ ଅଣ୍ଡା, ବ୍ରାଉନ୍ ଅଣ୍ଡା ଏବଂ ସେଲେନିୟମ୍ ଯୁକ୍ତ ଅଣ୍ଡା ଉପଲବ୍ଧ ରହିଛି ଯାହା ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଟେକ୍ନୋଲୋଜି ବ୍ୟବହାର କରୁଥିବା ଓଭୋ ଫାର୍ମରୁ ସିଧାସଳଖ ଆସିଥାଏ । ଏହି ଫାର୍ମ ରେ କେବଳ ଅଣ୍ଡା ର ଗୁଣବତ୍ତା ନୁହେଁ ବରଂ ଅଣ୍ଡାର ସ୍ୱଚ୍ଛତା ମଧ୍ୟ ସୁନିଶ୍ଚିତ କରାଯାଇଥାଏ।

ଅତ୍ୟାଧୁନିକ ବ୍ଲକ୍ ଚେନ୍ ଟେକ୍ନୋଲୋଜି ସହାୟତାରେ ନିଜ ଉତ୍ପାଦ ଉପରେ ଥିବା କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଗ୍ରାହକମାନେ ପ୍ରତ୍ୟେକ କ୍ରୟରେ ଉଚିତ୍ ଜିନିଷ ପାଉଛନ୍ତି କି ନାହିଁ ସୁନିଶ୍ଚିତ କରି ଅଣ୍ଡାର ଉତ୍ପତି ଜାଣିପାରିବେ । ଷ୍ଟୋରର ଉଦ୍‌ଘାଟନ ଅବସରରେ କେନ୍‌କୋ ଏଗ୍‌ଷ୍ଟ୍ରା ସୂର୍ଯ୍ୟ ନଗରରେ ଅଣ୍ଡା ପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି । ଗ୍ରାହକମାନେ ୧୬ ଏପ୍ରିଲ୍ ୨୦୨୪ ପର୍ଯ୍ୟନ୍ତ ସମସ୍ତ କେନ୍‌କୋ ଏଗ୍‌ଷ୍ଟ୍ରା ଉତ୍ପାଦ ଉପରେ ଫ୍ଲାଟ୍ ୩୦% ରିହାତି ପାଇପାରିବେ। ଏହା ସହିତ ୨୦ କାର୍ଟନ୍ କିମ୍ବା ଅଧିକ କ୍ରୟ ଉପରେ ୫ଟଙ୍କା ରିହାତି ଉପଲବ୍ଧ ରହିଛି । ଫୋନ୍ କିମ୍ବା ହ୍ୱାଟସାପ୍ ମାଧ୍ୟମରେ ୯୧ ୮୦୯୩୧୯୧୪୨୨ ଯୋଗାଯୋଗ କରି ମାଗଣା ଡେଲିଭରୀ ସେବା ପାଇପାରିବେ। ଅଣ୍ଡା ବ୍ୟତୀତ ଷ୍ଟୋରରେ ଜଳଖିଆ ଅତ୍ୟାବଶ୍ୟକ ସାମଗ୍ରୀ ଯଥା କ୍ଷୀର, କୁକିଜ୍, ପାଉଁରୁଟି, ଜୁସ୍ ଏବଂ ଅନ୍ୟାନ୍ୟ ଜିନିଷ ମଧ ଉପଲବ୍ଧ ରହିଛି । ଷ୍ଟୋରର ଉଦ୍‌ଘାଟନୀ ସମାରୋହରେ କେନ୍ କୋ ଏଗ୍‌ଷ୍ଟ୍ରା ଟିମ୍ ସହିତ ଓଭୋ ଫାର୍ମର ପ୍ରତିଷ୍ଠାତା ସୌମେନ୍ଦ୍ର ଯୋଗ ଦେଇଥିଲେ। କେନ୍‌କୋ ଏଗ୍‌ଷ୍ଟ୍ରା ଷ୍ଟୋର୍‌ର ଉଦ୍ଘାଟନୀ ବିଷୟରେ ସମରେନ୍ଦ୍ର ମିଶ୍ର କହିଛନ୍ତି, 'କେନ୍‌କୋ ଏଗ୍‌ଷ୍ଟ୍ରା ଆମର ଫ୍ଲାଗ୍‌ସିପ୍ ଷ୍ଟୋର୍, ଯାହାର ଉଦ୍ଦେଶ୍ୟ ହେଉଛି ଆମ ଫାର୍ମରୁ ସିଧାସଳଖ ସତେଜ ଓ ଉଚ୍ଚ ଗୁଣବତ୍ତା ସମ୍ପର୍ଣ୍ଣ ଅଣ୍ଡା ଲୋକଙ୍କୁ ଯୋଗାଇ ଦେବା। ଆମେ ଅଭିନବ ଓ ଦୀର୍ଘମିଆଦି ଚାଷ ପ୍ରଣାଳୀ ପ୍ରତିଶ୍ରୁତିବଦ୍ଧ ଏବଂ ଭବିଷ୍ୟତରେ ଭୁବନେଶ୍ୱର ର ସମସ୍ତ ସ୍ଥାନରେ ଷ୍ଟୋର ଖୋଲିବା ସଂଙ୍ଗେସଂଙ୍ଗେ ଦେଶର ଅନ୍ୟ ସହରମାନଙ୍କୁ ସମ୍ପ୍ରସାରଣ କରିବାର ଯୋଜନା ରଖିଛୁ ।



## କର୍ଣ୍ଣାଟକରେ ସିଟ୍ ଭାଗବଣ୍ଟା
# ୩ ଆସନରେ ଜେଡିଏସ୍, ୨୫ରେ ବିଜେପି



**ମୁମ୍ବାଇ:** ଲୋକସଭା ନିର୍ବାଚନ ପାଇଁ କର୍ଣ୍ଣାଟକରେ ଛିଡିଲା ସିଟ୍ ଭାଗବଣ୍ଟା ଅଙ୍କ । ଏନଡିଏର ସହଯୋଗୀ ଦଳ ଜେଡିଏସ୍ ୩ଟି ଆସନରେ ନିର୍ବାଚନ ଲଢିବା ନେଇ ସୂଚନା ମିଳିଛି । ଏନେଇ ସାଂସଦ ପ୍ରଜ୍ୱଳ ରେବନ୍ନା ଟ୍ୱିଟ୍ କରି ସୂଚନା ଦେଇଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡାଙ୍କ ନାତି ତଥା ହାସନରୁ ଲୋକସଭା ସାଂସଦ ଥିବା ରେବନ୍ନା ନିଜ ଅଫିସିଆଲ୍ ଟ୍ୱିଟର ଆକାଉଣ୍ଟରୁ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆମ ପାର୍ଟି କର୍ଣ୍ଣାଟକ ତିନୋଟି ଆସନରେ ନିର୍ବାଚନ ଲଢିବ । ଏଥିସହିତ ସେ ଜେଡିଏସ୍ ନେତା ଏଚଡି ଦେବଗୌଡା, ପ୍ରଧାନମନ୍ତ୍ରୀ ମୋଦୀ ଓ ଭାଜପା ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟପଟେ ଜେଡିଏସ୍ ତାଙ୍କୁ ପୁଣିଥରେ ହାସନ ସିଟରୁ ଲଢିବାକୁ ଟିକେଟ୍ ଦେଇଛି ।

କର୍ଣ୍ଣାଟକରେ ମୋଟ ଲୋକସଭା ସିଟ୍ ହେଉଛି ୨୮ । ତା ମଧ୍ୟରୁ ୩ଟି ଆସନରେ ଜେଡିଏସ୍ ଲଢିବାକୁ ଥିବାବେଳେ, ୨୫ଟି ଆସନରେ ବିଜେପି ନିଜର ପ୍ରାର୍ଥୀ ଦେବ । କର୍ଣ୍ଣାଟକରେ ଦ୍ୱିତୀୟ ଓ ତୃତୀୟ ଚରଣରେ ନିର୍ବାଚନ ହେବାକୁ ଅଛି । ତାରିଖ ଅନୁଯାୟୀ, ଏପ୍ରିଲ ୨୬ ତାରିଖରେ ୧୪ଟି ସିଟ୍, ମେ ୭ ତାରିଖରେ ୧୪ଟି ସିଟରେ ନିର୍ବାଚନ ହେବ ।

# ସିବିଏସଇର ବଡ଼ କାର୍ଯ୍ୟାନୁଷ୍ଠାନ, ୨୦ଟି ସ୍କୁଲର ମାନ୍ୟତା ରଦ୍ଦ




**ନୂଆଦିଲ୍ଲୀ:** ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (CBSE) ଦେଶର ବିଭିନ୍ନ ରାଜ୍ୟରେ ଥିବା ୨୦ଟି ସ୍କୁଲ୍ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ଏହି ସବୁ ସ୍କୁଲଗୁଡିକର ମାନ୍ୟତା ରଦ୍ଦ କରିଛି ସିବିଏସଇ । ଅଚାନକ ଚଢାଉ କରି ଏପରି କାର୍ଯ୍ୟାନୁଷ୍ଠାନ ନେଇଛି ବୋର୍ଡ ।

ଚଢାଉ ସମୟରେ ଅନେକ ବିଦ୍ୟାଳୟରେ ଡମି (ନକଲି) ଛାତ୍ରଛାତ୍ରୀଙ୍କ ନାମଲେଖା ଯାଇଥିବା ଜଣାପଡିଛି । ସେହିପରି ଅଯୋଗ୍ୟ ଶିକ୍ଷକଶିକ୍ଷୟତ୍ରୀ ନିଯୁକ୍ତି ଏବଂ ରେକର୍ଡଗୁଡିକ ସଠିକ୍ ଭାବରେ ପରିଚାଳିତ ହେଉ ନଥିଲା । ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ବୋର୍ଡ ୨୦ଟି ବିଦ୍ୟାଳୟର ମାନ୍ୟତା ବାତିଲ କରିବା ସହ ତିନୋଟି ବିଦ୍ୟାଳୟକୁ ଡାଉନଗ୍ରେଡ୍ କରିଛି ।

ବୋର୍ଡ ଏହି ବିଦ୍ୟାଳୟଗୁଡ଼ିକର ତାଲିକା ମଧ୍ୟ ପ୍ରକାଶ କରିଛି । ଏଥିରେ ଦିଲ୍ଲୀର ପାଞ୍ଚଟି ବିଦ୍ୟାଳୟର ମାନ୍ୟତା ବାତିଲ ହୋଇଥିବା ବେଳେ ଗୋଟିଏ ବିଦ୍ୟାଳୟକୁ ଡାଉନଗ୍ରେଡ୍ କରାଯାଇଛି । ଏଥିସହିତ ଛତିଶଗଡ, ଆସାମ, ପଞ୍ଜାବ, ଉତ୍ତରପ୍ରଦେଶ ଏବଂ କେରଳର କିଛି ବିଦ୍ୟାଳୟ ରହିଛି । ଓଡ଼ିଶାରେ ସେପରି କୌଣସି ବିଦ୍ୟାଳୟର ମାନ୍ୟତା ରଦ୍ଦ ହୋଇନାହିଁ ।

# କେଜରିୱାଲଙ୍କ ବାର୍ତ୍ତା ପଢ଼ି ଶୁଣାଇଲେ ପତ୍ନୀ

**ନୂଆଦିଲ୍ଲୀ:** ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହେପାଜତରେ ଅଛନ୍ତି । ପଚରାଉଚରା କରିବା ପାଇଁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଇଡି ତାଙ୍କୁ ରିମାଣ୍ଡରେ ନେଇଛି । ତେବେ ୟା ଭିତରେ ସେ ଆମ୍ ଆଦ୍ମୀ ପାର୍ଟିର କାର୍ଯ୍ୟକର୍ତ୍ତା, ଦିଲ୍ଲୀବାସୀ ତଥା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପଠାଇଛନ୍ତି । ତାଙ୍କର ଏହି ବାର୍ତ୍ତାଙ୍କୁ ତାଙ୍କ ପତ୍ନୀ ପଢ଼ି ଶୁଣାଇଥିବା ବେଳେ ଏହାକୁ ସୋଶାଲ୍ ମିଡିଆରେ ପୋଷ୍ଟ କରାଯାଇଛି ।

ଏହି ବାର୍ତ୍ତାରେ ସେ ନିଜକୁ ଲୁହା ଭଳି ଶକ୍ତିଶାଳୀ କହିବା ସହିତ କୌଣସି ଜେଲ୍ ତାଙ୍କୁ ଅଧିକ ଦିନ ରଖିପାରିବନି ବୋଲି କହିଛନ୍ତି । ତା'ସହିତ ତାଙ୍କୁ ଗିରଫ କରାଯାଇଥିବା ଯୋଗୁ ବିଜେପି ଲୋକଙ୍କୁ ଘୃଣା ନ କରିବା ପାଇଁ ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି । କେଜରିୱାଲ ତାଙ୍କ ବାର୍ତ୍ତାରେ କହିଛନ୍ତି,... ମୁଁ ଭିତରେ ରହେ କି ବାହାରେ, ସବୁବେଳେ ଦେଶର ସେବା କରିବି । ମୋ ଶରୀରର ପ୍ରତିଟି ଅଂଶ ଦେଶ ପାଇଁ ସମର୍ପିତ । ମୁଁ ସଂଘର୍ଷ କରିବାକୁ ହିଁ ଜନ୍ମ ହୋଇଛି । ଆଜି ପର୍ଯ୍ୟନ୍ତ ମୁଁ ବହୁତ ସଂଘର୍ଷ କରିଛି । ଆଗକୁ ବି ମୋ ଜୀବନରେ ବଡ଼ ବଡ଼ ସଂଘର୍ଷ ରହିଛି । ତେଣୁ ଏହି ଗିରଫଦାରୀ ମୋତେ ଚକିତ କରି ନାହିଁ ।

ଭାରତ ଭିତରେ ଓ ବାହାରେ ଏମିତି ବହୁତ ଶକ୍ତି ଅଛନ୍ତି, ଯେଉଁମାନେ ଦେଶକୁ ଦୁର୍ବଳ କରୁଛନ୍ତି । ସଚେତନ ରହି ଆମକୁ ଏହି ଶକ୍ତିଗୁଡ଼ିକୁ ଚିହ୍ନିବାକୁ ପଡ଼ିବ । ଏହି ଶକ୍ତିମାନଙ୍କୁ ପରାସ୍ତ କରିବାକୁ ପଡ଼ିବ । ଭାରତରେ ଏମିତି ବହୁତ ଶକ୍ତି ଅଛନ୍ତି, ଯେଉଁମାନେ ଦେଶଭକ୍ତ । ସେମାନେ ଦେଶକୁ ଆଗକୁ ବାଇବାକୁ ଚାହାଁନ୍ତି । ଏହି ଶକ୍ତିମାନଙ୍କ ସହିତ ଆମକୁ ଯୋଡ଼ି ହେବାକୁ ପଡ଼ିବ ଓ ସେମାନଙ୍କୁ ଆହୁରି ସଶକ୍ତ କରିବାକୁ ହେବ । ଦିଲ୍ଲୀର ମହିଳାଙ୍କ ଉଦ୍ଦେଶ୍ୟରେ କେଜରିୱାଲ ତାଙ୍କ ବାର୍ତ୍ତାରେ କହିଛନ୍ତି, ... ଏମିତି କୌଣସି ଜେଲ୍ ନାହିଁ ଯାହା ମୋତେ ଅଧିକ ଦିନ ଭିତରେ ରଖିପାରିବ । ମୁଁ ଖୁବ୍ ଶୀଘ୍ର ବାହାରିବି ଓ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବି । ମୁଁ ଏମିତି କିଛି ପ୍ରତିଶ୍ରୁତି ଦିଏନି, ଯାହାକୁ ପୂରଣ କରେନି । ମୁଁ ଲୁହାରେ ତିଆରି । ମୁଁ ବହୁତ ମଜବୁତ । କେବଳ ଗୋଟିଏ କାମ କରିବେ । ଥରୁଟିଏ ହେଲେ ବି ମନ୍ଦିର ଯିବେ ଓ ମୋ ପାଇଁ ଭଗବାନଙ୍କୁ ଆଶୀର୍ବାଦ ମାଗିବେ । କୋଟି କୋଟି ଲୋକଙ୍କ ଆଶୀର୍ବାଦ ମୋ ସହିତ ଅଛି । ଏହା ହେଉଛି ମୋ'ର ଶକ୍ତି । ସେହିପରି ଆମ୍ ଆଦମୀ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି ଅରବିନ୍ଦ କେଜରିୱାଲ । ସେ କହିଛନ୍ତି, ଆମ୍ ଆଦ୍ମୀ ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମୋର ଅନୁରୋଧ, ମୁଁ ଜେଲରେ ଥିବା ଯୋଗୁ ସମାଜସେବା ଓ ଜନସେବା କାର୍ଯ୍ୟ ଅଟକିବା ଉଚିତ ନୁହେଁ ହଁ, ଏହି କାରଣରୁ ବିଜେପି ଲୋକଙ୍କୁ ଘୃଣା କରିବେ ନାହିଁ । କାରଣ ସେମାନେ ସମସ୍ତେ ଆମ ଭାଇ ଓ ଭଉଣୀ । ମୁଁ ଖୁବ୍‌ଶୀଘ୍ର ଫେରିବି ।

## ତିହାର ଜେଲକୁ ସ୍ୱାଗତ



**ନୂଆଦିଲ୍ଲୀ:** ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ । ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ତାଙ୍କୁ ରିମାଣ୍ଡରେ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଏହି ଘଟଣା ଏବେ ଚର୍ଚ୍ଚାରେ ଥିବା ବେଳେ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖର କହିଛି, 'କେଜରିୱାଲଙ୍କୁ ତିହାର ଜେଲକୁ ସ୍ୱାଗତ । ଆଜି ଦିଲ୍ଲୀର ଏକ କୋର୍ଟରେ ସୁକେଶକୁ ହାଜର କରାଯାଇଥିବା ବେଳେ ଗଣମାଧ୍ୟମକୁ ସେ କହିଥିଲା, ସତ୍ୟର ଜୟ ହୋଇଛି । ମୁଁ ତାଙ୍କୁ (ଅରବିନ୍ଦ କେଜରିୱାଲଙ୍କୁ) ତିହାର ଜେଲକୁ ସ୍ୱାଗତ କରୁଛି । ମୁଁ ତାଙ୍କର ସମସ୍ତ ପୋଲ୍ ଖୋଲି ଦେବି । ମୁଁ ସାକ୍ଷୀ ହେବି ଓ ସେ ଯେମିତି ଦଣ୍ଡ ପାଇବେ, ତାହା ସୁନିଶ୍ଚିତ କରିବି । ସବୁ ପ୍ରମାଣ ଦିଆଯାଇଛି । ଅଯୋଗ୍ୟ ଘୋଷିତ କଂଗ୍ରେସର ୬ ପୂର୍ବତନ ବିଧାୟକ ବିଜେପିରେ ମିଶିଲେ ଅଯୋଗ୍ୟ ଘୋଷିତ କଂଗ୍ରେସର ୬ ପୂର୍ବତନ ବିଧାୟକ ବିଜେପିରେ ମିଶିଲେ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇଥିବା ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କ ଉଦ୍ଦେଶ୍ୟରେ ମଧ୍ୟ ସୁକେଶ ଏହିଭଳି ବାର୍ତ୍ତା ଦେଇଥିଲା । ମାର୍ଚ୍ଚ ୧୮ ତାରିଖରେ କବିତାଙ୍କ ଉଦ୍ଦେଶ୍ୟରେ ସୁକେଶ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲା– ଆକ୍କା (ବଡ଼ ଭଉଣୀ), ମିଛ ମାମଲା ଓ ମିଛ ଅଭିଯୋଗ କହିବାର ଡ୍ରାମା ଶେଷ ହେଲାଛ ସତ୍ୟର ଜୟ ହୋଇଛି । ଯେଭଳି କର୍ମ କରିଥିଲ, ସେଭଳି ଫଳ ମିଳିଛି । ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ଏବେ ତିହାର ଜେଲରେ ଅଛି ମହାଠକ ସୁକେଶ ଚନ୍ଦ୍ରଶେଖର ।

## ମହୁଆ ମୈତ୍ରଙ୍କ ଘରେ ସିବିଆଇ ଚଢଉ



**କୋଲକାତା:** ଟଙ୍କା ପଚରାଉଚରା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କୋଲକାତା ସମେତ ବିଭିନ୍ନ ସ୍ଥାନରେ ତୃଣମୂଳ କଂଗ୍ରେସ (ଟିଏମସି)ର ପୂର୍ବତନ ସାଂସଦ ମହୁଆ ମୈତ୍ରଙ୍କ ଘରେ ଚଢ଼ାଉ କରିଛି । ଟିଏମସି ଏହାକୁ ବିଜେପିର ଏକ ପ୍ରତିଶୋଧମୂଳକ ପଦକ୍ଷେପ ବୋଲି କହିଛି । ମହୁଆଙ୍କ ବାସଭବନରେ ଚାଲିଥିବା ସିବିଆଇ ଚଢ଼ାଉକୁ ପ୍ରତିଶୋଧମୂଳକ ରାଜନୀତି ଏବଂ ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର ପାଇଁ ବିଜେପିର ଏକ ନିଷ୍ଠୁର ଷଡ଼ଯନ୍ତ୍ର ବୋଲି କହିଛନ୍ତି ଟିଏମସି ନେତା ଶାନ୍ତନୁ ସେନ । ଦେଶର ବିଭିନ୍ନ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ବିଜେପି ଏହା କରୁଛି ବୋଲି ସେ କହିଛନ୍ତି । ତେବେ ବିଜେପି ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି । ଶନିବାର ସକାଳେ ସିବିଆଇର ଏକ ଟିମ୍ କୋଲକାତା ଏବଂ ଅନ୍ୟାନ୍ୟ ସହରରେ ଥିବା ମହୁଆ ମିତ୍ର ପରିସରରେ ପହଞ୍ଚି ସର୍ଚ୍ଚ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଲୋକପାଳଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଗୁରୁବାର ମୈତ୍ରଙ୍କ ବିରୋଧରେ ଏତଲା ରୁଜୁ କରିଥିଲା । ଲୋକପାଳ ଏଜେନ୍ସିକୁ ୬ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନୈତିକ ଆଚରଣ ପାଇଁ ମୈତ୍ରଙ୍କୁ ଡିସେମ୍ବରମାସରେ ଲୋକସଭାରୁ ବହିଷ୍କାର କରାଯାଇଥିଲା ।

# ଆମେରିକାରେ ମିଳିବ ଅମୁଲ କ୍ଷୀର




**ନୂଆଦିଲ୍ଲୀ :** ଭାରତରେ ପ୍ରମୁଖ କ୍ଷୀର ଉତ୍ପାଦ କମ୍ପାନୀ ଅମୁଲ ଏବେ ବିଶ୍ୱସ୍ତରରେ ଏକ ବଡ ସଫଳତା ହାସଲ କରିଛି । ମୂଳ ଭାରତୀୟ କମ୍ପାନୀ ଅମୁଲ ଏବେ ଆମେରିକାରେ ତାର ଉତ୍ପାଦ ବିକ୍ରି କରିବ । ଅମୁଲ ତରଫରୁ ଆମେରିକାରେ କ୍ଷୀର ଉତ୍ପାଦ ବିକ୍ରି କରିବା ନେଇ ଯୋଜନା ପ୍ରସ୍ତୁତ କରିଛି । ଏହାକୁ ନେଇ ଗୁଜରାଟର ଏହି କମ୍ପାନୀ ଏବେ ଆମେରିକାର ପୂର୍ବାଞ୍ଚଳ ଓ ମଧ୍ୟପଶ୍ଚିମ ଅଞ୍ଚଳର ବଜାରରେ ଫ୍ରେସ କ୍ଷୀର ବିକ୍ରି କରିବାକୁ ମିଶିଗନ ମିଲ୍କ ପ୍ରଡ୍ୟୁସର ଆସୋସିଏସନ ସହ ଚୁକ୍ତି କରିଛି । ଗୁଜରାଟ କୋ-ଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେଶନର ପରିଚାଳନା ନିର୍ଦ୍ଦେଶକ ଜୟେନ ମେହତା କହିଛନ୍ତି କି, ଅମୁଲ କମ୍ପାନୀ ଆମେରିକାରେ ଫ୍ରେସ ମିଲ୍କ ପ୍ରଡକ୍ଟ ଲଂଚ କରିବାକୁ ଯାଉଛି । ସେ କହିଛନ୍ତି କି, ଏନେଇ ଆମେରିକାର ୧୦୮ ବର୍ଷ ପୁରୁଣା ଡାଏରୀ ସହକାରୀ ସଂସ୍ଥା ସହ ଚୁକ୍ତି ହୋଇଛି ।

ଏହା ପ୍ରଥମଥର ପାଇଁ ହେଉଛି କି, ଅମୁଲ ଉତ୍ପାଦ ଭାରତ ବାହାରେ ଅର୍ଥାତ ଆମେରିକା ଭଳି ଦେଶରେ ବିକ୍ରି ହେବାକୁ ଯାଉଛି । ମେହତା କହିଛନ୍ତି କି, ଅମୁଲ ତରଫରୁ ଆମେରିକାରେ ୩.୮ ଲିଟର ପ୍ୟାକେଟ ଓ ୧.୯ ଲିଟର ପ୍ୟାକେଟରେ ତାଜା କ୍ଷୀର ବିକ୍ରି କରିବ । ଭାରତରେ ଅମୁଲ କ୍ଷୀରର ଅଧା ଲିଟର କ୍ଷୀରର ଦାମ ୨୭ ଟଙ୍କା ହିସାବରେ ବିକ୍ରି କରୁଛି ।

# ନୌସେନାର ୪୦ ଘଣ୍ଟା ଅପରେସନ୍: କାବୁ ହେଲେ ୩୫ ସମୁଦ୍ର ଲୁଟେରା




**ନୂଆଦିଲ୍ଲୀ:** ସୋମାଲି ଡକାୟତମାନଙ୍କ ବିରୁଦ୍ଧରେ ଭାରତୀୟ ନୌସେନା ୪୦ ଘଣ୍ଟିଆ ଅପରେସନ୍ ପରେ ଏକ ବଡ଼ ସଫଳତା ହାସଲ କରାଯାଇଛି । ତିନି ମାସ ପୂର୍ବେ ଡକାୟତମାନଙ୍କ ଦ୍ୱାରା ଅପହରଣ ହୋଇଥିବା କାର୍ଗୋ ଜାହାଜକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏହା ବ୍ୟତୀତ ଏହି ଜାହାଜ ରୋଏନ୍ ର ୧୭ ଜଣ କ୍ରୁ ସଦସ୍ୟଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଭାରତୀୟ ନୌସେନା ପୁଣି ଥରେ ସମୁଦ୍ରରେ ନିଜର ଶକ୍ତି ପ୍ରଦର୍ଶନ କରିଛି । ସୋମାଲି ଡକାୟତମାନଙ୍କ ବିରୋଧରେ ୪୦ ଘଣ୍ଟା ଧରି ଚାଲିଥିବା ଅପରେସନ୍ ରେ ଭାରତୀୟ ନୌସେନାକୁ ଏକ ବଡ଼ ସଫଳତା ମିଳିଛି । ଏହି ସଫଳତା ପାଇଁ ପୁରା ଶ୍ରେୟ ୱାରସିପ୍ 'ଏଏନ୍‌ଏସ୍' କୋଲକାତା'କୁ ଦିଆଯାଇଛି । ମାର୍ଚ୍ଚ ୨୩, ଶନିବାର ଦିନ ଏହି ଅପରେସନରେ ୩୫ ସୋମାଲିଆ ସମୁଦ୍ର ଡକାୟତଙ୍କୁ ଆରବ ସାଗରରେ ଅଟକ ରଖାଯାଇଥିଲା । ବାସ୍ତବରେ, ଏହି ଡକାୟତମାନେ ଗତ ତିନିମାସ ଧରି ମାଲବାହୀ ଜାହାଜକୁ ନିଜ ଅଧୀନରେ ରଖିଥିଲେ । ଦୀର୍ଘ ୪୦ ଘଣ୍ଟାର ଅପରେସନ୍ ପରେ ଡକାୟତମାନେ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲେ । ୧୭ ଜଣ କ୍ରୁ ସଦସ୍ୟଙ୍କର ମଧ୍ୟ କୌଣସି କ୍ଷତି ହୋଇନଥିବାର ଜଣାପଡିଛି । ବର୍ତ୍ତମାନ ଖବର ହେଉଛି ଡକାୟତମାନଙ୍କୁ ଗିରଫ କରିବା ପରେ ଯୁଦ୍ଧ ଜାହାଜ ଏଏନ୍‌ଏସ୍ କୋଲକାତା ବର୍ତ୍ତମାନ ମୁମ୍ବାଇରେ ପହଞ୍ଚିଛି । ଡକାୟତମାନଙ୍କ ବିରୁଦ୍ଧରେ ଆଇପିସି ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ୟେଲୋ ଗେଟ୍ ପୋଲିସକୁ ହସ୍ତାନ୍ତର କରାଯିବ ।

ଏହିପରି ଅପରେସନ୍ ଚାଲିଥିଲା ଗତ ବର୍ଷ ଡିସେମ୍ବର ୧୪ ରେ ସୋମାଲି ଡକାୟତମାନଙ୍କ ଦ୍ୱାରା ରୁଏନ୍ ଅପହରଣ କରାଯାଇଥିଲା । ଖୋଲା ସମୁଦ୍ରରେ ଡକାୟତି କରିବା ପାଇଁ ସେ ଡକାୟତି ଜାହାଜ ଭାବରେ ଯାତ୍ରା କରିଥିବା ଜଣାଯାଇଛି । କୋଲକାତା ଏକ ଜାହାଜ ଲଞ୍ଚ ଡ୍ରୋନ୍ ମାଧ୍ୟମରେ ରୁଏନ୍ ଉପରେ ସଶସ୍ତ୍ର ଡକାୟତମାନଙ୍କ ଉପସ୍ଥିତି ଚିହ୍ନଟ କରିଛି । ବେପରୁଆ ଭାବରେ ଡକାୟତମାନେ ପ୍ରଥମେ ଡ୍ରୋନକୁ ଗୁଳି କରିଥିଲେ ଏବଂ ପରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଉପରକୁ ମଧ୍ୟ ଗୁଳି ଚଳାଇଥିଲେ ବୋଲି ନୌସେନା କହିଛି । କୋଲକାତା ଜାହାଜର ଷ୍ଟିଅରିଂ ସିଷ୍ଟମ ଏବଂ ନାଭିଗେସନ୍ ସାହାଯ୍ୟକୁ ଅକ୍ଷମ କରି ଡକାୟତମାନଙ୍କୁ ଜାହାଜ ବନ୍ଦ କରିବାକୁ ବାଧ କରିଦେଇଥିଲା । ଜାହାଜରୁ ବେଆଇନ ଅସ୍ତ୍ର ଉଦ୍ଧାର କରାଯାଇଛି କୋଲକାତା ଭାରତୀୟ ଉପକୂଳଠାରୁ ପ୍ରାୟ ୨୬୦୦ କିଲୋମିଟର ଦୂରରେ ଥିବା ଡକାୟତି ଜାହାଜ ରୋଏନ୍‌କୁ ଅଟକାଇଥିଲା ଏବଂ ସୁଭାଦ୍ରା, ହାଲ୍ ଆରପିଏ, ୮ ସାମୁଦ୍ରିକ ପାଟ୍ରୋଲିଂ ବିମାନ ଏବଂ ମାର୍କୋସ୍-ଫାରାର C-୧୭ ବିମାନ ଦ୍ୱାରା ଆକାଶମାର୍ଗରୁ ଡ୍ରପ୍ କରାଯାଇଥିଲା । ଏହି କାର୍ଯ୍ୟ ଯୋଗୁଁ ଡକାୟତମାନେ ଜାହାଜକୁ ଅଟକାଇବାକୁ ବାଧ ହୋଇଥିଲେ । ଜାହାଜରୁ ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଅନେକ ନିଷେଧ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି । କୋଲକାତାର ବିଶେଷତା କ'ଣ ? କୋଲକାତା ହେଉଛି ଭାରତୀୟ ନୌସେନାର କୋଲକାତା ଶ୍ରେଣୀର ଷ୍ଟିଲଥ ଗାଇଡ୍-କ୍ଷେପଣାସ୍ତ୍ର ବିନାଶକମାନଙ୍କର ଏକ ଅଗ୍ରଣୀ ଜାହାଜ । ଏହା ଭାରତୀୟ କୋଲକାତା (ପୂର୍ବ କଲିକତା) ନାମରେ ନାମିତ ହୋଇଥିଲା । ଏହା ମାଜାଗନ୍ ଡକ୍ ଲିମିଟେଡ୍‌ରେ ନିର୍ମିତ ହୋଇଥିଲା ଏବଂ ସମୁଦ୍ର ପରୀକ୍ଷା ସମାପ୍ତ ହେବା ପରେ ୧୦ ଜୁଲାଇ ୨୦୧୪ ରେ ନୌସେନାକୁ ହସ୍ତାନ୍ତର କରାଯାଇଥିଲା । ୧୬ ଅଗଷ୍ଟ ୨୦୧୪ ରେ ଆୟୋଜିତ ଏକ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଜାହାଜକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଥିଲେ ।

# ଅରୁଣ ଯୋଗୀରାଜ ନିର୍ମାଣ କରିଥିଲେ କୁନି ରାମଲଲ୍ଲା



**ନୂଆଦିଲ୍ଲୀ:** ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଲଲ୍ଲାଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିଲା । ମନ୍ଦିରର ଗର୍ଭଗୃହରେ କର୍ଣ୍ଣାଟକ ନିବାସୀ ମୂର୍ତ୍ତିକାର ଅରୁଣ ଯୋଗୀରାଜଙ୍କ ଦ୍ୱାରା ନିର୍ମିତ ପ୍ରଭୁ ରାମଲଲ୍ଲାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା । ଯାହାକି ଦେଖିବାକୁ ଯେତିକି ଜୀବନ୍ତ ଥିଲା, ସେତିକି ସୁନ୍ଦର ମଧ୍ୟ ରହିଥିଲା । ହେଲେ ଏବେ ଅରୁଣ ଯୋଗୀରାଜ ଅଯୋଧ୍ୟାରେ ରହିଥିବା ସମୟରେ ଭଗବାନ ରାମଲଲ୍ଲାଙ୍କର ଆଉ ଗୋଟିଏ ମୂର୍ତ୍ତି ମଧ୍ୟ ଗଢିଥିବା ନେଇ ସୂଚନା ଦେଇଛନ୍ତି ।

ମୂର୍ତ୍ତିକାର ଅରୁଣ ଯୋଗୀରାଜ ସୋସିଆଲ୍ ମିଡିଆ ଏକ୍ସରେ ଟ୍ୱିଟ୍ କରି କହିଛନ୍ତି ଯେ, ଯେତେବେଳେ ରାମ ମନ୍ଦିର ପାଇଁ ରାମଲଲ୍ଲାଙ୍କ ମୂର୍ତ୍ତି ଚୟନ ହେଇଯାଇଥିଲା । ସେତେବେଳେ ମୋ ପାଖରେ କିଛି ଖାଲି ସମୟ ରହିଥିଲା । ଏହି ସମୟରେ ମୁ ରାମଲଲ୍ଲାଙ୍କର ଆଉ ଏକ ଛୋଟିଆ ମୂର୍ତ୍ତି ନିର୍ମାଣ କରିଥିଲି । ଜାଣିରଖିବା ଉଚିତ ଯେ, ବର୍ତ୍ତମାନ ଦେଶର ସବୁଠୁ ଅଧିକ ଚର୍ଚ୍ଚାରେ ରହିଥିବା ମୂର୍ତ୍ତିକାର ହେଉଛନ୍ତି ଅରୁଣ ଯୋଗୀରାଜ । ତାଙ୍କର ୫ଟି ପୀଢି ଏହି ପାରମ୍ପରିକ ମୂର୍ତ୍ତି ନିର୍ମାଣରେ ନିୟୋଜିତ ଥିଲେ । ଅରୁଣଙ୍କ ପିତା ଯୋଗୀରାଜ ମଧ୍ୟ ଜଣେ କୁଶଳ ମୂର୍ତ୍ତିକାର ଥିଲେ ।

# ହିମାଚଳ ବିଜେପିରେ ମିଶିଲେ କଂଗ୍ରେସର ୬ ବିଧାୟକ



**ନୂଆଦିଲ୍ଲୀ:** ଦଳ ବଦଳ ନିରୋଧ ଆଇନ ଅନୁସାରେ ହିମାଚଳ ପ୍ରଦେଶ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଥିବା କଂଗ୍ରେସର ୬ ଜଣ ପୂର୍ବତନ ବିଧାୟକ ଆଜି ବିଜେପିରେ ମିଶିଛନ୍ତି । ସେମାନଙ୍କ ସହିତ ୩ ଜଣ ସ୍ୱାଧୀନ ବିଧାୟକ ମଧ୍ୟ ବିଜେପିରେ ମିଶିଛନ୍ତି । କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର, ହିମାଚଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟ ରାମ ଠାକୁର ଓ ରାଜ୍ୟ ସଭାପତି ରାଜୀବ ବିନ୍ଦଲଙ୍କ ଉପସ୍ଥିତିରେ ବିଜେପିରେ ମିଶିଥିବା କଂଗ୍ରେସର ୬ ପୂର୍ବତନ ବିଧାୟକ ହେଉଛନ୍ତି– ସୁଧୀର ଶର୍ମା, ରବି ଠାକୁର, ରାଜିନ୍ଦର ରାଣା, ଇନ୍ଦର ଦତ୍ତ ଲଖନପାଲ, ଚୈତନ୍ୟ ଶର୍ମା ଓ ଦେବୀନ୍ଦର କୁମାର ଭୁଟ୍ଟୋ । ଯେଉଁ ତିନି ସ୍ୱାଧୀନ ବିଧାୟକ ଆଜି ବିଜେପିରେ ମିଶିଛନ୍ତି, ସେମାନେ ହେଉଛନ୍ତି– ଆଶିଷ ଶର୍ମା, ହୋଶିୟାର ସିଂହ ଓ କେ.ଏଲ୍ ଠାକୁର । କଂଗ୍ରେସର ଏହି ୬ ପୂର୍ବତନ ବିଧାୟକ ଗତ ରାଜ୍ୟସଭା ନିର୍ବାଚନ ବେଳେ ବିଜେପି ପ୍ରାର୍ଥୀ ହର୍ଷ ମହାଜନଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ । ତେବେ ରାଜ୍ୟସଭା ନିର୍ବାଚନରେ କ୍ରସ-ଭୋଟିଂ ପାଇଁ ସେମାନଙ୍କୁ ବାଚସ୍ପତି ଅଯୋଗ୍ୟ ଘୋଷଣା କରି ନଥିଲେ । ବିଧାନସଭାରେ ଫାଇନାନ୍ସ ବିଲ୍ ଆଗତ ବେଳେ ଉପସ୍ଥିତ ରହି ଏହା ସପକ୍ଷରେ ଭୋଟ ଦେବାକୁ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇଥିଲେ ହେଁ ସେମାନେ ଅନୁପସ୍ଥିତ ରହିଥିଲେ । ତେଣୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ହିମାଚଳ ପ୍ରଦେଶର ସୁଖବିନ୍ଦର ସିଂହ ସୁଖୁଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିବା ହର୍ଷବର୍ଦ୍ଧନ ଚୌହାନ ବାଚସ୍ପତି କୁଲଦୀପ ସିଂହ ପଠାନିୟାଙ୍କ ନିକଟରେ ଆବେଦନ କରିଥିଲେ । ତା'ପରେ ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ । ଏହି ୬ ବିଧାୟକ ଅଯୋଗ୍ୟ ଘୋଷିତ ହୋଇଥିବାରୁ ସଂପୃକ୍ତ ବିଧାନସଭା ଆସନଗୁଡ଼ିକ ଖାଲି ପଡ଼ିଛିଛ ତେଣୁ ନିର୍ବାଚନ କମିଶନ ଉପ-ନିର୍ବାଚନ କରିବାକୁ ଘୋଷଣା କରିଛନ୍ତି । ୨୦୨୪ ଲୋକସଭା ନିର୍ବାଚନ ବେଳେ ସେଠାରେ ଉପ-ନିର୍ବାଚନ କରାଯିବ । ଜୁନ୍ ୧ ତାରିଖରେ ଅର୍ଥାତ ଶେଷ ପର୍ଯ୍ୟାୟ ଭୋଟ୍‌ରେ ହିମାଚଳ ପ୍ରଦେଶରେ ୪ଟି ଲୋକସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଖାଲି ପଡ଼ିଥିବା ଏହି ୬ଟି ବିଧାନସଭା ଆସନ ପାଇଁ ଉପ-ନିର୍ବାଚନ ହେବ ।

# ବିଷାକ୍ତ ମଦ ପିଇ ୨୧ ମୃତ

**ଅମୃତସର:** ବିଷାକ୍ତ ମଦ ପିଇ ଯାଉଛି ଜଣକ ପରେ ଜଣଙ୍କ ଜୀବନ । ମୃତ୍ୟୁସଂଖ୍ୟା ୨୧ରେ ପହଞ୍ଚିଥିବା ସୂଚନା ମିଳିଛି । ପଞ୍ଜାବ ସାଙ୍ଗରୁର ଜିଲ୍ଲାରୁ ଆସିଛି ଏପରି ଖବର । ସାଙ୍ଗରୁରର ମୁଖ୍ୟ ଚିକିତ୍ସା ଅଧିକାରୀ (ସିଏମଓ)ଙ୍କ କହିବା ଅନୁଯାୟୀ, ଇଥାନଲ ମିଶ୍ରିତ ବିଷାକ୍ତ ମଦ ପିଇବା ପରେ ଅତି କମରେ ୪୦ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା । ମାର୍ଚ୍ଚ ୨୦, ବୁଧବାର ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପରଦିନ ପଟିଆଲାର ରଜିନ୍ଦ୍ର ଡାକ୍ତରଖାନାରେ ଚିକିତ୍ସା ସମୟରେ ଆଉ ଚାରି ଜଣଙ୍କର ମୃତ୍ୟୁ ଘଟିଥିଲା ।

ଏଥିସହ ମାର୍ଚ୍ଚ ୨୨ ଶୁକ୍ରବାର ଆଠ ଜଣ ଏବଂ ପରଦିନ ପାଞ୍ଚ ଜଣଙ୍କର ଜୀବନ ଯିବା ପରେ ମୃତ୍ୟୁସଂଖ୍ୟା ୨୧ରେ ପହଞ୍ଚିଛି । ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଏଥିସହ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ପୁଲିସ କହିଛି ଯେ, ପଚରାଉଚରା ସମୟରେ ବିଷାକ୍ତ ମଦ କାରବର ନେଇ ସୂଚନା ମିଳିଛ । ଏକ ଘରେ ବିଷାକ୍ତ ମଦ ପ୍ରସ୍ତୁତ ହେଉଥିବା ଅଭିଯୁକ୍ତମାନେ କହିଛନ୍ତି ।

ସୂଚନା ପାଇବା ପରେ ସମ୍ପୃକ୍ତ ଘରେ ଚଢାଉ କରି ୨୦୦ ଲିଟର ବିଷାକ୍ତ ମଦ ଜବତ କରାଯାଇଛି । ଏହି ମଦରେ ଇଥାନଲ(ଏକ ପ୍ରକାର ବିଷାକ୍ତ ରାସାୟନିକ ପଦାର୍ଥ) ମିଶ୍ରଣ ହୋଇଛି । ଏହି ରସାୟନକୁ ମଧ୍ୟ ଜବତ କରାଯାଇଛି ବୋଲି ପୁଲିସ କହିଛି ।

# ହସ ଫୁଟାଇଲେ ହର୍ଷିତ

କୋଲକାତା,୨୩।୩(ଏଜେନ୍ସି): ଆଇପିଏଲ୍-୧୭ର ତୃତୀୟ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ଇଡେନ୍‌ରେ ଧମାକା ଦେଖାଇଛି । ଶେଷ ଓଭରରେ ଉଚ୍ଚକୋଟୀର ବୋଲିଂ କରି ହର୍ସିତ ରାଣା ସନ୍‌ରାଇଜର୍ସ ହାଇଦ୍ରାବାଦ ହାତରୁ ମ୍ୟାଚ ଛଡାଇ ଆଣିଥିଲେ । ତେଣୁ ୪ ରନ୍ ବ୍ୟବଧାନରେ କୋଲକାତା ନାଇଟ ରାଇଡର୍ସ ଜମାଣିଆ ବିଜୟ ହାସଲ କରି ଇଡେନରେ ଧ୍ୱଜା ଉଡାଇଛି । ଆନ୍ଦ୍ରେ ରସେଲଙ୍କ ବିସ୍ଫୋରକ ୬୪ ରନ୍ ସହାୟତାରେ ନାଇଟ ରାଇଡର୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୮ ରନ୍ କରିଥିଲା । ତେଣୁ ସନ୍‌ରାଇଜର୍ସ ହାଇଦ୍ରାବାଦ ସମ୍ମୁଖରେ ୨୦୯ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ହାଇଦ୍ରାବାଦ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ୨୯ ବଲ୍‌ରୁ ୬୩ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିବା କ୍ଲାସେନଙ୍କ ସଂଘର୍ଷ ବ୍ୟର୍ଥ ଯାଇଥିବା ବେଳେ ଶେଷ ଓଭରରେ ୨ ମହତ୍ତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରି ହର୍ସିତ ରାଣା କେକେଆର୍ ଶିବିରରେ ହସ ଫୁଟାଇଛନ୍ତି ।

ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା କୋଲକାତା ନାଇଟ ରାଇଡର୍ସ । ଚଳିତ ସିଜନ୍‌ରେ ଏହା ନାଇଟ ରାଇଡର୍ସର ପ୍ରଥମ ଘରୋଇ ମ୍ୟାଚ । ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଖେଳୁଥିବା ନାଇଟ ରାଇଡର୍ସଙ୍କ ଫିଲ୍ ସଲ୍ଟଙ୍କ ସହ ସୁନୀଲ ନାରିନ୍ ପାଳି ଆରମ୍ଭ କରିଥିଲେ । ନାରିନ ମାତ୍ର ୨ ରନ୍ କରି ରନ୍‌ଆଉଟ୍ ହେବାରୁ ଦଳ ପ୍ରଥମ ୱିକେଟ୍ ହରାଇଥିଲା । ଆଉ ମାତ୍ର ୯ ରନ୍ ମଧ୍ୟରେ ନାଇଟ ରାଇଡର୍ସ ଭେଙ୍କଟେଶ ଆୟର (୭), ଅଧିନାୟକ ଶ୍ରେୟାସ ଆୟର (୦)ଙ୍କୁ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା । ନୀତିଶ ରାଣା ମଧ୍ୟ ୯ ରନ୍ କରି ଆଉଟ୍ ହୋଇଥିଲେ । ଓପନର ଫିଲ ସଲ୍ଟ ୪୦ ବଲରୁ ୫୪ ରନ୍, ରମଣଦୀପ ସିଂ ୧୭ ବଲ୍‌ରୁ ୩୫ ରନ୍ ଓ ରିଙ୍କୁ ସିଂ ୧୫ ବଲ୍‌ରୁ ୨୩ ରନ୍ କରିବାରୁ ଦଳୀୟ ସ୍ଥିତି ମଜଭୁତ ହୋଇଥିଲା । କିନ୍ତୁ ସବୁଠୁ ରୋଚକ ଥିଲା ଆନ୍ଦ୍ରେ ରସେଲଙ୍କ ଇନିଂସ । ସେ ୨୫ ବଲରୁ ୩ଟି ଚୌକା ଓ ୭ଟି ଛକା ମାରି ୬୪ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ । କିନ୍ତୁ ଦଳୀୟ ସ୍କୋର ୨୦ ଓଭରରେ ୨୦୮/୭ ରନ୍‌ରେ ପହଞ୍ଚି ପାରିଥିଲା । ସନ୍‌ରାଇଜର୍ସର ପି ନଟରାଜନ୍ ୩ଟି, ମୟଙ୍କ ମାର୍କେଣ୍ଡେ ୨ଟି ଓ ପାଟ କମିନ୍ସଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।

୨୦୯ ରନ୍‌ର ବିଜୟଲକ୍ଷ୍ୟ ହାଇଦ୍ରାବାଦ ଭଳି ପାହାଡ ଭଳି ଥିଲା । କିନ୍ତୁ ମୟଙ୍କ ଅଗ୍ରୱାଲ ଓ ଅଭିଶେକ ଶର୍ମା ୫.୩ ଓଭରରେ ୬୦ ରନ୍ ସଂଗ୍ରହ କରି ଦଳର ବିଜୟ ଆଶା ସଞ୍ଚାର କରିଥିଲେ । ମୟଙ୍କ ୨୧ ବଲ୍‌ରୁ ୩୨, ଅଭିଶେକ ଶର୍ମା ୧୯ ବଲ୍‌ରୁ ୩୨ ତଥା ରାହୁଲ ତ୍ରିପାଠୀ ୨୦ ରନ୍ କରି ଆଉଟ୍ ହୋଇଥିଲେ । ଆଦିନ ମାର୍କ୍ରାମ ୧୮ ରନ୍ କରି ପାଭିଲିୟନ୍ ଫେରିବାରୁ ସନରାଇଜର୍ସ ବିଜୟର ନିକଟତର ହୋଇପାରିବ ନାହିଁ ବୋଲି ଲାଗୁଥିଲା । କିନ୍ତୁ ହେନରିଚ କ୍ଲାସେନ ଏକାକୀ ଲଢ଼ିଥିଲେ । ୨୯ ବଲ୍‌ର ସମ୍ମୁଖୀନ ହୋଇ ୮ ଛକା ସହାୟତାରେ ୬୩ ରନ୍ କରିଥିଲେ । ଶେଷ ଓଭର ପର୍ଯ୍ୟନ୍ତ ପଡ଼ିଆରେ ତିଷ୍ଠି ରହିଥିବା କ୍ଲାସେନଙ୍କ ୱିକେଟ୍‌ପତନ ସହ ସନରାଇଜର୍ସର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ଅବଦୁଲ ସମଦ ୧୫ ଓ ସାହାବାଜ ଅହମ୍ମଦ ୫ ବଲରୁ ୧୬ ରନ୍ କରିଥିଲେ । ହର୍ସିତ ରାଣା ଶେଷ ଓଭରରେ ୨ ସେଟ୍ ବ୍ୟାଟର କ୍ଲାସେନ ଓ ସାହାବାଜଙ୍କୁ ଆଉଟ୍ କରି ସନ୍‌ରାଇଜର୍ସର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ହର୍ସିତ ରାଣା ୩ଟି, ଆନ୍ଦ୍ରେ ରସେଲ ୨ଟି, ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

# ପଞ୍ଜାବ ପଞ୍ଝାରେ ଦିଲ୍ଲୀ କ୍ୟାପିଟାଲ୍ସ



ମୋହାଲି,୨୩।୩(ଏଜେନ୍ସି): ପଞ୍ଜାବ କ୍ରିକେଟ୍ ଆସୋସିଏସନ୍ ନୂଆ ଷ୍ଟାଡିୟମ୍ ମୁଲାନପୁରରେ ଆଇପିଏଲ୍ ବିଗୁଲ ବାଜିଛି । ଘରୋଇ ପଞ୍ଜାବ କିଙ୍ଗ୍ସ ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୪ ୱିକେଟ୍‌ରେ ପରାଜିତ କରି ଜମାଣିଆ ଅଭିଯାନ ଆରମ୍ଭ କରିଛି । ୪୭ ବଲ୍‌ରୁ ୬୩ ରନ୍‌ର ଇନିଂସ ଖେଳିଥିବା ପଞ୍ଜାବ କିଙ୍ଗ୍ସର ସାମ କୁରନ୍‌ଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଏହି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତଙ୍କ ନେତୃତ୍ୱରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୪ ରନ୍ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ୧୯.୨ ଓଭରରେ ୧୭୭/୬ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଘରୋଇ ପଞ୍ଜାବର ପଞ୍ଝାରେ ଫସିଛି ଦିଲ୍ଲୀ କ୍ୟାପିଟାଲ୍ସ । ଜମାଣିଆ ବିଜୟ ସହ ଚଳିତ ଆଇପିଏଲ୍ ଋତୁ ଆରମ୍ଭ କରିଛି ପଞ୍ଜାବ ।

ମହାରାଜା ଯାଦବୀନ୍ଦର ସିଂ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମ୍ (ମୁଲାନପୁର)ରେ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶିଖର ଧାୱନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଡେଭିଡ ୱାର୍ଣ୍ଣର ଓ ମିଚେଲ ମାର୍ସ ପାଳି ଆରମ୍ଭ କରିଥିଲେ । ଦିଲ୍ଲୀର ଆରମ୍ଭ ବିସ୍ଫୋରକ ଥିଲା । ୩.୨ ଓଭରରେ ୩୯ ରନ୍ ସଂଗ୍ରହ କରିଥିଲେ ୱାର୍ଣ୍ଣର ଓ ମାର୍ସ । ୧୨ ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ମାରି ୨୦ ରନ୍ ସ୍କୋରରେ ମାର୍ସ ଅର୍ଶଦୀପଙ୍କ ଶିକାର ହୋଇଥିଲେ । ଯୋଡି ଭାଙ୍ଗିବା ସତ୍ତ୍ୱେ ୱାର୍ଣ୍ଣରଙ୍କ ଆକ୍ରମଣ ଥମି ନଥିଲା । ସେ ୨୧ ବଲରୁ ୩ଟି ଚୌକା ଓ ୨ଟି ଛକା ସହାୟତାରେ ହର୍ସାଲ ପଟେଲଙ୍କ ଶିକାର ହୋଇଥିଲେ । ସାଇ ହୋପ ୨୫ ବଲ୍‌ରୁ ୩୩ ରନ୍ ତଥା ୧୪ ମାସ ପରେ କ୍ରିକେଟ ମୈଦାନକୁ ଫେରିଥିବା ୱିକେଟ୍‌ରକ୍ଷକ ବ୍ୟାଟର ଓ ଅଧିନାୟକ ରିଷଭ ପନ୍ତ ୧୩ ବଲ୍‌ରୁ ୧୮ ରନ୍ କରିଥିଲେ । ରିକି ଭୁଇ ୩ ରନ, ତ୍ରିଷ୍ଟାନ ଷ୍ଟବସ ୫ ରନ୍ କରି ଆଉଟ୍ ହୋଇଥିଲେ । ଅଭିଜ୍ଞ ସ୍ପିନର ଅକ୍ଷର ପଟେଲ ୧୩ ବଲ୍‌ରୁ ୨୧ ରନ୍ କରିଥିଲେ । ସେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହେବାରୁ ଦଳୀୟ ସ୍କୋରରେ ଅଙ୍କୁଶ ଲାଗିଥିଲା । କିନ୍ତୁ ଶେଷ ଭାଗରେ ଅଭିଶେକ ପୋରେଲ ମ୍ୟାଚର ମୋଡ ବଦଳାଇ ଦେଇଥିଲେ । ସେ ୧୦ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଓ ୨ଟି ଛକା ସହାୟତାରେ ୩୨ ରନ୍ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୪ ରନ୍‌ରେ ପହଞ୍ଚିଥିଲା । ବୋଲିଂରେ ପଞ୍ଜାବ କିଙ୍ଗ୍ସର ଅର୍ଶଦୀପ ସିଂ ଓ ହର୍ସାଲ ପଟେଲ ଦୁଇଟି ଲେଖାଏଁ ତଥା କାଗିସୋ ରବାଡା, ହରପ୍ରିତ ବ୍ରାର ଓ ରାହୁଲ ଚହର ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୭୫ ରନ୍‌ର ବିଜୟଲକ୍ଷ୍ୟ ପଞ୍ଜାବ ପାଇଁ ଚ୍ୟାଲେଞ୍ଜ ପୂର୍ଣ୍ଣ ଥିଲା । ଅଧିନାୟକ ଶିଖର ଧାୱନଙ୍କ ସହ ଜନି ବେୟାର ଷ୍ଟୋ ପାଳି ଆରମ୍ଭ କରିଥିଲେ । ପ୍ରଥମ ଓଭରରେ ୧୭ ରନ୍‌ର ଆଦାୟ ହୋଇଥିଲା । ଇଶାନ୍ତ ଶର୍ମାଙ୍କ ବଲକୁ ଷ୍ଟେପ୍ ଆଉଟ୍ କରି ବଡ଼ ସଟ ଖେଳିବା ପ୍ରୟାସରେ ଧାୱନ କ୍ଲିନ୍ ବୋଲ୍ଡ ହୋଇଥିଲେ । ପରେ ପରେ ବେୟାର ଷ୍ଟୋ ମଧ୍ୟ ଷ୍ଟ୍ରେଟ୍ ଡ୍ରାଇଭ ଯୋଗୁଁ ରନ୍‌ଆଉଟ୍ ହୋଇଥିଲେ । ବେୟାର ଷ୍ଟୋ ୯ ରନ୍ କରି ପାଭିଲିୟନ୍ ଫେରିବାରୁ ସାମ କୁରନ୍ ଓ ପ୍ରଭସିମରନ୍ ଦାୟିତ୍ୱ ବହନ କରିଥିଲେ । ପ୍ରଭସିମରନ୍ ୧୭ ବଲରୁ ୨୬ ରନ୍ କରି କୁଲଦୀପ ଯାଦବଙ୍କ ଶିକାର ହୋଇଥିବା ବେଳେ ସାମ କୁରନ୍ ଉପଯୋଗୀ ଇନିଂସ ଖେଳିଥିଲେ । ସେ ୪୭ ବଲ୍‌ରୁ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୬୩ ରନ୍ କରିବାରୁ ମ୍ୟାଚ ପଞ୍ଜାବ ସପକ୍ଷକୁ ଚାଲିଯାଇଥିଲା । ଶେଷ ଭାଗରେ ଲିଅମ୍ ଲିଭିଂଷ୍ଟୋନ୍ ଅବଶିଷ୍ଟ କାମ ସମ୍ପୂର୍ଣ୍ଣ କରିଥିଲେ । ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୨ଟି ଚୌକା ଓ ୩ଟି ଛକା ସହାୟତାରେ ୨୧ ବଲରୁ ୩୮ ରନ୍ କରିଥିଲେ । ତେଣୁ ୪ଟି ବଲ ପୂର୍ବରୁ ପଞ୍ଜାବ ୬ ୱିକେଟ୍ ହରାଇ ୧୭୭ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଖଲିଲ ଅହମ୍ମଦ ଓ କୁଲଦୀପ ଯାଦବ ଦୁଇଟି ଲେଖାଏଁ ତଥା ଇଶାନ୍ତ ଶର୍ମାଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା । ଏହି ବିଜୟ ସହ ପଞ୍ଜାବ ୨ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ।

### ଆଜିର ମ୍ୟାଚ

| ରାଜସ୍ଥାନ–ଲକ୍ଷ୍ନୌ | ଗୁଜରାଟ–ମୁମ୍ବାଇ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ଜୟପୁର | ସ୍ଥାନ: ଅହମ୍ମଦାବାଦ |

ପ୍ରସାରଣ: ଜିଓ ସିନେମା, ଷ୍ଟାର ନେଟୱର୍କ

## ଜାତୀୟ ପାରା ବ୍ୟାଡ଼ମିଣ୍ଟନ
# ଦୀପରଞ୍ଜନଙ୍କୁ ରୌପ୍ୟ

ଭୁବନେଶ୍ୱର,୨୩।୩(ସବ୍ୟୁ): ଷଷ୍ଠ ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଆ ପୁଅ ଦୀପ ରଞ୍ଜନ ବିଶୋଇ ରୌପ୍ୟ ପଦକ ଜିତିଛନ୍ତି । ଡବଲ୍ସ ସେମିଫାଇନାଲରେ ଦୀପ ରଞ୍ଜନ ବିଶୋଇ ଓ ମନୋଜ ସରକାରଙ୍କ ଯୋଡି ୧୭-୨୧, ୨୧-୧୫, ୨୧-୧୭ ଗେମ୍‌ରେ ନିହାଲ ଗୁପ୍ତା ଓ ନବୀନ ଶିବ କୁମାରଙ୍କୁ ହରାଇଥିଲେ । ଫାଇନାଲରେ ଦୀପ ଓ ମନୋଜଙ୍କ ଯୋଡି ଆହତ କାରଣରୁ ଖେଳି ପାରିନଥିଲେ । ଫାଇନାଲ ମ୍ୟାଚ ହରିୟାଣାର ତରୁଣ ଓ ନିତେଶ କୁମାରଙ୍କ ସହ ଖେଳାଯିବାର ଥିଲା । ତେଣୁ ତରୁଣ ଓ ନିତେଶଙ୍କୁ ବିଜେତା ଘୋଷଣା କରାଯାଇଥିଲା । ଏଦୃଷ୍ଟିରୁ ଦୀପ ରଞ୍ଜନ ଓ ମନୋଜ ସରକାର ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଓଡ଼ିଶାରୁ ୧୨ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# କାଇପଦର ପ୍ରିମିୟର ଲିଗ୍: ଫାଇନାଲରେ ବାବା ୱାରିୟର୍ସ




ଖୋର୍ଦ୍ଧା,୨୩।୩(ସବ୍ୟୁ):ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ସାଆନ୍ତା ମା ବଘେଇ କ୍ରିକେଟ ଖେଳ ପଡିଆ ଠାରେ ସ୍ୱସ୍ତିକ କ୍ଲବ ଆନୁକୁଲ୍ୟରେ ସ୍ୱନସର୍ ପାଇକରାୟ ଷ୍ଟୋନ ଓ ସର୍ବେଶ୍ୱର ଟେର୍ଡସ ଦ୍ୱାରା ଆୟୋଜିତ ହୋଇଥିବା ଶନିବାରର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବାବା ୱାରିୟର୍ସ ଓ ବଦମାସ୍ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମେ ବଦମାସ୍ ଏକାଦଶ ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ସମସ୍ତ ୱିକେଟ୍ ବିନିମୟରେ ୧୦୯ ରନ୍ କରିଥିଲା । ଦଳ ତରଫରୁ ବିଶ୍ୱରଞ୍ଜନ ପାହାଡାସିଂହ ୩୭ ବଲରୁ ୪୫ ରନ କରିଥିଲେ । ଜବାବରେ ବାବା ୱାରିୟର୍ସ ୧୩ ଓଭର ଖେଳି ୭ ୱିକେଟ୍ ହରାଇ ୧୧୦ ରନ୍ କରିଥିଲା । ଦଳ ତରଫରୁ ଯଶୋବନ୍ତ ହରିଚନ୍ଦନ ୨୧ ବଲରୁ ୩୮ ରନ କରିଥିଲେ । ଫଳରେ ବାବା ୱାରିୟର୍ସ ୩ ୱିକେଟରେ ବିଜୟୀ ହୋଇଥିଲେ । ବାବା ୱାରିୟର୍ସ ଦଳର ଯଶୋବନ୍ତ ହରିଚନ୍ଦନ ୨୧ ବଲରୁ ୩୮ ରନ କରି ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା ଦାୟିତ୍ୱରେ ଥିଲେ ସନ୍ତୋଷ କୁମାର ପରିଡ଼ା ଓ ତିରୁପତି ସାମନ୍ତରାୟ । ସ୍କୋରର ଦାୟିତ୍ୱରେ ଥିଲେ ଦିନେଶ ମହାରଥି, ସୁବ୍ରତ ମଲ୍ଲ । ମୁଖ୍ୟ ଅତିଥି କାଇପଦର ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ଅରିସଲ, ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ସମିତି ସଭ୍ୟ ପ୍ରତିନିଧି ବିଷ୍ଣୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ, ଗୋପିନାଥ ମହାରଥି, ଦିଲ୍ଲୀପ ସାହୁ, ଅଭିଷେକ ଛୋଟରାୟ ଆକାଶ ମହାପାତ୍ର, ପ୍ରକାଶ ରଣସିଂହ, ଭିକାରୀ ମାର୍ଥା, ରବିନ୍ଦ୍ର ମାର୍ଥା,ଭରତ ସିଂହ, ସୁବାସ ଓଝା,କବି ପାଇକରାୟ,ତପୁ ରଣସିଂହ,ଦୀପକ ଅରିସଲ, ତାରାପ୍ରସାଦ ପାଲଟାସିଂହ, ଦିଲ୍ଲୀପ ସିଂ, ପ୍ରମୋଦ ସିଂ, ଶୁଭ ପ୍ରସାଦ ରଣସିଂହ, ବିପ୍ଳନ୍ ଜ୍ୟୋତି ରାଉତରାୟ, ପ୍ରେମଜିତ ରଣସିଂହ, ଆକାଶ ମହାପାତ୍ର, ସୁଶାନ୍ତ ଜୁଝାରସିଂହ, ଇଶ୍ୱର ପାଇକରାୟ, ରାଜେଶ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍
# ସ୍ପୋର୍ଟ୍ସ ଓଡ଼ିଶାର ଗୋଲ୍ ବର୍ଷା



ଭୁବନେଶ୍ୱର,୨୩।୩(ସବ୍ୟୁ): ୧୫ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୨୩-୦ ଗୋଲ୍ ବ୍ୟବଧାନରେ ଜୋବ୍ରା ମ୍ୟୁନିସିପାଲଟି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ଧରାଶାୟୀ କରିଛି । ରୂପଶ୍ରୀ ମୁଣ୍ଡା ୫ଟି, ଲିଜା ମଲ୍ଲିକ ୩ଟି, ଅନିତା କୁମ୍ଭାର, ଅକ୍ଷି ନାୟକ, ରଶ୍ମିତା ନାୟକ, ଭାରତୀ କିସକୋ ପ୍ରମୁଖ ଦୁଇଟି ଲେଖାଏଁ ଗୋଲସ୍କୋର କରିଥିଲେ । ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଏକାଦଶ ୭-୦ ଗୋଲ୍‌ରେ ଫାଓ ଏକାଡେମୀକୁ ଧରାଶାୟୀ କରିଥିଲା । ଅଣ୍ଡାମଣି ବାସ୍କେ ୪ଟି, ସନ୍ଧାନାଇ ୧୨, ଜ୍ୟୋତି ମାଝି ଓ ଇସା ମାଣିକି ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ । ତୃତୀୟ ମ୍ୟାଚରେ ୪-୨ ଗୋଲ୍‌ରେ କାଜି ବଜାର ବାଳିକା ହାଇସ୍କୁଲକୁ ହରାଇଥିଲା ।

# ଆଇଟା-କେଡିଟିଏ ଟେନିସ୍ ଚାମ୍ପିଅନ୍‌ସିପ୍: ସନ୍‌ରଚନାଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୨୩।୩(ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୧୨,୧୪ ବର୍ଷରୁ କମ୍ ଆଇଟା-କେଡିଟିଏ ଚାମ୍ପିଅନ୍‌ସିପ୍ ସିରିଜ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଝିଅ ସନରଚନା ଦାସ ଦ୍ୱିମୁକୁଟର ଅଧିକାରୀ ହୋଇଛନ୍ତି । ସେ ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ଓ ୧୪ ବର୍ଷରୁ କମ୍ ଡବଲ୍ସ ଚାମ୍ପିଅନ୍ ହୋଇଛନ୍ତି । ସେହିଭଳି ଓଡ଼ିଶାର ଅନ୍ୟତମ ତାରକା ସାଜଫା ଏସ୍‌କେ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ୍ ହୋଇଛନ୍ତି ।

୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସନରଚନା ଦାସ ୬-୧, ୬-୩ ସେଟ୍‌ରେ ଭି ବିଜେତାଙ୍କୁ ହରାଇଥିଲେ । ୧୪ ବର୍ଷରୁ କମ୍ ବାଳିକା ଡବଲ୍ସରେ ସନରଚନା ଓ ସାଜଫାଙ୍କ ଯୋଡି ୬-୧, ୬-୩ ସେଟ୍‌ରେ ସାନଭି ମହାନ୍ତି ଓ ପ୍ରିୟାଂଶି ଚାଟାର୍ଜୀଙ୍କୁ ଧରାଶାୟୀ କରିଥିଲେ । ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସାଜଫା ୬-୧, ୬-୩ ସେଟ୍‌ରେ ସନରଚନାଙ୍କୁ ହରାଇ ଟାଇଟଲ ଜିତିଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେଡିଟିଏ ସଭାପତି ମଧୁସୂଦନ ପାଢ଼ୀ, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦାମୋଦର ପ୍ରଧାନୀ, କେଡିଟିଏ ସମ୍ପାଦକ ଅସୀତ ପ୍ରଧାନ, ତନ୍ମୟ ମିଶ୍ର, ରବିନ୍ଦ୍ର ସେନାପତି, ଦୁଷ୍ମନ୍ତ ଟୁଙ୍ଗା, ସମ୍ବିତ ପଟ୍ଟନାୟକ ଓ ଜତିନ ବସ୍ୟ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ।

ଶୁଭ ବ୍ରତୋପନୟନ

ଚିକୁନ୍‌ର ବ୍ରତୋପନୟନ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।




Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking.
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ଭୁବନେଶ୍ୱର ଏ', ରେଳବାଇ, କଟକ ଏ', ବାଲେଶ୍ୱର, ରାଉରକେଲା ବିଜୟୀ

## କଳାହାଣ୍ଡି କପ୍



ଭୁବନେଶ୍ୱର,୨୩।୩(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ର ପ୍ରିମିୟର ଲିଗ୍ ପର୍ଯ୍ୟାୟରେ ଶନିବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର ଏ', ରେଳବାଇ, ଭୁବନେଶ୍ୱର ବି', ଭୁବନେଶ୍ୱର ଏ', ବାଲେଶ୍ୱର ଓ ରାଉରକେଲା ବିଜୟୀ ହୋଇଛନ୍ତି ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ' ଦୁଇ ୱିକେଟ୍‌ରେ ଖୋର୍ଦ୍ଧାକୁ ହରାଇଛି । ଏହି ମ୍ୟାଚରେ ଖୋର୍ଦ୍ଧା ୪୯.୨ ଓଭରରେ ୨୪୯ ରନ୍ କରିଥିଲା । ଭୁବନେଶ୍ୱର ଏ' ୫୦ ଓଭରରେ ୨୫୨/୮ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ରେଳବାଇ ୭ ୱିକେଟ୍‌ରେ ସମ୍ବଲପୁର ଏ'କୁ ହରାଇଛି । ଏହି ମ୍ୟାଚରେ ସମ୍ବଲପୁର ଏ' ୨୫୭ ରନ୍ କରିଥିବା ବେଳେ ରେଳବାଇ ୧୬୨/୩ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ କଟକ ବି' ୪ ୱିକେଟ୍‌ରେ ସୁନ୍ଦରଗଡ଼କୁ ହରାଇଛି । ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ କଟକ ଏ' ୧୫୪ ରନ୍ ବ୍ୟବଧାନରେ ଢ଼େଙ୍କାନାଳକୁ ହରାଇଥିଲା । ଏହି ମ୍ୟାଚରେ କଟକ ଏ' ୫୦ ଓଭରରେ ୯ ୱିକେଟ୍ ହରାଇ ୩୭୨ ରନ୍ କରିଥିଲା । ଅଭିଶେକ ରାଉତ ୧୨୮ ରନ୍ କରିଥିଲେ । ଢ଼େଙ୍କାନାଳ ୪୦ ଓଭରରେ ୨୧୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଡ୍ରିମ୍ସ ଷ୍ଟାଡିୟମ୍ ଅନୁଷ୍ଠିତ ମ୍ୟାଚରେ ବାଲେଶ୍ୱର ୩ ୱିକେଟ୍‌ରେ ଝାରସୁଗୁଡାକୁ ହରାଇଥିଲା । ସେହିଭଳି ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ରାଉରକେଲା ୨୬ ରନ୍ ବ୍ୟବଧାନରେ ଯାଜପୁରକୁ ହରାଇଥିଲା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: ସମ୍ପାଦକ: ପପୁ ମହାନ୍ତି